NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
2 AUGUST 2025
ଶନିବାର
୨ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 79 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୭୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ପାଞ୍ଚ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା-୩.୦କୁ ମଞ୍ଜୁରୀ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:**

'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା -୩.୦କୁ ମଞ୍ଜୁରୀ ମିଳିଛି। ଆଗାମୀ ପାଞ୍ଚ ବର୍ଷ ଅର୍ଥାତ୍ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ବର୍ଷ ପର୍ଯ୍ୟନ୍ତ ୨୭୩୮କୋଟି ଟଙ୍କା ଅନୁମୋଦନ ହୋଇଛି। ଏହି ଯୋଜନା ଦ୍ୱାରା ୫୭,୫୨୫ ହେକ୍ଟର୍ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରିବା ସହିତ ୪୧,୭୧୩ ହେକ୍ଟର ଚାଷ ଜମିକୁ ପୁନଃ ଜଳସେଚନ ବ୍ୟବସ୍ଥା ଯୋଗାଇ ଦିଆଯିବ। ଏହି ଯୋଜନା ଦ୍ୱାରା ମୌସୁମୀ ପରବର୍ତ୍ତୀ ସମୟରେ ଗ୍ରାମଗୁଡ଼ିକୁ ପାନୀୟଜଳ ଯୋଗାଇବା, ଭୂତଳ ଜଳ ପୁନଃଭରଣ ତଥା ଖରିଫ୍ ଜଳସେଚନକୁ ବୃଦ୍ଧି କରାଯାଇପାରିବ। ସେହିପରି ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ-୨୦୧୭ରେ ସଂଶୋଧନ ହେବ। ଏହି ବ୍ୟବସ୍ଥାକୁ ସରଳ କରିବା ସହ କରଦାତା ଓ କର ପ୍ରଶାସକଙ୍କୁ କେତେକ ସୁବିଧା ପ୍ରଦାନ କରାଯିବ। ଏଥିସମ୍ପର୍କିତ ପ୍ରସ୍ତାବରେ ରାଜ୍ୟ କ୍ୟାବିନେଟ୍ ମୋହର ବାଜିଛି।

ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍‌ର ୨୩ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ, କ୍ୟାବିନେଟ୍ ବୈଠକରେ ମୋଟ୍ ଚାରି ବିଭାଗର ୫ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା। ଜଳସମ୍ପଦ ବିଭାଗର ଗୋଟିଏ, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବିଭାଗର ଗୋଟିଏ, ବିଧି (ଆଇନ) ବିଭାଗର ଦୁଇଟି ଏବଂ ଅର୍ଥ ବିଭାଗର ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିଲା।

ମୁଖ୍ୟ ଶାସନ ସଚିବ କହିଥିଲେ, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରୀ ଯୋଜନା -୩.୦କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ଥିବା ଛୋଟ ଛୋଟ ନାଳଗୁଡ଼ିକରେ ୩୩୧୩ଟି କରି ନୂତନ ଆଡ଼ିବନ୍ଧ ଦ୍ୱାରା ଜଳସେଚିତ ଜମିରେ ସୁନିଶ୍ଚିତ ନୂତନ ଜଳସେଚନ ବ୍ୟବସ୍ଥା ହେବ। ସେହିପରି ଅଚଳ ଆଡ଼ିବନ୍ଧ ନିର୍ମାଣ ଅବସ୍ଥାରେ ଥିବା ୩୫୨୯ ଆଡ଼ିବନ୍ଧଗୁଡ଼ିକର ପୁନଃରୁଦ୍ଧାର ଦ୍ୱାରା ନିରବଚ୍ଛିନ୍ନ ଜଳସେଚନ ବ୍ୟବସ୍ଥା ନିମନ୍ତେ ମଧ୍ୟ ସରକାର ଯୋଜନା କରିଛନ୍ତି।

ମୁଖ୍ୟ ସଚିବ କହିଛନ୍ତି ଯେ ଭାରତୀୟ ନ୍ୟାୟ ସଂହିତା-୨୦୨୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ▶▶ ୫



### ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ଯାଏ ୨୭୩୮କୋଟି ଅନୁମୋଦନ

### ମୌସୁମୀ ପରବର୍ତ୍ତୀ ସମୟରେ ଗ୍ରାମକୁ ଯୋଗାଇ ହେବ ପାନୀୟଜଳ

### ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ-୨୦୧୭ରେ ହେବ ସଂଶୋଧନ

### ସଂଶୋଧିତ ହେବ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬

ସଂଶୋଧନ ହେବ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬। ଆର୍ଥିକ ପ୍ରୋତ୍ସାହନର ମଞ୍ଜୁରୀକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି -୨୦୧୬ ଅଧୀନରେ ବ୍ୟବସ୍ଥାକୁ ଓଡ଼ିଶା ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି -୨୦୨୨ର ଅନୁରୂପ ବ୍ୟବସ୍ଥା ସହିତ ସମାନ କରାଯିବ।

ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା କହିଛନ୍ତି, ପୂର୍ବରୁ, ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଆର୍ଥିକ ପ୍ରୋତ୍ସାହନ ଆବେଦନଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ଯଥା: ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଅଧ୍ୟକ୍ଷତାରେ ଏସ୍‌ଡିଏଲ୍‌ସି (୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ), ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସବ୍ ଏସ୍‌ଡିଏଲ୍‌ସି (୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ) ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏସ୍ଏଲ୍‌ଇସି (୧ କୋଟି ଟଙ୍କାରୁ ଅଧିକ) ଗଠିତ ହୋଇଥିଲା। ଏହି ସଂଶୋଧନ ସହିତ, ଏବେ କମିଟିଗୁଡ଼ିକ ଯଥା: ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ▶▶ ୫

## ୫ ଯାଏ ପ୍ରବଳ ବର୍ଷା



**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:**

ବାୟୁ ମଣ୍ଡଳରେ ଥିବା ଜଳୀୟବାଷ୍ପର ପରିମାଣକୁ ନେଇ ଓଡ଼ିଶାରେ ଅଧିକାଂଶ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡିକରେ ବର୍ଷା ସହ ପ୍ରବଳ ବଜ୍ରପାତ ହେବ। ଆସନ୍ତା ୫ ତାରିଖ ଯାଏ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ସୂଚନା ଅନୁସାରେ ଆସନ୍ତାକାଲି ଓ ୩ ତାରିଖରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ସେହିପରି ୪ ଓ ୫ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ମୌସୁମୀ ବାୟୁ ଏବେ ଶ୍ରୀଗଙ୍ଗାନଗର, ରୋହତକ, ଶାହଜାହାନପୁର, ଗୋରଖପୁର, ଦରଭଙ୍ଗା, ଶାନ୍ତିନିକେତନ, କ୍ୟାନିଂ ଏବଂ ସେଠାରୁ ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଯାଇଛି। ସେପଟେ ଜୁନ୍ ୧ରୁ ଆଜି ଯାଏ ୬୧୬.୧ ମିମି ବର୍ଷା ରେକର୍ଡ ହୋଉଛି। ସ୍ୱାଭାବିକ ୫୬୦.୬ ମିଲିମିଟର ବର୍ଷା ରହିବା କଥା, ଅର୍ଥାତ୍ ଆଜି ସୁଦ୍ଧା ୧୧ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ୯ଟି ଜିଲ୍ଲାରେ ଅତିରିକ୍ତ, ୧୬ଟି ଜିଲ୍ଲାରେ ସାଧାରଣ ଏବଂ ବାକି ୫ଟି ଜିଲ୍ଲାରେ ଅଭାବ ବର୍ଷା ରେକର୍ଡ ହୋଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ହେମଗିରିରେ ସର୍ବାଧିକ ୩୪.୦୦ ମିମି ବର୍ଷା ରେକର୍ଡ ହୋଇଛି। ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡି ଓ ନୟାଗଡ଼ରେ ୩୫.୦ ଡିଗ୍ରୀ ଓ ସର୍ବନିମ୍ନ ଫୁଲବାଣୀରେ ୨୦.୦ ଡିଗ୍ରୀ ରେକର୍ଡ କରାଯାଇଛି।

# ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ

## ପ୍ରଥମ ଦିନରେ ବୁଲିଲେ ୬୧ ପର୍ଯ୍ୟଟକ

**ରାଜନଗର,୧।୮/ଏନ୍ଏନ୍ଏସ୍:** ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଖୋଲିଲା ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। କୁମ୍ଭୀର ପ୍ରଜନନ ଋତୁ ପାଇଁ ୩ମାସ ବନ୍ଦ ରହିବା ପରେ ଶୁକ୍ରବାର ଡାଙ୍ଗମାଳ ମୁଖ୍ୟ ଗେଟ୍‌ରେ ପୂଜାର୍ଚ୍ଚନା ପରେ ପର୍ଯ୍ୟଟକଙ୍କ ପାଇଁ ଏହାକୁ ଖୋଲାଯାଇଥିଲା। ପ୍ରଥମ ଦିନରେ ମୁଖ୍ୟ ଗେଟ୍ ଦେଇ ସ୍ଥଳପଥରେ ୩୮ ପୁରୁଷ, ୩ ମହିଳା ଓ ଜଳପଥରେ ଖୋଲାରୁ ୫ ପୁରୁଷ ଓ ୫ ମହିଳା ଏବଂ ଗୁପ୍ତିରୁ ୬ ପୁରୁଷ ଓ ୪ ମହିଳାଙ୍କ ସମେତ ମୋଟ ୬୧ଜଣ ପର୍ଯ୍ୟଟକ ପ୍ରବେଶ କରିଥିଲେ। ଭିତରକନିକାର ପ୍ରବେଶଦ୍ୱାର ଡାଙ୍ଗମାଳ ମୁଖ୍ୟ ଗେଟରେ ସହକାରୀ ବନସଂରକ୍ଷକ ମାନସ ଦାସଙ୍କ ନେତୃତ୍ୱରେ ଫରେଷ୍ଟର୍ ପ୍ରଶାନ୍ତ ସିଂ, ନବୀନ କୁମାର ମଲ୍ଲିକ, ପ୍ରଫୁଲ୍ଲ କୁମାର ମାଝୀ, ଫରେଷ୍ଟଗାର୍ଡ ବବୁଲ କୁମାର ପରିଡ଼ା, କଳ୍ପତରୁ ସେଠୀ, ହେମନ୍ତ ପାଣିଗ୍ରାହୀଙ୍କ ସହ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ମିଠା ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତି ଗେଟ୍‌ରେ ରାଜନଗର ଫରେଷ୍ଟର ବିଭୂତି ଭୂଷଣ ତରାଇ, ଫରେଷ୍ଟଗାର୍ଡ ତ୍ରିଦୀପ ପ୍ରଧାନ, ବିଶ୍ୱରଞ୍ଜନ ତରାଇ, ଦେବପ୍ରସାଦ ମୁଣ୍ଡା, ଘରୋଇ ବୋଟ ଆସୋସିଏସନ୍‌ର ସଭାପତି ରମେଶଚନ୍ଦ୍ର ମିସ୍ତ୍ରୀ, ଇଡିସି କମିଟି ସଭ୍ୟ ଖଗେଶ୍ୱର ଲେଙ୍କା, ଗିରିଶଚନ୍ଦ୍ର ନାୟକଙ୍କ ସମେତ ମିଶନଶକ୍ତିର ମହିଳାମାନେ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପର୍ଯ୍ୟଟକମାନଙ୍କ ପାଇଁ ୪ଟି ଶବ୍ଦ ବିହୀନ ବ୍ୟାଟେରୀ ଚାଳିତ ଗାଡି ଓ ନଦୀ ମଧ୍ୟରେ ବୁଲିବା ପାଇଁ ଶବ୍ଦ ବିହୀନ ବୋଟ୍‌ର ବ୍ୟବସ୍ଥା କରାଯାଇଛି। ଲୁଣାଜଙ୍ଗଲର ସମସ୍ତ ଗଛର ଚାରା ନର୍ସରୀ ମଧ୍ୟରେ ଦେଖିବାକୁ ପାଇବେ। ସେହିପରି ପର୍ଯ୍ୟଟକଙ୍କ ପାଇଁ ନଦୀଠାରୁ ଅଳ୍ପ ଦୂରରେ ସେଲ୍‌ଫି ପଏଣ୍ଟ ବ୍ୟବସ୍ଥା କରାଯାଇଛି। ଦୁଇଟି ଧଳା କୁମ୍ଭୀର ଗୋରୀ ଓ ମଲୀ ସହ ଅନ୍ୟ ଗୋଟିଏ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବାକୁ ପାଇବେ। ପର୍ଯ୍ୟଟକମାନଙ୍କ ମଧ୍ୟରେ ଆସିଥିବା ଛୋଟ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକମାନେ ଖୋଲାଯାଇଥିବା ବୋଟ ଲାଇବ୍ରେରୀରୁ ପରିବେଶ ଓ ବିଶେଷକରି ଭିତରକନିକାର ଜୈବବିବିଧତା ଏବଂ ବିଭିନ୍ନ ପ୍ରକାର ବହି ପଢିବାର ସୁବିଧା ପାଇପାରିବେ। ଚଳିତବର୍ଷ ପର୍ଯ୍ୟଟକମାନଙ୍କ ଆଗମନକୁ ଦୃଷ୍ଟିରେ ରଖି କନିକା ରେଞ୍ଜ ପରିସରରେ ସ୍କାଏ ୱାକ୍ ସହ ସୁନ୍ଦର ଗେଟ୍ ନିର୍ମାଣ କରାଯିବା ସହ ଭିତରକନିକା ପାର୍ଶ୍ୱରେ ଅନ୍ୟ ଏକ ଗେଟ୍ ଓ ୱାଚ୍ ଟାୱାର୍ ନିର୍ମାଣ କରାଯାଇଛି। ଭିତରକନିକାରେ ପଲିଥିନ ବାରଣ କରାଯାଇଥିବାରୁ ପର୍ଯ୍ୟଟକମାନେ ପଲିଥିନ ନ ଆଣିବା ସହ ସାଙ୍ଗରେ ପରିଚୟପତ୍ର ଆଣିବା ପାଇଁ କୁହାଯାଇଛି।



## ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ

**ନୂଆଦିଲ୍ଲୀ,୧।୮/ଏଜେନ୍ସି:**

ସେପ୍ଟେମ୍ବର ୯ ତାରିଖରେ ଭାରତର ପରବର୍ତ୍ତୀ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଶୁକ୍ରବାର ଭାରତର ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଛି। ଏଥିପାଇଁ ଅଗଷ୍ଟ ୭ ତାରିଖରେ ଅଧିସୂଚନା ଜାରି ହେବ। ଅଧିସୂଚନା ଜାରି ହେବା ସହିତ ହିଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେବ। ଏଥିପାଇଁ ଅଗଷ୍ଟ ୨୧ ତାରିଖ ଶେଷ ଦିନ ଭାବେ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୨୫ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରଖାଯାଇଛି। ନିର୍ବାଚନରେ ଉଭୟ ଲୋକସଭା ଓ ରାଜ୍ୟସଭାର ମୋଟ ୭୮୮ ସାଂସଦ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ରାଜ୍ୟସଭାର ୨୩୩ ନିର୍ବାଚିତ ସଦସ୍ୟ ଏବଂ ୧୨ ମନୋନୀତ ସଦସ୍ୟ ଏବଂ ଲୋକସଭାର ୫୪୩ ସଦସ୍ୟ ସାମିଲ। ନିର୍ବାଚନରେ ଭାଗ ନେବାକୁ ଥିବା ଇଲେକ୍ଟୋରାଲ୍ କଲେଜ ଅର୍ଥାତ୍ ଭୋଟ୍ ଦେବାକୁ ଥିବା ସାଂସଦଙ୍କ ତାଲିକା ଗୁରୁବାର ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ରାଜ୍ୟସଭା ସଚିବାଳୟର ମହାସଚିବ ପିସି ମୋଦୀଙ୍କ ରିଟର୍ଣ୍ଣିଂ ଅଧିକାରୀ ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟସଭା ସଚିବାଳୟର ଯୁଗ୍ମ ସଚିବ ଗରିମା ଜୈନ ଏବଂ ରାଜ୍ୟସଭା ସଚିବାଳୟର ନିର୍ଦ୍ଦେଶକ ବିଜୟ କୁମାର ସହାୟକ ▶▶ ୫

# ବିଏଡ୍ ନାମଲେଖା ସମୟସୂଚୀ ପ୍ରକାଶ

## ୧୯ରେ ଦ୍ୱିତୀୟ, ୨୬ରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:**

ପ୍ରକାଶ ପାଇଲା ବିଏଡ୍ ନାମଲେଖା ପାଇଁ ପରିବର୍ତ୍ତିତ ସମୟସୂଚୀ। ମାର୍କ ଅନୁଯାୟୀ ପୂର୍ବରୁ ଦେଇଥିବା ଚଏସ୍ ଲକିଂ ଅଗଷ୍ଟ ୪ ତାରିଖ ସୁଦ୍ଧା ପରିବର୍ତ୍ତନ କରିପାରିବେ। ଏହା ପରେ ୮ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୩ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ୍ ଅପ୍‌ସନ୍ ଦେବେ। ଏହାସହ ୧୧ରୁ ୧୩ ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ନାମ ଲେଖାଇ ପାରିବେ। ୧୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୨୨ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ୍ ଅପ୍‌ସନ୍ ଦେବା ସହ ନାମ ଲେଖାଇ ପାରିବେ। ଏହାପରେ ୨୬ରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ୧ ସୁଦ୍ଧା ଏହାର ନାମଲେଖା ସରିବ। ଚତୁର୍ଥ ପର୍ଯ୍ୟାୟ ବା ସ୍ପଟ୍ ନାମଲେଖା ପାଇଁ ସେପ୍ଟେମ୍ବର ୩ରୁ ୫ତାରିଖ ମଧ୍ୟରେ ଆବେଦନ କରିପାରିବେ। ଏହାର ମେଧା ତାଲିକା ୮ ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ୧୩ ତାରିଖ ମଧ୍ୟରେ ନାମଲେଖା ସରିବ। ସେପ୍ଟେମ୍ବର ୨ରୁ ବିଏଡ୍ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରକାଶଥାଉକି, ପୂର୍ବରୁ ଜୁନ୍ ୨୫ ତାରିଖରେ ପ୍ରଥମ ରାଉଣ୍ଡ ମେଧାତାଲିକା ପ୍ରକାଶ ପାଇବା ସହ ଜୁଲାଇ ୨୨ତାରିଖ ସୁଦ୍ଧା ତୃତୀୟ ପର୍ଯ୍ୟାୟ ନାମଲେଖା ସାରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ବିଏଡ୍ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅସଙ୍ଗତି ହୋଇଥିବା ଅଭିଯୋଗ ହେବାରୁ ନାମଲେଖା ପ୍ରକ୍ରିୟାକୁ ବାତିଲ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦାବି ପରେ ପ୍ରୋଭିଜିନାଲ୍ ଆନ୍‌ସାର କି' ପ୍ରକାଶ ପାଇଥିଲା। ଏହାପରେ ଗତ ୨୧ ତାରିଖରେ ଚୂଡ଼ାନ୍ତ ପରିବର୍ତ୍ତିତ ଆନ୍‌ସର୍ କି' ପ୍ରକାଶ ପାଇଥିବାବେଳେ ପ୍ରାୟ ୧୭ଟି ଉତ୍ତର ପରିବର୍ତ୍ତନ ହୋଇଛି। ଆସନ୍ତାକାଲି ପରିବର୍ତ୍ତିତ ମାର୍କ ପ୍ରକାଶ ପାଇବାର ଥିବାରୁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉକ୍ରଣ୍ଠା ରହିଛି। ଜୁଲାଇ ୨୪ ତାରିଖରୁ ପାଠପଢ଼ା ଆରମ୍ଭ କରିବାକୁ ମୂଳ ବିଜ୍ଞପ୍ତିରେ ଧାର୍ଯ୍ୟ ହୋଇଥିବାବେଳେ ସାନି ବିଜ୍ଞପ୍ତି ଅନୁଯାୟୀ ସେପଟେମ୍ବର ୨ରୁ ବିଏଡ୍ ପାଠପଢ଼ା ଆରମ୍ଭ ହେବ।

Higher Education Department
Government of Odisha

# ପୁରୀ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ: ମିଳିସାରିଛି ମଞ୍ଜୁରୀ

- ବର୍ଷକୁ ୪.୬ ନିୟୁତ କ୍ଷମତା ବିଶିଷ୍ଟ ହେବ ଯାତ୍ରୀ ପରିବହନ
- ବିମାନବନ୍ଦର ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟର ଆପତ୍ତି ନାହିଁ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:**

ପୁରୀ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ମିଳିସାରିଛି ମଞ୍ଜୁରୀ। ବିମାନବନ୍ଦର ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟର ଆପତ୍ତି ନାହିଁ। ବର୍ଷକୁ ୪.୬ ନିୟୁତ କ୍ଷମତା ବିଶିଷ୍ଟ ହେବ ଯାତ୍ରୀ ପରିବହନ।

ରାଜ୍ୟସଭାରେ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ଏଥିସମ୍ପର୍କିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରପା ରାମ ମୋହନ ରାଇଡୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ୨୦୨୩ ସେପ୍ଟେମ୍ବରରେ ସାଇଟ୍ କ୍ଲିଅରାନ୍ସ ମିଳିଛି। ୬ ମେ' ୨୦୨୫ରେ ରାଜ୍ୟ ସରକାରଙ୍କୁ ନୀତିଗତ ମଞ୍ଜୁରି ମଧ୍ୟ ମିଳିସାରିଛି। ଚଳିତ ବର୍ଷ ଜୁନ୍‌ରେ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଦ୍ୱାରା ବିମାନବନ୍ଦର ପ୍ରକଳ୍ପ ପାଇଁ ପରିବେଶଗତ ମଞ୍ଜୁରି ସୁପାରିଶ କରାଯାଇଛି। ବିମାନ ସଂଯୋଗୀକରଣ ଫଳରେ ଅର୍ଥନୀତିରେ ୩.୨୫ ଏବଂ ନିଯୁକ୍ତି କ୍ଷେତ୍ରରେ ୬.୧ ଗୁଣ ବଢ଼ିବ ବୋଲି ଆକଳନ କରାଯାଇଛି।

# ୩୧ରେ ସ୍ପେଶାଲ୍ ଓଟିଇଟି ପରୀକ୍ଷା

## ୨୨ରୁ ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ

**କଟକ,୧।୮/ଏନ୍ଏନ୍ଏସ୍:**

ଆସନ୍ତା ଅଗଷ୍ଟ ୩୧ ତାରିଖରେ ହେବ ସ୍ପେଶାଲ୍ ଓଟିଇଟି ପରୀକ୍ଷା। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ୨ଟି ସିଟିଂରେ ସ୍ପେଶାଲ୍ ଓଟିଇଟି ହେବ। ସକାଳ ୯ଟାରୁ ୧୧.୩୦ ମିନିଟ୍ ଯାଏ ପେପର୍-୧ ପରୀକ୍ଷା ଏବଂ ଦିନ ୨ଟାରୁ ସାଢ଼େ ୪ଟା ଯାଏ ପେପର୍-୨ ପରୀକ୍ଷା ଅନୁଷ୍ଠିତ ହେବ। ଅଗଷ୍ଟ ୨୨ରୁ ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ଼ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

## ଓଡ଼ିଆ ସିନେମା ପାଇଁ ଖୁସି ଖବର

# 'ପୁଷ୍କରା'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

**ଭୁବନେଶ୍ୱର,ନୂଆଦିଲ୍ଲୀ,୧।୮/ଏନ୍ଏନ୍ଏସ୍:**


୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଶୁକ୍ରବାର ଘୋଷଣା ହୋଇଛି। ସିନେମାରେ ଅବଦାନ ପାଇଁ ବିଭିନ୍ନ ବର୍ଗରେ ଏହି ପୁରସ୍କାର ଘୋଷଣା କରାଯାଇଛି। ଶାହରୁଖ ଖାନ୍, ରାଣୀ ମୁଖାର୍ଜୀ ଏବଂ ବିକ୍ରାନ୍ତ ମାସେଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ସହ

### ଶାହରୁଖ ଖାନ୍, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମାସେ ଶ୍ରେଷ୍ଠ ଅଭିନେତା

'ପୁଷ୍କରା' ଏବଂ 'ହନୁମାନ' ଭଳି ଆଞ୍ଚଳିକ ଚଳଚ୍ଚିତ୍ରକୁ ଜାତୀୟ ଫିଲ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

ଓଡ଼ିଆ ସିନେ ଜଗତକୁ ମିଳିଛି ବଡ଼ ଉପହାର। ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଆସିଛି ଖୁସିର ଖବର। ସବ୍ୟସାଚୀ ମିଶ୍ର ଅଭିନୀତ 'ପୁଷ୍କରା'କୁ ମିଳିଛି ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର। ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ତରଙ୍ଗ ସିନେ ପ୍ରଡକ୍‌ସନ୍ସର ଏହି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ର ଅଭୀନୟ କରିଛନ୍ତି। ୨୦୨୩ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା' ବହୁ ପ୍ରଶଂସା ସାଉଁଟିଥିଲା। ତରଙ୍ଗ ସିନେ ପ୍ରଡକ୍ସନ୍ ବ୍ୟାନର୍‌ରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସବ୍ୟସାଚୀ ମିଶ୍ର ଓ ସୁପ୍ରିୟା ନାୟକ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଥିଲେ। ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି, ପିଣ୍ଟୁ ନନ୍ଦ, ଅଳକା ଶତପଥୀ ଆଦି କଳାକାର ଏଥିରେ ଅଭିନୟ କରିଥିଲେ।

ତରଙ୍ଗ ସିନେ ପ୍ରଡକ୍‌ସନ୍ସ ବ୍ୟାନର୍‌ରେ ପ୍ରସ୍ତୁତ ଏହି ଫିଲ୍ମର କଥାବସ୍ତୁ ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ଏହାର କାହାଣୀ ମୃତ୍ୟୁ ପରେ ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ପର୍ଯ୍ୟବେସିତ। 'ପୁଷ୍କରା'ର ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି ଦେବୀଦତ୍ତ ମହାନ୍ତି। ସିନେମାଟୋଗ୍ରାଫର୍ ଶୁଭ୍ରାଂଶୁ ଦାଶ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି। ରମେଶ ବାରିକ ଏହାର ନିର୍ମାତା। ବିଭୂତି ଭୂଷଣ ଗଡ଼ନାୟକ ଏହାର ସଙ୍ଗୀତକାର୍। ପ୍ରତିଦିନ ମରଣକୁ ଛୁଇଁ ଅନ୍ୟର ପାପକୁ ନିଜ କାନ୍ଧରେ ବୋହି ମରିବାକୁ ନିଜ ବେଉସା କରିଥିବା ପୁଷ୍କରାର କାହାଣୀକୁ ଫିଲ୍ମରେ ଦେଖାଯାଇଥିଲା। ଫିଲ୍ମରେ ପ୍ରସିଦ୍ଧ ଲୋକଗୀତ 'ନୂଆ ଘର ▶▶ ୫



CELEBRATING THE BEST IN MOTION PICTURE
NFA
NATIONAL FILM AWARDS

### 'ପୁଷ୍କରା' ଟିମ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

'ପୁଷ୍କରା' ଟିମ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବରେ 'ପୁଷ୍କରା' ପୁରସ୍କୃତ ହୋଇଛି। ପୁଷ୍କରାର ନିର୍ମାତା, ନିର୍ଦ୍ଦେଶକ, କଳାକାର ତଥା ଏହା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଆ ଚଳଚ୍ଚିତ୍ର ଜଗତ ଏହିପରି ଆହୁରି ଅନେକ ମୌଳିକ ଓ ଉତ୍ତମ ଚଳଚ୍ଚିତ୍ର ସହିତ ଆଗକୁ ବଢୁ ବୋଲି କାମନା କରୁଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।



# 'ସରକାର କଥାରେ ନୁହେଁ, କାର୍ଯ୍ୟରେ କରି ଦେଖାନ୍ତୁ'




**ଜଗତ୍‌ସିଂହପୁର,୧୮/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ଘୋଷଣା କରି ଦେଲେ ଏଥର ଚାଷୀ ପଞ୍ଜିକରଣ ସରଳିକରଣ କରି ଦିଆଯାଇଛି । ମାତ୍ର ତାହା ମିଛ ବୋଲି ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଜଗତସିଂହପୁର ସଦର ମହକୁମାର ୨୦ନଂ ୱାର୍ଡ ସ୍ଥିତ ନବ ନିର୍ମାଣ କୃଷକ ସଂଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ-ସଂଯୋଜକ ରଶ୍ମୀ ରଞ୍ଜନ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି । ଏଥି ସହିତ ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ ଲରିବା ପାଇଁ ସରକାର ବୋଧେ ଚକ୍ରାନ୍ତ କରିଥାଇ ପାରନ୍ତି ବୋଲି ସେ ସୂଚନା ପ୍ରଦାନ କରିଛନ୍ତି । ସରକାର ଘୋଷଣା କରି ଦେଲେ ଚାଷୀଙ୍କ ଅନଲାଇନରେ ପଞ୍ଜିକରଣ ସହଜରେ ହୋଇପାରିବ । ହେଲେ ପଞ୍ଜିକରଣ କରିବା ପାଇଁ ଯେଉଁ ଗାଇଡ୍‌ଲାଇନ କରାଯାଇଛି, ତାହା ସମସ୍ତ ପ୍ରକୃତ ଚାଷୀଙ୍କୁ ସୁହାଉ ନାହିଁ । ଯେଉଁଥିରେ କି ବଂଶାବଳୀର ପ୍ରମାଣ ପତ୍ର ବା ୱାରେସ ସଂଶୋଧନ ବାଧ୍ୟତାମୂଳକ କରାଯାଇଛି । ଯାହାଫଳରେ ଚଳିତ ବର୍ଷ ହଜାର ହଜାର ଚାଷୀ ପଞ୍ଜିକରଣରୁ ବଞ୍ଚିତ ହେବେ ବୋଲି ଚାଷୀ ଅଭିଯୋଗ ହେଲାଣି । ବିଶେଷ କରି ରାଜସ୍ୱ ଯୋଗାଣ ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ଓ ତାଳମେଳ ରହୁ ନଥିବା ନେଇ ଚାଷୀ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ବିଶେଷ କରି ଏକ ପରିବାରର ପଟ୍ଟା ମୃତ ବ୍ୟକ୍ତିଙ୍କ ନାମରେ ରହିଛି । ହେଲେ ଅନେକ ମୃତ ବ୍ୟକ୍ତିଙ୍କ ପରିବାର ସଂଖ୍ୟା ଅନେକ ତଥା ୧୦ଜଣରୁ ଉର୍ଦ୍ଧ ଅଛନ୍ତି । ଏଥି ନିମନ୍ତେ ସମସ୍ତ ଅଂଶିଦାର ମାନେ ପ୍ରତ୍ୟେକ ଜଣେ ଜଣେ ଫର୍ମ ୩ରେ ଅଣ୍ଡର ଟେକିଂ ଦେବାପାଇଁ ବାଧ୍ୟ କରାଯାଉଛି । ତେବେ ଗୋଟିଏ ପ୍ଲଟ ଉପରେ ସମସ୍ତେ ୩ନଂ ଫର୍ମ ପୂରଣ କରି ଦେଲେ, ଅନ୍‌ଲାଇନରେ କେବଳ ୫ଜଣଙ୍କ ଫର୍ମ ଗ୍ରହଣ କରୁଛି । ବାକି ୫ଜଣ ବାଦ ପଡିବା ନିଶ୍ଚିତ ହୋଇଛି । ଅଣ୍ୟ ପକ୍ଷରେ ମୃତଙ୍କ ଅଂଶୀଦାର ସମ୍ପର୍କରେ ସୂଚନା ଦେବା ପାଇଁ ଆର୍‌ଆଇ ଅଫିସରେ ଲମ୍ବା ଧାଡି ଲାଗୁଛି । ଆର୍‌ଆଇ ଏଥିରେ ବିରକ୍ତି ପ୍ରକାଶ କରି କହୁଛନ୍ତି, ତୁମ ଗ୍ରାମକୁ ଗଲେ ତଦନ୍ତ କରିବା ପରେ ରିପୋର୍ଟ ପ୍ରଦାନ କରିବି ବୋଲି କହୁଛନ୍ତି । ଯାହାକି ସିମିତ ସମୟ ମଧ୍ୟରେ ସମସ୍ତ ଚାଷୀଙ୍କ ପଞ୍ଜିକରଣ ସମ୍ଭବ ହେଉ ନାହି ବୋଲି ଶ୍ରୀ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି । ଏହା ବ୍ୟତିତ ୨୦୨୪-୨୫ ଖରିଫ ଋତୁରେ ଜିଲ୍ଲାରେ ୧୫ ରୁ ୧୬ ମଧ୍ୟରେ ଚାଷୀମାନେ ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜିକରଣ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଯାହାଦ୍ୱାରା ଜିଲ୍ଲାରେ ୪୭ହଜାର ୭୩୬ଜଣ ଚାଷୀ ପଞ୍ଜିକରଣ କରି ପାରିଥିଲେ । ହେଲେ ପଞ୍ଜିକରଣ କରିଥିବା ସମୁଦାୟ ଚାଷୀମାନଙ୍କ ମଧ୍ୟରୁ ୨ହଜାର ୩୪ଜଣ ଚାଷୀ ଧାନ ମଣ୍ଡିରେ ବିକ୍ରୟ କରିବାରେ ବଞ୍ଚିତ ହୋଇଛନ୍ତି । ମାତ୍ର ଚଳିତ ବର୍ଷ ୨୦ଜୁଲାଇରୁ ୨୦ ଅଗଷ୍ଟ ମଧ୍ୟରେ ପଞ୍ଜିକରଣ ପାଇଁ ବିଳମ୍ବରେ ସମୟ ଧାର୍ଯ୍ୟ କରାଯାଇଛି ଏବଂ ନିୟମ ମଧ୍ୟ ପରିବର୍ତ୍ତନ କରାଯାଇଛି । ତେବେ ଗାଇଡଲାଇନ ଓ ଗତ ବର୍ଷର ତଥ୍ୟ ମୁତାବକ ଚଳିତ ବର୍ଷ ସମସ୍ତ ଚାଷୀ ପଞ୍ଜିକରଣ କରି ପାରିବେ ନାହିଁ କି ପଞ୍ଜିକରଣ କରିଥିବା ସମସ୍ତ ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିବେ ନାହିଁ ବୋଲି ଜଳଜଳ ଦେଖା ଯାଉଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ସଂଗଠକ ଭୁବନାନନ୍ଦ ନାୟକ ସୂଚନା ପ୍ରଦାନ କରିଛନ୍ତି । ତେବେ ଚାଷୀଙ୍କ ଏ ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି, ନବ ନିର୍ମାଣ କୃଷକ ସଂଗଠନ ପଞ୍ଜିକରଣରେ କିଛି ସମୟ ସୀମା ନରଖିବା ସହିତ ସମସ୍ତ ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିବା ପର୍ଯ୍ୟନ୍ତ ମଣ୍ଡି ଖୋଲା ରଖିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି । ଯଦି ସରକାର ଏହା ଉପରେ ଗୁରୁତ୍ୱ ନଦିଅନ୍ତି, ତେବେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ବ୍ୟାପକ ହେବ ବୋଲି ସଂଗଠନର ରାଜ୍ୟ ସହ-ସଂଯୋଜକ ଶ୍ରୀ ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ ସକାରଙ୍କୁ ଚେତାବନି ଦେଇଛନ୍ତି ।

## ଡ୍ରେନ୍ ନିର୍ମାଣକୁ ନେଇ ସାଧାରଣରେ ଅସନ୍ତୋଷ



**ପାରାଦୀପ,୧୮/ଏନ୍‌ଏନ୍‌ଏସ୍:** ପାରାଦୀପ ପୌରାଞ୍ଚଳର ୫ ନମ୍ବର ୱାର୍ଡ ବିଜୟଚନ୍ଦ୍ରପୁର ତାରିଣିଗଡାରେ ପୌରପାଳିକା ପକ୍ଷରୁ ପାଣି ନିଷ୍କାସନ ପାଇଁ ଏକ ନୂତନ ଡ୍ରେନ୍ ନିର୍ମାଣ କରାଯାଇଛି । ତେବେ ଠିକାଦାର ବର୍ଷାଦିନେ ନିମ୍ନମାନର ଡ୍ରେନ୍ ନିର୍ମାଣ କରିଥିବା ଅଞ୍ଚଳବାସୀମାନେ ଅଭିଯୋଗ କରିଥିବା ବେଳେ ଦୀର୍ଘଦିନରୁ ଏହି ଡ୍ରେନ୍ କଡରେ ସ୍ଲାପ ପଡି ରହିଥିଲେ ମଧ୍ୟ ଦୁର୍ବଳ କାର୍ଯ୍ୟ ଯୋଗୁଁ ଏହି ଡ୍ରେନ୍ ଉପରେ ସ୍ଲାପ ଗୁଡିକ ପଡି ପାରୁନଥିବା କୁହାଯାଉଛି । ଅନ୍ୟପକ୍ଷରେ ପୌରପାଳିକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ ଏହି କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ପୌର ଅଧିକାରୀ ଓ ସମ୍ପୃକ୍ତ ୱାର୍ଡର ପାରିଷଦଙ୍କ ଅବହେଳା ଏବଂ ଠିକାଦାରମାନଙ୍କ ଲାଭଖୋର ମନବୃତ୍ତି ଯୋଗୁଁ କାର୍ଯ୍ୟ ଗୁଡିକ ନିମ୍ନମାନର ହେଉଥିବା କୁହାଯାଉଛି । ସେହିପରି କିଛି ୱାର୍ଡର କଲୋନୀ ଡ୍ରେନ ନଷ୍ଟ ହୋଇଯାଇଥିବା ଯୋଗୁଁ ବର୍ଷା ଜଳ ନିଷ୍କାସନ ନହୋଇପାରି ଘର ଦୁଆର ମୁହଁରେ ଜମି ରହୁଛି । ଏତଦବ୍ୟତୀତ ପୌରପାଳିକା ଦ୍ୱାରା ନିଷ୍ପତି ଅନୁଯାୟୀ ବିଭିନ୍ନ ସ୍ଥାନରେ ଡ୍ରେନ୍, ରେଷ୍ଟ ସେଡ, ଫୁଟପାଥ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଥିବାର ଦେଖିବାକୁ ମିଳୁଛି । ସମ୍ପ୍ରତି ବର୍ଷା ଦିନେ ବର୍ଷା ଜଳ,ବସ୍ତି ଓ କଲୋନୀ ଆବର୍ଜନା ଜଳ ନିଷ୍କାସନ ର ମୁଖ୍ୟ ପଥ ବନ୍ଦର ପ୍ରଶାସନିକ ଭବନ ପଛପଟ କପିଳ ଜୋରରେ ଦଳ ପରିପୂର୍ଣ୍ଣ ହୋଇ ଏହି ଜଳ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଯଦିଓ ମାଉସୀ ମା ମନ୍ଦିର ଓ ଅଫିସର୍ସ କ୍ଲବ ନିକଟସ୍ଥ ଜୋରରେ ପୌରପାଳିକା ପକ୍ଷରୁ ଦଳ ଗୁଡିକ ସଫା କରାଯାଇଛି କିନ୍ତୁ ବନ୍ଦର ପ୍ରଶାସନିକ ଭବନ ପଛପଟ ଜୋରରୁ ଏପର୍ଯ୍ୟନ୍ତ ଦଳ ସଫା ହୋଇନାହିଁ । ଯାହାଫଳରେ ଯଦି ଲଘୁଚାପ ଲାଗିରହେ ଏବଂ ପ୍ରବଳ ବର୍ଷା ହୁଏ, ତେବେ ବନ୍ଦର ସହର ଜଳବନ୍ଦୀ ହେବାର ସମ୍ଭାବନା ସୃଷ୍ଟି ହୋଇପାରେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ତେବେ ଏସବୁ ସମସ୍ୟା ପ୍ରତି ପୌରପାଳିକା ଓ ପାରାଦୀପ ବନ୍ଦର ଦୈତ୍ୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ମାର୍ଶାଘାଇ କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



**ମାର୍ଶାଘାଇ,୧୮/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ମହାବିଦ୍ୟାଳୟର ୨୬ତମ ଅଧ୍ୟକ୍ଷ ଭାବେ ପ୍ରାଧାପକ ଡା. ଶଶିକାନ୍ତ ନାୟକ ଯୋଗ ଦେଇଛନ୍ତି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡା. ପ୍ରଭାତ ରଞ୍ଜନ ଲେଙ୍କାଙ୍କ ଠାରୁ ଅଧ୍ୟକ୍ଷ ପଦ ଗ୍ରହଣ କରି ଡା. ନାୟକ ମହାବିଦ୍ୟାଳୟର ଭିତ୍ତିଭୂମି, ଶୈକ୍ଷିକ ଗାରିମା ଓ ଛାତ୍ର -ଶିକ୍ଷକ ମଧୁର ସମ୍ପର୍କକୁ ବଜାୟ ରଖିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି । ଏହି ଅବସରରେ ନୂତନ ଅଧ୍ୟକ୍ଷ ଡା. ନାୟକଙ୍କୁ ମହାବିଦ୍ୟାଳୟ କର୍ମଚାରୀ ସଂଘ, ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ତାଲାଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ



**ଧର୍ମଶାଳା,୧୮/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଗ୍ରାମର ଦେବ ପ୍ରସାଦ ରାୟଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘର ତାଲାଭାଙ୍ଗି ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ,ଗତକାଲି ରାତିରେ ଶ୍ରୀ ରାୟ ଓ ତାଙ୍କ ପରିବାର ଲୋକ ଗୋଟିଏ ଘରେ ଶୋଇଥିଲେ । ଅନ୍ୟ ଏକ କୋଠରୀରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶିବା ସହିତ ଗଡ଼ରେଜରେ ଥିବା ନଗଦ ୧ଲକ୍ଷ ଟଙ୍କା, ସଂଘରୁ ଅଣାଯାଇଥିବା ୩୨ହଜାର ୫୦୦ଟଙ୍କା, ୮ଗୋଟି ସୁନା ମୁଦି, ୩ଗୋଟି କାନଫୁଲ, ସୁନା ଚେନ ୧ଗୋଟି, ସୁନା ବାଉଟି ୩ଗୋଟି, ସାଂଖୀ ୨ଗୋଟି, ରୁପା ଅଳଙ୍କାର ଓ ବିଭିନ୍ନ ବ୍ୟାଙ୍କର ୫ଗୋଟି ଫିକ୍ସ ଡିପୋଜିଟ ବଣ୍ଡ ଲୁଟି ନେଇଛନ୍ତି । ଯାହାର ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ଆଗକୁ ଝିଅ ବାହାଘର ଥିବାରୁ ସମସ୍ତ ଅଳଙ୍କାର ଓ ଟଙ୍କା ଯୋଗାଡ଼ କରିଥିଲେ ବୋଲି ଶ୍ରୀ ରାୟ କହିଛନ୍ତି । ଖବରପାଇ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଇଛି । ଜାରକା ଅଞ୍ଚଳରେ ଏଭଳି ଭାବେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ଯୋଗୁ ପୁଲିସ ପରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## 'ସି ଆଣ୍ଡ୍ ସେଭନ୍ ଭିଲେଜସ୍'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର



**ରାଜନଗର,୧୮/ଏନ୍‌ଏନ୍‌ଏସ୍:** ସମୁଦ୍ରର କରାଳ ଗ୍ରାସରେ ରାଜନଗର ବ୍ଲକ୍ ସାତଭାୟା ପଞ୍ଚାୟତର ଜନସାଧାରଣଙ୍କ ଜୀବନ ଜୀବିକା ଉଚ୍ଛନ୍ନ ହୋଇଗଲା । ସରକାର ବହୁବର୍ଷ ପରେ ସେମାନଙ୍କୁ ବଗପାଟିଆରେ ଥଇଥାନ କଲେ । ସେମାନଙ୍କ ଜୀବନ ଯନ୍ତ୍ରଣା ଉପରେ ପର୍ଯ୍ୟବେସିତ ପ୍ରାମାଣିକ ଚଳଚ୍ଚିତ୍ର ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ 'ସି ଆଣ୍ଡ୍ ସେଭନ୍ ଭିଲେଜେସ୍' । ୨୦୨୩ ବର୍ଷ ପାଇଁ ସ୍ପେସାଲ କ୍ୟାଟେଗୋରୀ ମେନସନରେ ପୁରସ୍କାର ହାସଲ କରିଛି ' ସି ଆଣ୍ଡ୍ ସେଭନ୍ ଭିଲେଜସ୍'ଚଳଚ୍ଚିତ୍ର । କାଦମ୍ବିନୀ ମିଡିଆ ପ୍ରଯୋଜିତ ଏହି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ଏବଂ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଉପରେ ପର୍ଯ୍ୟବସିତ । ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଥିବା ଏହି ଚଳଚ୍ଚିତ୍ରଟି ହିମାଂଶୁ ଖଟୁଆଙ୍କ ଗବେଷଣାର ଫଳଫଳ । ଏଥିରେ ସାତଭାୟା ଗାଁର ବାସିନ୍ଦାଙ୍କ ଜୀବନ ଏବଂ ସଂଘର୍ଷ ଚିତ୍ରିତ ହୋଇଛି । ଏହାର ପ୍ରଯୋଜନା କରିଛନ୍ତି ଡ. ଇତି ସାମନ୍ତ । କାଦମ୍ବିନୀ ମିଡିଆ ବ୍ୟାନରରେ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ନିବେଦିତ ଏହି ଫିଲ୍ମ ଜଳବାୟୁ ପରିବର୍ତ୍ତନର ପ୍ରଭାବ କିଭଳି ସାତଭାୟାକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ବାସ୍ତବ ଚିତ୍ର ପ୍ରଦର୍ଶନ କରିଛି । ପ୍ରକାଶ, ଏକଦା ସାତୋଟି ଗାଁର ଏକ ମିଳିତ ଅଞ୍ଚଳ ଥିଲା ସାତଭାୟ । ଜଳବାୟୁ ପରିବର୍ତ୍ତନ ଯୋଗୁ ସେଥିମଧ୍ୟରୁ ପାଞ୍ଚଟି ଗାଁ ସମୁଦ୍ର ଭିତରେ ଲୀନ ହୋଇଯାଇଛି ।

# ଶିକ୍ଷକଙ୍କ ବିରୁଦ୍ଧରେ ମୁହଁ ଖୋଲିଲେ ଛାତ୍ରୀ

**ଢେଙ୍କାନାଳ,୧୮/ଏନ୍‌ଏନ୍‌ଏସ୍:** ରସିକିଆ ଶିକ୍ଷକଙ୍କ ନିର୍ଯାତନା ବିରୁଦ୍ଧରେ ମୁହଁ ଖୋଲିଲେ ନବମ ଶ୍ରେଣୀ ଛାତ୍ରୀ । ଶିକ୍ଷକ ଜଣଙ୍କ ମୁହଁ ପୋଛିବା ପାଇଁ ମାଗନ୍ତି ଝିଅଙ୍କ ଓଢଣି । ଶୌଚ ଯିବାକୁ କହିଲେ ସାଙ୍ଗରେ ଯିବାକୁ କୁହନ୍ତି । ନିର୍ଯାତନା ଅସହ୍ୟ ହେବାରୁ ପରିବାର ଲୋକଙ୍କୁ ଜଣାଇଲେ ଛାତ୍ରୀ । ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟଙ୍କୁ ଅବଗତ କରିଲେ ପରିବାର ଲୋକେ । ବସିଲା ଜରୁରୀକାଳୀନ ବୈଠକ । ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମୃଦଙ୍ଗା ପଞ୍ଚାୟତ ଅନ୍ତର୍ଗତ ଅଁଳାଝରି ଗ୍ରାମର ଯମେଶ୍ୱର ଉଚ୍ଚ ବିଦ୍ୟାଳୟରେ । ବିଦ୍ୟାଳୟରେ ମାତ୍ର ଦୁଇଟି ଶ୍ରେଣୀ ନବମ ଏବଂ ଦଶମ ଥିବାବେଳେ ଏଠାରେ କାର୍ଯ୍ୟରତ ଅଛନ୍ତି ସମୁଦାୟ ଚାରିଜଣ ଶିକ୍ଷକ । ଏହା ମଧ୍ୟରୁ ମନୋଜ କୁମାର ବାରିକଙ୍କ ନାମରେ ଆସିଛି ଛାତ୍ରୀ ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ । ବର୍ତ୍ତମାନ ଓଡ଼ିଶାରେ ଛାତ୍ରୀ ନିର୍ଯାତନା ଅଭିଯୋଗର ତାଲିକା କାହାକୁ ବା ଅଛପା । ପୂର୍ବ ଘଟଣାରେ ନିର୍ଯାତିତା ପ୍ରାୟ ଅଧିକାଂଶ କଲେଜ ଛାତ୍ରୀ ହୋଇଥିବା ବେଳେ ଆଜିର ଘଟଣାଟି ଅନେକାଂଶରେ ସମ୍ପୂର୍ଣ୍ଣ ସମ୍ବେଦନଶିଳ । ତେବେ ଛାତ୍ରୀଙ୍କ ନାମ ଠିକଣାକୁ ପରିବାର ଲୋକେ ପ୍ରକାଶ କରିବାକୁ ମନାକରିବା ସହିତ କୌଣସି ପ୍ରତିକ୍ରିୟା ଦେଇନଥିଲେ । ମାତ୍ର ଏହି ଘଟଣାକୁ ଅତି ଗୁରୁତର ସହ ନେଇଛନ୍ତି ବିଦ୍ୟାଳୟ ପରିଚାଳନା କମିଟି । ଅଭିଯୋଗ ପାଇବା ମାତ୍ରେ କରିଛନ୍ତି ଜରୁରୀକାଳୀନ ବୈଠକ । ଅଧିବେଶନ କରାଯାଇ ଏହି ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ନେଇ ଏହାର ନକଲ ଜିଲ୍ଲା ଶିକ୍ଷା ଅଧିକାରିଣୀ ଏବଂ ଭୁବନ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ପରିଚାଳନା କମିଟି । ତେବେ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ସମୟରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯିବ ବୋଲି କହିଛନ୍ତି କମିଟି ସଭାପତି ପ୍ରମୋଦ ବେହେରା । ସୂଚନାରୁ ଏହା ମଧ୍ୟ ଏହି ରସିକିଆ ଶିକ୍ଷକଙ୍କ ବିରୁଦ୍ଧରେ ପୂର୍ବରୁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଅଭିଯୋଗ ପତ୍ର ଦାଖଲ ହୋଇସାରିଛି ।

## ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୈଠକ

**କେନ୍ଦ୍ରାପଡ଼ା,୧୮/ଏନ୍‌ଏନ୍‌ଏସ୍:** ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଏକ ବୈଠକ ନହଙ୍ଗ ମା'ମଙ୍ଗଳା ପୀଠରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ବୈଠକରେ ସଦସ୍ୟମାନେ ସଙ୍ଘୀୟ ସମସ୍ୟା ଗୁଡିକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସଙ୍ଘର ସମ୍ପାଦକ ୭୦ବର୍ଷ ଅତିକ୍ରମ କରିଥିବା ସଦସ୍ୟମାନଙ୍କୁ ଆୟୁଷ୍ମାନ ବୟବନ୍ଦନା କାର୍ଡ କରିବାକୁ ପରାମର୍ଶ ଦେଇଥିଲେ ଓ ସେମାନେ ୫ଲକ୍ଷର ଚିକିତ୍ସା ସୁବିଧା ପାଇବାକୁ ହକଦାର ବୋଲି ସୂଚନା ଦେଇଥିଲେ । ଜୁଲାଇମାସ ସରିଆସୁଥିବାରୁ ସଙ୍ଘର ସଦସ୍ୟମାନେ ନିଜ ନିଜର ବାଡି କିମ୍ୱା ସରକାରୀ ଜାଗାରେ ଗଛଟିଏ ଲଗାଇ ପରିବେଶର ସନ୍ତୁଳନ ରକ୍ଷା କରିବାକୁ ବରିଷ୍ଠ ସଦସ୍ୟ ଦୁର୍ଯ୍ୟୋଧନ ପ୍ରଧାନ ସମସ୍ତଙ୍କୁ ଅନୁରୋଧ କରିଥିଲେ । ସଭାରେ ୨୦ଜନ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ସଦସ୍ୟ କ୍ଷୀରୋଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁଆଖିଆ,୧୮/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂପୁର ପଞ୍ଚାୟତ ହରିପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏସ୍‌ଏମ୍‌ସି ସଭାପତି ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଲୋଷ୍ଟା ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ଯୋଗଦେଇ ବିରଞ୍ଚି ସାର୍‌ଙ୍କ କାର୍ଯ୍ୟଦକ୍ଷତା ତ୍ୟାଗ ସେବା ଉପରେ କହିଥିଲେ । ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ଅଜୟ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ସିଆର୍‌ସି ବୈଜୟନ୍ତି ସାହୁ ସରପଞ୍ଚ ପ୍ରଶାନ୍ତ ଦାସ, ସମିତି ସଭ୍ୟ ତିଳତମ ପରିଡା ପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକ ଯୋଗଦେଇ ଅବସର ନେଇଥିବା ବିରଞ୍ଚି ସାର୍‌ଙ୍କ ସେବା ସଂସ୍କାର ଛାତ୍ର ବତ୍ସଳତା ଉପରେ କହିଥିଲେ । ହରିପୁର ଉପ୍ରା ସ୍କୁଲର ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରି ବିରଞ୍ଚି ସାର୍‌ଙ୍କ ନିଷ୍ଠା ଉପରେ କହିଥିଲେ । ଶିବ ପ୍ରସାଦ ବରାଳ ଅତିଥି ପରିଚୟ ଓ ମାନପତ୍ର ପାଠ କରିଥିଲେ । ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇ ସ୍କୁଲର ସମସ୍ତ ଶିକ୍ଷକ ପରିଚାଳନା କରିଥିଲେ । ସ୍କୁଲ କମିଟି ସଭାପତି ଦ୍ୱୟ ପରିଚାଳନାରେ ସହାୟତା କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲରୁ ତାଙ୍କ ଘର ପର୍ଯ୍ୟନ୍ତ ଏକ ପଟୁଆରରେ ନେଇ ଯାଇଥିଲେ । ଏହାକୁ ଶିକ୍ଷୟିତ୍ରୀ ଆରତୀ ସାହୁ, ପ୍ରମୁଖଙ୍କ ସହ ସମସ୍ତ ଛାତ୍ର ଶିକ୍ଷକ କର୍ମଚାରୀ ମିଶି ପରିଚାଳନା କରିଥିଲେ ।

## ବିବେକାନନ୍ଦ ବିଦ୍ୟାମନ୍ଦିରରୁ ତାଲା ଭାଙ୍ଗି ଚୋରି ଉଦ୍ୟମ

**ତାଳଚେର,୧୮/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ ସନ୍ତପଡ଼ା ସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିରରୁ ଗତକାଲି ସନ୍ଧ୍ୟାରେ ରାତ୍ରୀ ଜଗୁଆଳୀ ଆସିବା ପୂର୍ବରୁ ଡକାୟତିଦଳ ପାଚେରୀ ଡେ଼ଇଁ ଭିତରକୁ ପଶି ସ୍କୁଲର ତାଲାଭାଙ୍ଗି ସମସ୍ତ ଚାବି ଓ ଆସବବା ପତ୍ର ଏବଂ କିଛି କାଗଜପତ୍ର ନେଇ ଫେରାର୍ ହୋଇଯାଇଛନ୍ତି ବୋଲି ଏନେଇ ବିଦ୍ୟାଳୟ କାର୍ଯ୍ୟକାରୀ ସଭାପତି ବିଜୟ ପ୍ରଧାନ, ଓ ସମ୍ପାଦକ ସହଦେବ ସାମଲ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି । ଅଭିଯୋଗ ପାଇବାପରେ ତାଳଚେର ପୋଲିସ୍ ବିଦ୍ୟାଳୟକୁ ଆସି ତଦନ୍ତ ଆରମ୍ଭ କରିଦେଇଛି । ସୂଚନାଯୋଗ୍ୟ, ବିଦ୍ୟାଳୟ ସମ୍ମୁଖ ରାସ୍ତାଦେଇ ଦୈନିକ ଶହଶହ ଲୋକ ଯାତାୟତ କରୁଛନ୍ତି, ଏଭଳି ଚୋରୀ ହେଲେ ସ୍ଥାନୀୟ ଲୋକ ଯାତାୟତ କରିବାକୁ ସୁରକ୍ଷିତ ମଣୁ ନାହାନ୍ତି । ଏଥିନେଇ ପୁଲିସ୍ ପେଟ୍ରୋଲିଂ ଜୋରଦାର କରିବାକୁ ସ୍ଥାନୀୟ ସର୍ବସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

## କେ.ଜେ ପଟେଲ୍ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ



**ପାରାଦୀପ,୧୮/ଏନ୍‌ଏନ୍‌ଏସ୍:** ଭାରତୀୟ କୃଷକ ସାର ସମବାୟ ସମିତି (ଇଫ୍‌କୋ) ର ପରିଚାଳନା ନିର୍ଦ୍ଦେଶକ ଡ. ୟୁଏସ.ଅବସ୍ଥି ଦୀର୍ଘ ୪ ଦଶନ୍ଧି ଧରି ସଫଳତାର ସହ ପରିଚାଳନା ଦାୟିତ୍ୱ ତୁଲାଇବା ପରେ ଗତ ଜୁଲାଇ ୩୧ରେ ଅବସର ଗ୍ରହଣ କଲାପରେ କେ.ଜେ.ପଟେଲ୍ ଏହାର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି । ଡ. ଅବସ୍ଥିଙ୍କ ଇଫ୍‌କୋରେ ଏହି କାର୍ଯ୍ୟକାଳ ମଧ୍ୟରେ ଏହାର ଏମ୍‌ଡି ଏବଂ ସିଇଓ ଭାବେ ୩୨ବର୍ଷର ଅସାଧାରଣ କାର୍ଯ୍ୟ ଅନ୍ତର୍ଭୁକ୍ତ । ତେବେ ନବନିଯୁକ୍ତ ଏମ୍‌ଡି ଶ୍ରୀ ପଟେଲ ପ୍ରାୟ ୪୦ବର୍ଷ ଇଫ୍‌କୋ ସହିତ ଜଡିତ ରହିଛନ୍ତି । ୧୯୮୫ରେ ସ୍ନାତକ ଇଞ୍ଜିନିୟରିଂ ଶିକ୍ଷାନବିସ (ଜିଇଏ) ହାସଲ କରି ଇଫ୍‌କୋ ସଂସ୍ଥାର ବିଭିନ୍ନ ୟୁନିଟରେ ଅନେକ ବରିଷ୍ଠ ପଦବୀରେ କାର୍ଯ୍ୟ କରିଛନ୍ତି । ଓଡିଶା ଲୋକଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖୁଥିବା ଶ୍ରୀ ପଟେଲ ଇଫ୍‌କୋର ପ୍ରମୁଖ ସାର କାରଖାନା ଇଫ୍‌କୋ ପାରାଦୀପ ୟୁନିଟରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରି କମ୍ପାନୀର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ଶକ୍ତି ପରିଚାଳନା ପଦ୍ଧତିକୁ ସୁଦୃଢ ଏବଂ ପ୍ଲାଣ୍ଟର ଆଧୁନିକୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ ପାରାଦୀପ ୟୁନିଟ ସ୍ଥାୟିତ୍ୱ, ପରିବେଶ ଏବଂ ଶକ୍ତି ସଂରକ୍ଷଣ ଓ ଉତ୍ପାଦକତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଶ୍ରୀ ପଟେଲ ତାଙ୍କର ଦୁରଦୃଷ୍ଟି ସମ୍ପର୍ଣ୍ଣ ଏବଂ ଇଫ୍‌କୋର ସମବାୟ ନୀତି ସହିତ ସମନ୍ୱିତ ବିକାଶ ଆଭିମୁଖ୍ୟ ନୀତି ପାଇଁ ଜଣାଶୁଣା । ଏମ୍‌ଡି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ପଟେଲ ଇଫ୍‌କୋ ବୋର୍ଡ ଏବଂ ସଦସ୍ୟ ସମବାୟ ସଂସ୍ଥାଗୁଡ଼ିକର ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ସେ ଡକ୍ଟର ୟୁ.ଏସ ଅବସ୍ଥିଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ଇଫ୍‌କୋ ସମବାୟ ଏବଂ ସାର ଉତ୍ପାଦନ କ୍ଷେତ୍ରରେ ବିଶ୍ୱ ମଡେଲ ଭାବେ ସ୍ଥାପନ କରିବାରେ ତାଙ୍କର ଯୁଗାନ୍ତକାରୀ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ପୌରପରିଷଦ ୱାର୍ଡର ନାମଫଳକ ବୋର୍ଡ ବ୍ୟବସ୍ଥା କେବେ ?



**ତାଳଚେର,୧୮/ଏନ୍‌ଏନ୍‌ଏସ୍:** ଟଙ୍କାର ପାହାଡ଼ ଗଦା ଉପରେ ଠିଆ ହୋଇଥିବା ଖଣିଜ ସମ୍ପଦଭରା ଶିଳ୍ପନଗରୀ ତାଳଚେର ପୌରପରିଷଦରେ ପ୍ରତ୍ୟେକ ୱାର୍ଡ଼ର ନାମଫଳକ ବୋର୍ଡ଼ ବ୍ୟବସ୍ଥା କେବେ କରାଯିବ ଏହାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧିପାଉଥିବା ବେଳେ ପୌରପରିଷଦର ସ୍ଥାଣୁତାକୁ ନେଇ ଉଠିଛି ପ୍ରଶ୍ନ ? ଶିଳ୍ପନଗରୀ ତାଳଚେର ପୌରପରିଷଦ ଅଞ୍ଚଳଟି ଆଉ ପୂର୍ବ ଅବସ୍ଥାରେ ନାହିଁ ! ଏବେ ଜୁଆଡ଼େ ଚାହିଁବ ସିଆଡ଼େ ଦୋକାନ ବଜାର ଓ ଯାନବାହାନ ସହିତ ଆଶାତୀତ ଭାବେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏପରିସ୍ଥଳେ ବାହାର ଲୋକଟିଏ ଏଠାକୁ ତାଙ୍କର ସମ୍ପର୍କୀୟ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ଠିକଣା ଜାଣି ନଥିଲେ ଖୋଜିବା ତାଙ୍କ ପକ୍ଷରେ ମୁସ୍କିଲ ହୋଇପଡୁଛି । ଅନ୍ତତଃପକ୍ଷେ ମାନବିକତା ଦୃଷ୍ଟି କୋଣରୁ ଏଠାକୁ ଆସୁଥିବା ଆମ ସମସ୍ତଙ୍କ ନିମନ୍ତେ ସେହି ଅତିଥିମାନଙ୍କୁ ପଥପ୍ରଦର୍ଶନ କରିବା ସହ ସେ ଖୋଜି ବୁଲୁଥିବା ସମ୍ପର୍କିୟଙ୍କ ନିକଟରେ ତାଙ୍କୁ ପହଚାଇବା ସମସ୍ତଙ୍କର କର୍ତବ୍ୟ ରହିଛି । ଅତିଥି ଦେବ ଭବଃ... ଅନୁଯାୟୀ ଯେପରି ବାହାର ଅଞ୍ଚଳରୁ ତାଳଚେର ଅଞ୍ଚଳକୁ ଆସିଲେ ସେମାନଙ୍କୁ ରାସ୍ତା ଦେଖାଇବା ମୁଖ୍ୟତଃ ପୌରପରିଷଦର ଅଧିକ ଦାୟୀତ୍ୱ ଏବଂ କର୍ତ୍ତବ୍ୟ । କିନ୍ତୁ କିପରି ସ୍ଥଳେ ପୌରପରିଷଦ ଏହାକୁ ଭୁଲିଯାଉଛି ତାକୁ ନେଇ ଉଠିଛି ପ୍ରଶ୍ନ ଚାଲିଛି ଚର୍ଚ୍ଚା । ତାଳଚେର ପୌରପରିଷଦର ୨୧ଗୋଟି ୱାର୍ଡ଼କୁ ନେଇ ଗଠିତ ଏବଂ ଏହାର ପରିସୀମା ବିସ୍ତିର୍ଣ୍ଣ ଅଞ୍ଚଳ ଅଟେ । ଲୋକଙ୍କ ସଂଖ୍ୟା ପ୍ରାୟ ୧ଲକ୍ଷ ହୋଇଥିବା ବେଳେ ଭୋଟରଙ୍କର ସଂଖ୍ୟା ୫୦ହଜାର ହେବ ବୋଲି କୁହାଯାଉଛି । ତାଳଚେର ଟାଉନ ବୀରବରପଲ୍ଲୀ ଠାରୁ ଆରମ୍ଭକରି ତାଳଚେର ସହର ଦେଇ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ସ୍ଥାନ ଗୁଡ଼ିକରେ ଆଶାତୀତ ଭାବେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହି ପୌର ଅଞ୍ଚଳ ମଧ୍ୟରେ କେଉଁଠି କେଉଁ ୱାର୍ଡ଼ ଅବସ୍ଥିତ ତାହା ସ୍ଥାନୀୟ ବାସୀଙ୍କ ନିମନ୍ତେ ଜଣାଶୁଣା ହୋଇ ଥାଇପାରେ । ମାତ୍ର ଅଜଣା ବ୍ୟକ୍ତିଙ୍କ ପକ୍ଷେ ଆବଶ୍ୟକ ପରିବାରକୁ ଖୋଜି ବାହାର କରିବା ବଡ଼ କଷ୍ଟକର ହୋଇପଡ଼ିଥାଏ । ଏହି ସମସ୍ୟାର ସମାଧାନ କରିବାକୁ ନେଇ ତାଳଚେର ପୌରପରିଷଦ ପକ୍ଷରୁ ପୌରସୀମାରେଖା ଆରମ୍ଭରେ ନାମ ଫଳକ ନିର୍ମାଣ କରିବା ସହ ରହିଥିବା ୨୧ଗୋଟି ୱାର୍ଡ଼ ନମ୍ବର ସହ ସେହି ୱାର୍ଡ଼ରେ ରହିଥିବା ୱାର୍ଡ଼ର ନାମ ସହ ତୀର ଚିହ୍ନ ସଙ୍କେତ ଲିପିବଦ୍ଧ ଥିବା ଫଳକ ବୋର୍ଡ଼ ପୌରପରିଷଦ ପକ୍ଷରୁ ନିର୍ମାଣ କରାଗଲେ ବାହାର ଅଂଚଳରୁ ଆସୁଥିବା ଅଜଣା ବ୍ୟକ୍ତି ବିଶେଷ ଖୋଜି ବୁଲୁଥିବା ତାଙ୍କ ସମ୍ପର୍କୀୟ ସଠିକ ଠିକଣା ପାଇ ପାରନ୍ତେ । ପୌରପରିଷଦ ବହୁ ପୁରାଣା ହୋଇଥିଲେ ମଧ୍ୟ ଏଥିନେଇ ସାମାନ୍ୟ କିଛି ଅର୍ଥରେ ଉକ୍ତ ବ୍ୟବସ୍ଥା କରୁନଥିବାରୁ ଅଜଣା ବ୍ୟକ୍ତି ଗନ୍ତବ୍ୟ ପଥରେ ପହଚି ନପାରି ଘୁରିବୁଲି ଅଣାୟତ ହେବାକୁ ପଡ଼ନ୍ତା ନାହିଁ ବୋଲି ଚର୍ଚ୍ଚା ହେଉଛି । ତେବେ ଏହି ବ୍ୟବସ୍ଥା ପୌରପରିଷଦ ପକ୍ଷରୁ କେବେ କରାଯାଉଛି ତାହା ଦେଖିବାକୁ କେବଳ ବାକି ରହିଛି ।

# 'ସମ୍ବଲପୁରୀ ଦିନ୍'ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରୀ ସାହିତ୍ୟ ସାଧକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପବିତ୍ର ଜନ୍ମଦିନ ଅବସରରେ ପାଳିତ ହେଉଥିବା 'ସମ୍ବଲପୁରୀ ଦିନ୍'ର ଶୁଭେଚ୍ଛା ଜଣାଇଛନ୍ତି। ଏକ ଭିଡ଼ିଓ ବାର୍ତ୍ତା ଯୋଗେ ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ 'ସମ୍ବଲପୁରୀ ଦିନ୍'ର ମୂଳ ଉଦ୍ଦେଶ୍ୟ ହେଉଛି ନିଜର ଭାଷା, ନିଜର ସାହିତ୍ୟ ଓ ନିଜର ସଂସ୍କୃତି ପ୍ରତି ଗୌରବମୟ ପରିଚୟ ତିଆରି କରିବାର ପ୍ରଚେଷ୍ଟା। ଗୁରୁ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ଗୋଟିଏ ଗରିମାମୟ ପରିଚୟ ଦେବା ପାଇଁ ନିଜର ଜୀବନକୁ ସମର୍ପିତ କରିଥିଲେ । ସମ୍ବଲପୁର ଅଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ସାଧାରଣ ମନୁଷ୍ୟର ଜୀବନର କଥା କୁହେ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆଜିର ସମୟ ହେଉଛି ଆମର ଭାଷା, ସାହିତ୍ୟ, ସଂସ୍କୃତିକୁ ବିଶ୍ୱ ଦରବାରରେ ଉଜାଗର କରିବା। ସମ୍ବଲପୁର ଅଞ୍ଚଳର ବିଚାର ଓ ସଂସ୍କୃତିକୁ ଆଧାର କରି ଭାଇଚାରା ବଢ଼ାଇବା। ଆଜିର ସମୟ ହେଉଛି,



ଟେକ୍ନୋଲୋଜିର ସମୟ। ଆମର ଉନ୍ନତ ଭାଷା, ସାହିତ୍ୟ, ସଂସ୍କୃତି, ନାଚ-ଗୀତ, ଖାଦ୍ୟପେୟ, ସାଂସ୍କୃତିକ ଉତ୍ସବ ଏବଂ ବାନ୍ଧକଲାର କପଡ଼ା ସହ ଟେକ୍ନୋଲୋଜିକୁ ଯୋଡ଼ିବା। ଏହି କାମର ଦାୟିତ୍ୱ ଯୁବପିଢ଼ିମାନଙ୍କୁ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିନରେ 'ସମ୍ବଲପୁରୀ ଦିନ୍' ଭାବରେ ପାଳନ କରିବା ଦିଗରେ 'ପଶ୍ଚିମାଞ୍ଚଳ ଏକତା ମଞ୍ଚ'ର ସମର୍ପିତ ଉଦ୍ୟମ ଆଉ ଲୋକମାନଙ୍କର ସହଯୋଗ ବହୁତ ପ୍ରଶଂସନୀୟ । ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିର ମହକକୁ ସାରା ଦୁନିଆରେ ପ୍ରଚାର କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

## ଓଡ଼ିଶା ରାଜସ୍ୱ ସେବା ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

# 'ଆନ୍ତରିକତା ଓ ସମର୍ପଣର ସହ ସେବା କରନ୍ତୁ'

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** ରାଜସ୍ୱ ସେବା ହେଉଛି ଶାସନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସେବା ମଧ୍ୟରୁ ଅନ୍ୟତମ, ଯାହା ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇ ରହିଥାଏ। ଏଣୁ ଓଡ଼ିଶା ରାଜସ୍ୱ ସେବା ଅଧିକାରୀମାନେ ଆନ୍ତରିକତା ଓ ସମର୍ପଣ ସହ ସେବା ଯୋଗାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ରେ ତାଲିମ୍ ନେଉଥିବା ୨୦୨୨ ବ୍ୟାଚ୍‌ର ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ବାର୍ତ୍ତାଳାପ ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି ଯେ, ପ୍ରଶାସନ କେବଳ ନିୟମ ଏବଂ ଫାଇଲରେ ସୀମିତ ନୁହେଁ। ଏହା ସର୍ବୋପରି ଲୋକଙ୍କ ସହ ଜଡ଼ିତ। ଏଣୁ ଯୁବ ଅଫିସରମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ରହି



ଉତ୍ସର୍ଗୀକୃତ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ସଂପର୍କରେ ରାଜ୍ୟପାଳ ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ଆଲୋଚନା କରି ପ୍ରତ୍ୟେକ ଯୋଜନା ସଂପର୍କରେ ବିଶଦ ଜ୍ଞାନ ଆହରଣ କଲେ ସେମାନେ ଜନସାଧାରଣଙ୍କୁ ଅଧିକ ପ୍ରଭାବଶାଳୀ ଭାବରେ ମାର୍ଗଦର୍ଶନ କରିପାରିବେ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଭଳି କଲ୍ୟାଣକାରୀ ଯୋଜନାରେ ସାମିଲ ହେବାକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ। ଯେତେବେଳେ ସଚେତନ ନାଗରିକମାନେ ଏପରି ଯୋଜନାରେ ସାମିଲ ହୁଅନ୍ତି, ଏହା ଜନସାଧାରଣଙ୍କ ବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରେ ବୋଲି ରାଜ୍ୟପାଳ କହିଥିଲେ। ପ୍ରମୁଖ କଲ୍ୟାଣକାରୀ ଯୋଜନା ସଂପର୍କରେ ଏକ ହ୍ୟାଣ୍ଡବୁକ୍ ପ୍ରସ୍ତୁତ କରି ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନରେ ତାଲିମ ଗ୍ରହଣ କରୁଥିବା ଅଧିକାରୀମାନଙ୍କୁ ବଂଟନ କରାଯିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ।

# ରଥ କାଠ ପାଇଁ ସୃଷ୍ଟି ହେବ 'ରଥ ବାଟିକା'

**ଭୁବନେଶ୍ୱର,ନିମାପଡ଼ା, ୧।୮/ଏନ୍ଏନ୍ଏସ୍:** ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଓ ଗୋପ ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପ୍ରଥମେ ନିମାପଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟ ହଂସପଡା ଠାରେ ଆୟୋଜିତ ବନ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଏକ ପେଡ଼ ମା କେ ନାମ୍' ଅଭିଯାନରେ ମା' ଙ୍କ ନାମ ରେ ଏକ ଗଛ ଲଗେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିସହ ରଥ କାଠର ଆବଶ୍ୟକତାକୁ ପୂରଣ କରିବା ପାଇଁ ପୁରୀ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ଏକ 'ରଥ ବାଟିକା ' ସୃଷ୍ଟି କରିବା ପାଇଁ ଜଙ୍ଗଲ ଅଧିକାରୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଙ୍ଗଲ ଅଧିକାରୀ, ସହକାରୀ ବନ ସଂରକ୍ଷକ ଓ ନିମାପଡ଼ା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଓ ଚଅଁର ପଦା ସରପଞ୍ଚ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଡ଼ା ନିଜେ ବୃକ୍ଷରୋପଣ କରିବା ସହିତ ଏକକାଳୀନ ୧୨୦ ଜଣ ମହିଳାମାନଙ୍କ ଦ୍ୱାରା ଏକକାଳୀନ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ପିଲାମାନଙ୍କୁ ନିଜ ମାଆ ପାଇଁ ଗୋଟିଏ ଗଛ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହା ପରେ ଗୋପ ତହସିଲ ଦ୍ୱାରା ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଡ଼ା ଯୋଗ ଦେଇ ୧୧୨ ଜଣଙ୍କୁ ପ୍ରଜାଖାନା ସଂଶୋଧିତ ପଟ୍ଟା ଓ ୧୭ଟି ଶିକ୍ଷା ଅନୁଷ୍ଠାନକୁ ଆନୁଷ୍ଠାନିକ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଉପ ଜିଲ୍ଲାପାଳଙ୍କ ସମେତ ଗୋପ ବିଡିଓ ଓ ତହସିଲଦାର, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ବ୍ଲକ ଉପାଧ୍ୟକ୍ଷ ବନଜ୍ଞନ ପଟ୍ଟନାୟକ, ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସରକାରଙ୍କୁ ବିଜେଡିର ଟାର୍ଗେଟ୍

# 'ଛାତ୍ରଛାତ୍ରୀ ହତୋତ୍ସାହିତ, ସରକାର ନିଦାବିଷ୍ଟ'

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** ଗତ ଏକ ବର୍ଷ ମଧ୍ୟରେ ୧୩ଟି ପରୀକ୍ଷାରେ ପରିଚାଳନାଗତ ତ୍ରୁଟି ଓ ପ୍ରଶ୍ନପତ୍ର ପ୍ରଘଟ ଲାଗି ଛାତ୍ର ସମାଜ ହତୋତ୍ସାହିତ ହୋଇଥିଲା ବେଳେ ରାଜ୍ୟ ସରକାର ନିଦାବିଷ୍ଟ ପାଲଟିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିଲା ପରେ ଓପିଏସ୍‌ସି, ଓଏସ୍ଏସ୍‌ସି ଓ ଓଏସ୍ଏସ୍ଏସ୍‌ସି ଦ୍ୱାରା ପରିଚାଳିତ କୌଣସି ପରୀକ୍ଷା ସୁଚାରୁ ଢଙ୍ଗରେ ପରିଚାଳନା କରିପାରିନାହାନ୍ତି। ଆରଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର୍, ଏକ୍ସାଇଜ୍ ଓ ପୁଲିସ ସବଇନ୍ସପେକ୍ଟର, ଓଡ଼ିଶା ସିଭିଲ୍ ସର୍ଭିସ୍, ଏସ୍‌ଡିଆଇପିଆରଓ ଏବଂ ପରିଶେଷରେ ଓଟିଇଟି ଭଳି ସମସ୍ତ ପରୀକ୍ଷାରେ ଦେଖାଦେଇଥିବା ବିଭ୍ରାଟକୁ ରୋକିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଧର୍ମକୁ ଆଖିଠାର ସଦୃଶ ୧ କୋଟି ଟଙ୍କାର ଫାଇନ ଓ ୧୦ ବର୍ଷର ଜେଲ ଦଣ୍ଡର ଆଇନ ପ୍ରଣୟନ କଲେ ମଧ୍ୟ ସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ।



ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ, ଆରଆଇ, ଅମିନ ପରୀକ୍ଷା ବିଭ୍ରାଟରେ ବିଜେପି ନେତାଙ୍କ ସମ୍ପୃକ୍ତି ଥିବାର ଅଭିଯୋଗ ଆସିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଚଳିତ ଫେବ୍ରୁଆରୀ ମାସରେ ହାଇକୋର୍ଟ ଓଡ଼ିଶା ଜୁଡିସିଆଲ ସର୍ଭିସ ପରୀକ୍ଷାର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ କାରଣରୁ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ଦେବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ନିଯୁକ୍ତି ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରିବା କ୍ଷେତ୍ରରେ ପକ୍ଷପାତିତା ପ୍ରଦର୍ଶନ କରି ସରକାର ଯଦି ସେମାନଙ୍କ ଭବିଷ୍ୟତ ସହ ଖେଳିବେ, ତାହା ହେଲେ ସଂପୂର୍ଣ୍ଣ ଶିକ୍ଷାବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ବାରମ୍ବାର ପରୀକ୍ଷା ବାତିଲ ହେବା ଯୋଗୁ ଛାତ୍ରଛାତ୍ରୀମାନଙ୍କ ଶାରୀରିକ, ମାନସିକ ଯନ୍ତ୍ରଣା ଓ ସମୟର ଅପଚୟକୁ ଦୃଷ୍ଟିରେ ରଖି କ୍ଷତିପୂରଣ ସହାୟତା ରାଶି ରାଜ୍ୟ ସରକାର ପ୍ରଦାନ କରନ୍ତୁ। ଓଟିଇଟି ପରୀକ୍ଷା ବିଭ୍ରାଟରେ ବୋର୍ଡ ସଭାପତି, ଉପସଭାପତି ଓ ବିଦ୍ୟାଳୟ ଏବଂ ଗଣଶିକ୍ଷାମନ୍ତ୍ରୀ ସମ ପରିମାଣରେ ଦାୟୀ ହୋଇଥିବା ବେଳେ ରାଜ୍ୟ ସରକାର କେବଳ ଡାଟାଏଣ୍ଟ୍ରି ଅପରେଟର ଓ ଅଧସ୍ତନ କର୍ମଚାରୀଙ୍କୁ ଗିରଫ କରି ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ଛାତ୍ର ସମାଜର ଉଦ୍‌ବେଗ ସରକାର ଯଦି ହୃଦବୋଧ କରୁଥିବେ, ବୋର୍ଡ ସଭାପତି ଏବଂ ଉପସଭାପତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ସହ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବିଜେଡି ଦାବି କରିଛି।

# ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକୃତ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** ରାଜ୍ୟରେ ଖରିଫ ଋତୁ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଗତ ମାସ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଚାଷୀମାନେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ପ୍ୟାକସ୍, ଲ୍ୟାମ୍ପସ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣିପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରୁଛନ୍ତି। ଚଳିତ ବର୍ଷ ଆଜି ସୁଦ୍ଧା ୩ ଲକ୍ଷ ୯୫ ହଜାର ୯୪୯ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଗତବର୍ଷ ଆଜିର ଦିନ ସୁଦ୍ଧା ୩ ଲକ୍ଷ ୮୭ ହଜାର ୧୦୪ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଗତବର୍ଷ ତୁଳନାରେ ଅଧିକ ଚାଷୀ ପଞ୍ଜୀକରଣ ହୋଇଥିବାରୁ ଶେଷ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଚାଷୀ ପଞ୍ଜୀକରଣ କରିବେ ବୋଲି ଆଶା କରାଯାଉଛି।

RITES THE INFRASTRUCTURE PEOPLE

**RITES LIMITED**
(A Government of India Enterprise)
Shikhar, Plot No.1, Sector-29, Gurgaon – 122001

**Requires hard working professionals on contract basis for the following post(s)/ discipline through written test at RITES Offices.**

| VC Nos. | Posts | Positions | Venue & Date |
| --- | --- | --- | --- |
| CL/07-R1/25 | Technical Assistant | 19 | RITES Office-Mumbai, Delhi/ Gurgaon/ NCR, Kolkata, Chennai and Bhilai Date- 30th August 2025 |
| CL/08-R1/25 | Resident Engineer | 1 | |
| CL/11-R1/25 | Resident Engineer | 8 | |
| CL/12-R1/25 | Senior Technical Assistant | 30 | RITES Office-Mumbai, Delhi/Gurgaon/NCR, Kolkata and Bhubaneswar Date- 30th August 2025 |

For details regarding how to Apply, Position, remuneration , qualification, age, date & venue, selection process etc., candidates may see the detailed advertisement posted on RITES website **www.rites.com** under **Career Section.**

## ପିସିସି ସଭାପତିଙ୍କ ଅଭିଯୋଗ

# ୩୦ ହଜାର ନୁହଁ, ଏକ ଲକ୍ଷ ଲୋକ ବନ୍ୟା ପ୍ରଭାବିତ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** ବାୟୁସେନାର ହେଲିକେପ୍ଟରରେ ବସି ମୁଖ୍ୟମନ୍ତ୍ରୀ ବନ୍ୟାନଞ୍ଚଳ ପରିଦର୍ଶନ କରି ଆସିଲେ କିନ୍ତୁ କେତେ ଜନଜୀବନ, ପଶୁଧନ ଏବଂ ଚାଷଜମି କ୍ଷୟ କ୍ଷତି ଘଟିଛି ତା'ର ଆକଳନ ଏପର୍ଯ୍ୟନ୍ତ ପ୍ରକାଶ କରିପାରି ନାହାନ୍ତି। ୫/୬ଟି ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜର ନାମ ବାଦ ଦିଆଯାଇଛି। ପ୍ରକୃତ ପକ୍ଷେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବେଳେ ସରକାର ମୋଟ ୩୦ ହଜାର ଲୋକମାତ୍ର ବୋଲି କହୁଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ଶୁକ୍ରବାର କଂଗ୍ରେସ ଭବନଠାରେ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ନେଇ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ଏଭଳି ଅଭିଯୋଗ କରିଛନ୍ତି। ଏହାଛଡ଼ା ଶ୍ରୀ ଦାସ କହିଛନ୍ତି ଯେ, ବନ୍ୟା ଅଞ୍ଚଳକୁ କଂଗ୍ରେସ ପକ୍ଷରୁ ପ୍ରତିନିଧି ପଠା ଯାଇଥିଲା । ସେମାନେ ଅନୁଧ୍ୟାନ କରି ଫେରିଛନ୍ତି । ଆବଶ୍ୟକ ହେଲେ ମୁଁ ନିଜେ ଯିବି। ୧ ଲକ୍ଷ ଲୋକଙ୍କୁ କ୍ଷତି ପୂରଣ, ୧ ମାସ ପାଇଁ ରିଲିଫ ବ୍ୟବସ୍ଥା, ଏମଏଫଟି ନିୟମ ଅନୁଯାଇ ଫସଲ ବୀମା ଆକଳନ କରି ୧ ମାସ ମଧ୍ୟରେ ଚାଷୀଙ୍କୁ ଟଙ୍କା ଦିଆଯିବା, ଅତିଶୀଘ୍ର ମେଡିକାଲ ଟିମ ପଠାଯିବା ଓ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୟକ୍ଷତି ଆକଳନ ପୂର୍ଣ୍ଣାଙ୍ଗ ରୂପେ ଆକଳନ କରାଯିବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ଶ୍ରୀ ଦାବସ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାନସଭା କଂଗ୍ରେସ ଦଳ ବିଧାୟକ ନେତା ରାମଚନ୍ଦ୍ର କାଡାମଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ, ମୁଖପାତ୍ର ନଳିନୀକାନ୍ତ ନାୟକ ମୁଖପାତ୍ର ସଂଗ୍ରାମ ମାଝୀଙ୍କ ଉପସ୍ଥିତ ଥିଲେ। ପ୍ରକାଶ ଯେ ପିସିସି ସଭାପତି ଶ୍ରୀ ଦାସଙ୍କ ନିର୍ଦ୍ଦେଶରେ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ ଏବଂ ବରିଷ୍ଠ ନେତା ଶ୍ରୀ ଦେଓ କେନ୍ଦ୍ରାପଡ଼ା ବନ୍ୟା ଅଞ୍ଚଳ ପରିଦର୍ଶନ କରି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି।

## ଜଗତସିଂହପୁରରେ ମଡେଲ୍ ବସ୍ ଟର୍ମିନାଲର ଅଗ୍ରଗତି ସମୀକ୍ଷା କଲେ ପ୍ରମୁଖ ସଚିବ

# ୧୬ କୋଟି ଟଙ୍କା ବ୍ୟୟ ଅଟକଳରେ ହେଉଛି ବିକଶିତ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** ରାଜ୍ୟ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ତାଙ୍କ ସରକାରୀ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଜଗସିଂହପୁରରେ ନିର୍ମାଣାଧୀନ ମଡେଲ୍ ବସ୍ ଟର୍ମିନାଲର ନିର୍ମାଣ ସ୍ଥଳ ପରିଦର୍ଶନ କରିଛନ୍ତି। ୧୬ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ବିକଶିତ ହେଉଥିବା ଏହି ପ୍ରକଳ୍ପ ଲକ୍ଷ ଲକ୍ଷ ଯାତ୍ରୀଙ୍କ ଯାତାୟାତ ଅଭିଜ୍ଞତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ କଳ୍ପନା କରାଯାଇଛି। ତାଙ୍କ ସହିତ ଜଗସିଂହପୁରର ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ , ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ସସ୍ମିତ କୁମାର ରାଉତ , ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରବି ନାରାୟଣ ଜେଠି , ଜଗସିଂହପୁର ପୌରପାଳିକାର ଅଧକ୍ଷା ଅର୍ଚ୍ଚନା ସିଂହ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପରିଦର୍ଶନ ସମୟରେ ଶ୍ରୀମତୀ ପାଢ଼ୀ ଭିତ୍ତିଭୂମି ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଉପାଦାନଗୁଡ଼ିକର ଘନିଷ୍ଠ ସମୀକ୍ଷା କରିଥିଲେ। ସେ ଟର୍ମିନାଲର ଦୀର୍ଘକାଳୀନ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ସୁସଂଗଠିତ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ସୁପାରିଶଗୁଡ଼ିକ ମଧ୍ୟରେ ସ୍ଥାନୀୟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ଦୋକାନ ସ୍ଥାନ ଯୋଗାଇବା, ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା ଏବଂ ସ୍ୱଚ୍ଛ ଏବଂ ସ୍ଥାୟୀ କାର୍ଯ୍ୟାନ୍ୱୟନ ପାଇଁ ସୌର ଶକ୍ତି ପ୍ରଣାଳୀର ସମନ୍ୱୟ ଅନ୍ତର୍ଭୁକ୍ତ ଥିଲା। ତାଙ୍କର ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ ଦଳଗୁଡ଼ିକ ଦ୍ୱାରା ସକାରାତ୍ମକ ଭାବରେ ସ୍ୱାଗତ କରାଯାଇଥିଲା, ଯେଉଁମାନେ ପରାମର୍ଶଗୁଡ଼ିକୁ ତୁରନ୍ତ ଅନ୍ତର୍ଭୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀମତୀ ପାଢ଼ୀ ସମଗ୍ର ଓଡ଼ିଶାରେ ନାଗରିକ-ଅନୁକୂଳ, ଶକ୍ତି-ଦକ୍ଷ ଏବଂ ସୁପରିଚାଳିତ ସହରାଞ୍ଚଳ ପରିବହନ ସୁବିଧା ନିର୍ମାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

## ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାର ପ୍ରସ୍ତୁତି ସମୀକ୍ଷା

# ସଫଳତାର ସହ ଆୟୋଜନ ନିମନ୍ତେ ଆମେ ପ୍ରସ୍ତୁତ: କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବ ୱାର୍ଲ୍ଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା। ଆସନ୍ତା ଅଗଷ୍ଟ ୧୦ ତାରିଖ ଦିନ ଏହି ବିଶ୍ୱ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଉକ୍ତ ପ୍ରତିଯୋଗିତା ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଏହି ପ୍ରସ୍ତୁତି ସମୀକ୍ଷାରେ ଆଥଲେଟିକ୍ସ ଫେଡ଼େରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ



ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡ଼ିୟମ୍‌ରେ ପ୍ରତିଯୋଗିତା ଆୟୋଜନ ହେଉଥିବାବେଳେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୁଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ ନିମନ୍ତେ ଆମେ ପ୍ରସ୍ତୁତ। ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ। ଓଡ଼ିଶାରେ ପ୍ରଥମ ଥର ପାଇଁ ୱାର୍ଲ୍ଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍‌ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଆଜିର ଏହି ପ୍ରସ୍ତୁତି ସମୀକ୍ଷାରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ଼. ଯେଦୁଲା ବିଜୟ, ଅତିରିକ୍ତ ପୁଲିସ କମିଶନର ଭୁବନେଶ୍ୱର ନରସିଂହ ଭୋଳ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗ

# ଦୁଇ ଏକ୍ସପର୍ଟଙ୍କୁ ମନୋନୀତ କଲା ଆର୍‌ବିଆଇ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:** ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତି ମଣତି କରିବେ ଆରବିଆଇର ଦୁଇ ଜଣ ଏକ୍ସପର୍ଟ। ଗଣତି ମଣତି ନେଇ ଆରବିଆଇ ଦୁଇ ଜଣ ଏକ୍ସପର୍ଟଙ୍କୁ ମନୋନୀତ କରି ସରକାରଙ୍କୁ ଜଣାଇଛନ୍ତି। ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ୨ ଜଣ ଏକ୍ସପର୍ଟ ଦେବା ପାଇଁ ସରକାର ଆରବିଆଇକୁ ଚିଠି ଲେଖିଥିଲେ। ଆରବିଆଇ ମଧ୍ୟ ୨ ଜଣ ଏକ୍ସପର୍ଟଙ୍କ ନାମ ଦେଇଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଆମେ ଖୁବ୍ କମ୍ ଦିନ ମଧ୍ୟରେ ପରିଚାଳନା କମିଟି ଗଠନ କରିଦେବୁ । ପରିଚଳନା କମିଟିର ଅନୁମତି କ୍ରମେ ଉଚ୍ଚ ସ୍ତରୀୟ କମିଟି ରତ୍ନଗୁଡିକୁ ଭିତର ରତ୍ନ ଭଣ୍ଡାରକୁ ସ୍ଥାନାନ୍ତରିତ କରିବେ। ତା'ପରେ ତାରିଖ ନିର୍ଦ୍ଧାରଣ କରି ଆରବିଆଇର ଦୁଇ ଜଣ ସଦସ୍ୟଙ୍କ ଉପସ୍ଥିତିରେ ଗଣତି ମଣତି ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

ପ୍ରକାଶ ଯେ ୨୦୨୪ ଜୁଲାଇ ୧୪ ରୁ ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ଖୋଲା ଯାଇଥିଲା। ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ସ୍ଥାନାନ୍ତର କରାଯାଇଥିଲା। ୧୭ ଡିସେମ୍ବର ୨୦୨୪ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ୬ ମାସ ଧରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଜାରି ରହିଥିଲା। ମହାପ୍ରଭୁଙ୍କ ବିଭନ୍ନ ନୀତି କାନ୍ତି ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ମରାମତି କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଏବେ ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି। ଭିତର ରତ୍ନଭଣ୍ଡାରର ନଷ୍ଟ ହୋଇଥିବା ପଥର ଗୁଡିକ ବଦଳା ଯାଇଛି। ବାହାର ରତ୍ନଭଣ୍ଡାରରେ ବର୍ମାଟିକ କାଠରେ କବାଟ ଲଗାଯାଇଥିବା ବେଳେ ଏହାକୁ ଖୁବଶୀଘ୍ର ରୂପା ଛାଉଣୀ କରାଯିବ। ସେହିପରି ଭିତର ରତ୍ନଭଣ୍ଡାର କବାଟକୁ ସୁନା ଛାଉଣୀ ମଧ୍ୟ କରାଯିବ।

## ସାପ କାମୁଡ଼ାରେ ଚାଲିଗଲା ବିଧବାଙ୍କ ଜୀବନ

### ଚିକିତ୍ସା ପାଇଁ ବୋହିନେଲେ ୯ କି.ମି.



**କନ୍ଧମାଳ,ତୁମୁଡ଼ିବନ୍ଧ,୧୮/ଏନ୍ଏନ୍ଏସ୍:** ସାପ କାମୁଡ଼ାରେ ଚାଲିଗଲା ଜଣେ ବିଧବାଙ୍କ ଜୀବନ । ଗ୍ରାମକୁ ଯିବା ପାଇଁ ଭଲ ରାସ୍ତାନଥିବା ଯୋଗୁଁ ଗ୍ରାମରେ ପହଞ୍ଚି ପାରିନଥିଲା ଆମ୍ବୁଲାନ୍ସ । ଫଳରେ ଠିକ୍ ସମୟରେ ସ୍ୱାସ୍ଥ୍ୟସେବା ପାଇ ପାରିନଥିବା ଯୋଗୁଁ ଏଭଳି ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତର ଡିମିରିପଡ଼ା ଗ୍ରାମରେ । ଖବର ପ୍ରକାର ଗୁରୁବାର ରାତିରେ ମହିଳା ଜଣକ ପରିବାର ଲୋକଙ୍କ ସହିତ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ସାପ କାମୁଡ଼ିଥିଲା । ଫଳରେ ମହିଳା ଜଣକ ପାଟି କରିବାରୁ ପରିବାର ଲୋକେ ମହିଳାଙ୍କ ନିକଟରେ ପହଂଚିଥିଲେ । ଏହି ସମୟରେ ସାପ ଯାଉଥିବାର ଦେଖିଥିଲେ । ଘନ ଅନ୍ଧାର ରାତିରେ ଓ ଘଂଚ ଜଙ୍ଗଲ ମଧ୍ୟରେ ମହିଳାଙ୍କୁ ଡ଼ାକ୍ତରଖାନା ନେବା ସମ୍ଭବ ହୋଇନଥିବାରୁ ଆଜି ସକାଳୁ ସକାଳୁ ସେମାନେ ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ କରିଥିଲେ । ତେବେ ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ ଗ୍ରାମ ପହଞ୍ଚି ପାରିନଥିଲା । ଗ୍ରାମ ଠାରୁ ପ୍ରାୟ ୯ କିଲୋମିଟର ଦୂର ପିକୁସି ଠାରେ ଆମ୍ବୁଲାନ୍ସ ଅଟକି ଯାଇଥିଲା । ପରିବାର ଲୋକେ ସର୍ପାଘାତର ଶୀକାର ହୋଇଥିବା ମହିଳା ବଇମାଳୁ ମାଝୀ(୪୫)ଙ୍କୁ ପରିବାରର ବଡ଼ ପୁଅ ବେସ୍ତୁଧର ମାଝୀ (୨୭) କିଛି ବାଟ ବୋହି ଆଣିବା ପରେ ତାଙ୍କର ସାନ ଝିଅ ରଜନୀ ମାଝୀ (୧୮) ନିଜ କାନ୍ଧରେ ବୋହି ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେଁ ତୁମୁଡ଼ିବନ୍ଧ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବାଲିଗୁଡ଼ା ଉପଖଣ୍ଡ ସ୍ତରୀୟ ଡ଼ାକ୍ତରଖାନାକୁ ପଠାଇ ଦେଇଥିଲେ । ସେଠାରେ ଚିକିତ୍ସିତ ଅବସ୍ଥାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏଭଳି ଦୁଃଖଦ ଘଟଣା ଯୋଗୁଁ କେବଳ ପରିବାର ନୁହେଁ ସମଗ୍ର ଗ୍ରାମବାସୀ ସଂପୂର୍ଣ୍ଣଭାବେ ଦୁଃଖରେ ଭାଙ୍ଗିପଡ଼ିଥିବା ବେଳେ ଉକ୍ତ ଗ୍ରାମକୁ ଗମନା ଗମନ ସୁବିଧା ନଥିବା ଯୋଗୁଁ ପୂର୍ବରୁ ମଧ୍ୟ ଏଭଳି ବହୁ ଅଭାବନୀୟ ଘଟଣା ଘଟିଛି । ଏହି ଘଟଣା ପରେ ପରିବାର ଲୋକେ ତୁମୁଡ଼ିବନ୍ଧ ଥାନାରେ ଏକ ଏତଲା ଦେଇଥିବା ବେଳେ ପୁଲିସ୍ କେସ ନଂ ୭।୨୫ରେ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

## ମହାବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି

### ପିଲାଙ୍କ ଭବିଷ୍ୟତ ପାଠପଢ଼ା ନେଇ ଚିନ୍ତାରେ ଅଭିଭାବକ

**ଆସିକା,୧।୮/ଏନ୍ଏନ୍ଏସ୍:** ଉଚ୍ଚଶିକ୍ଷାର ବିକାଶ ଲାଗି ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ୧୯୭୮ ମସିହାରେ ସ୍ଥାପିତ ହୋଇଥିବା ନିମିନା ବୃନ୍ଦାବନ ଚନ୍ଦ୍ର କଲେଜରେ ବର୍ଷବର୍ଷ ଧରି ବହୁ ଅଧ୍ୟାପକ ପଦବୀ ଖାଲି ପଡିଥିଲେ ମଧ ସେହି ଗୁଡିକୁ ପୂରଣ କରିବା ଦିଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ




କୌଣସି ସୁଚିନ୍ତିତ ପଦକ୍ଷେପ ନିଆଯାଉନଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଇଛି । ଆସିକା ଅଞ୍ଚଳର ଅନ୍ୟତମ ସୁନାମଧନ୍ୟ ମହାବିଦ୍ୟାଳୟ ରୂପେ ପରିଚିତ ଥିବା ନିମିନା ବୃନ୍ଦାବନ ଚନ୍ଦ୍ର କଲେଜରେ ଦୀର୍ଘ ଦିନ ହେଲା ଖାଲିପଡିଥିବା ଇଂରାଜୀ ଅଧ୍ୟାପକ, ଇତିହାସ ଅଧ୍ୟାପକ, ଅର୍ଥଶାସ୍ତ୍ର ଅଧ୍ୟାପକ, ଦର୍ଶନଶାସ୍ତ୍ର ଅଧ୍ୟାପକ ପଦବୀ ସାଙ୍ଗକୁ ଆବଶ୍ୟକୀୟ ସଂଖ୍ୟକ କିରାଣୀ, ଗ୍ରନ୍ଥାଗାରିକ, ରାତ୍ର ଜଗୁଆଳ, ଝାଡୁଦାର ଓ ପିଅନ ପଦବୀ ପୂରଣରେ ବିଳମ୍ବ ଯୋଗୁଁ ଏହି ପୁରାତନ କଲେଜରେ ନାମ ଲେଖାଇବାକୁ ସଂପ୍ରତି ବିଦ୍ୟାର୍ଥୀ ମାନେ ଆଗ୍ରହ ପ୍ରକାଶ କରୁନଥିବା ଆଲୋଚିତ ହେଉଛି । ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର କଲେଜରେ ଅବସ୍ଥାପିତ ଅଧ୍ୟକ୍ଷଙ୍କ ମାର୍ଗଦର୍ଶନ ସାଙ୍ଗକୁ ଅଧ୍ୟାପନା ଦାୟିତ୍ୱରେ ଥିବା ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଉଚ୍ଚକୋଟୀର ଶିକ୍ଷାଦାନ ଶୈଳୀ ଯୋଗୁଁ ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀ ମାନେ ଆସି ଅଧ୍ୟୟନ କରି ଶିକ୍ଷା, ସଂସ୍କୃତି, କ୍ରୀଡା, କଳା ଓ ରାଜନୀତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଚାଲିଥିବା ନଜିର ରହିଛି । କିନ୍ତୁ ଦୁର୍ଭାଗ୍ୟ ଓ ପରିତାପର ବିଷୟ ବର୍ତ୍ତମାନ ଏହି ୪୭ବର୍ଷର ପୁରାତନ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଆନ୍ତରିକତାର ଅଭାବ ଯୋଗୁଁ ବହୁ ଅଧ୍ୟାପକ ଓ ଅଣଶୈକ୍ଷିକ ପଦବୀ ଖାଲିପଡିଛି । ଯୁକ୍ତଦୁଇ ଓ ତିନି କଳା ପାଠ୍ୟକ୍ରମରେ ବହୁ ଅଧ୍ୟାପକ ପଦବୀ ସାଙ୍ଗକୁ ବହୁ ଅଣ ଶିକ୍ଷକ ପଦବୀ ଖାଲିପଡିଥିଲା ବେଳେ ଛାତ୍ରଛାତ୍ରୀ ମାନେ ଜ୍ଞାନ ଆହରଣ କରିବା ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବହୁ ଅଭିଭାବକ ସେମାନଙ୍କ ସନ୍ତାନ ସନ୍ତତିଙ୍କ ଭବିଷ୍ୟତ ପାଠପଢା ନେଇ ଚିନ୍ତାରେ ପଡି ଯାଇଥିବା ଲକ୍ଷ୍ୟ କରାଯାଇଛି । ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଯୁକ୍ତଦୁଇ ଏବଂ ଯୁକ୍ତତିନି କଳା ଓ ବିଜ୍ଞାନ ପାଠ୍ୟକ୍ରମରେ ପ୍ରାୟ ୧୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିବା ଜଣାପଡିଛି । ନିମିନା ବୃନ୍ଦାବନ ଚନ୍ଦ୍ର କଲେଜରେ କାର୍ଯ୍ୟରତ ଥିବା କେତେକ ଅଧ୍ୟାପକ ମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅତୀତରେ ବିଭିନ୍ନ ସମୟରେ ଅନ୍ୟ କଲେଜକୁ ବଦଳି କରାଯାଉଥିଲେ ମଧ ତାଙ୍କରି ସ୍ଥାନରେ ନୂତନ ଅଧ୍ୟାପକଙ୍କୁ ପ୍ରାୟତଃ ନିଯୁକ୍ତି ଦିଆଯାଉନଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢାରେ ନାନା ସମସ୍ୟା ସୃଷ୍ଟି ହେଉଛି । ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେଇ ନିମିନା ବୃନ୍ଦାବନ ଚନ୍ଦ୍ର କଲେଜରେ ଖାଲି ପଡିଥିବା ଅଧ୍ୟାପକ ଓ ଅଣଶୈକ୍ଷିକ ପଦବୀ ଗୁଡିକ ପୂରଣ କରି ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟର ଅତୀତ ଗୌରବକୁ ଉଜ୍ଜିବୀତ କରି ରଖିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ମତ ପ୍ରକାଶ ପାଉଥିବା ଜଣାପଡିଛି ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ




**ବ୍ରହ୍ମପୁର,୧।୮/ଏନ୍ଏନ୍ଏସ୍:** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ କୃଷ୍ଣମୋହନ ପାଠୀ ଯୋଗ ଦେଇଥିଲେ । ବିଦ୍ୟାର୍ଥୀଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ସଫଳତାର ବ୍ୟାଖ୍ୟା ସମ୍ପର୍କରେ କହିଥିଲେ । ଶିକ୍ଷାନୁଷ୍ଠାନର ଗୌରବମୟ ଐତିହ୍ୟର ସ୍ମୃତିଚାରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆଇଜରର ଡିନ୍ ପ୍ରଫେସର ଜୟଦେବ ମୁଖୋପାଧ୍ୟାୟ ଅନୁଷ୍ଠାନର ଅତୀତ ଇତିହାସର ଅଭିଭୂତ ହେବା ସହ ଶୃଙ୍ଖଳାର ସହ ଜ୍ଞାନ ଆହାରଣରେ ବ୍ରତୀ ହୋଇ ନିଜ ଜୀବନର ଲକ୍ଷ୍ୟ ହାସଲ ପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ପ୍ରାକ୍ତନ ସୂଚନା ଆୟୁକ୍ତ ତଥା ବିଶିଷ୍ଟ ସମାଜସେବୀ ଜଗଦାନନ୍ଦ ନିଜ ବକ୍ତବ୍ୟରେ ଏହି ଗୌରବମୟ ଅନୁଷ୍ଠାନର ଅଂଶୀଦାର ହେବା ଛାତ୍ରଛାତ୍ରୀଙ୍କ ସୌଭାଗ୍ୟ ବୋଲି କହିଥିଲେ । କୁଳପତି ପ୍ରଫେସର ଦାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଅନୁଷ୍ଠାନର ଗୌରବମୟ ଐତିହ ଓ ସାଂପ୍ରତିକ ସଫଳତା ଉପରେ ଆଲୋକପାତ କରିଥିଲେ । ପ୍ରଥମେ ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ରାଜା ହରିହର ମର୍ଦ୍ଦରାଜ ଏବଂ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଆବକ୍ଷ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ଅତିଥିମାନଙ୍କ ସମ୍ମୁଖରେ ବିଶ୍ୱ ବିଦ୍ୟାଳୟର କୁଳସଙ୍ଗୀତ ଓ ଛାତ୍ର ପ୍ରକାଶ ପ୍ରଧାନ ଓ ମନୀଷା ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଭାଗର କାର୍ଯ୍ୟାବଳୀର ଭିଡିଓ ପ୍ରଦର୍ଶିତ ହୋଇଥିଲା । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଚିନ୍ମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ମୁଖପତ୍ର ‘ବ୍ରହ୍ମବାଣୀ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଗଞ୍ଜାମ ଜନ୍ମିତ ୯ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ତାରାତାରିଣୀ ମନ୍ଦିର ରୋପୱେ ପରିସରରେ ମକ୍‌ଡ୍ରିଲ୍

### ଉଦ୍ଧାର କଳା କୌଶଳ ଦେଖାଇଲେ ସୁରକ୍ଷା କର୍ମଚାରୀ

**ପୁରୁଷୋତ୍ତମପୁର,୧।୮/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ପୀଠରେ ଥିବା ଉର୍ଦ୍ଧଗାମୀ ରୋପୱେରେ ସମ୍ଭାବ୍ୟ ଆଶୁ ଦୁର୍ଘଟଣାରୁ କିପରି ଯାତ୍ରୀମାନଙ୍କୁ ରକ୍ଷା କରାଯାଇପାରିବ ସେ ନେଇ ଏକ ମକ୍‌ଡ୍ରିଲ୍ ପ୍ରଦର୍ଶନ ହୋଇଥିଲା । ଆଜି କଟକ ମୁଣ୍ଡୁଳିରେ ଥିବା ତୃତୀୟ ବାଟାଲିୟନ ଏନଡିଆର୍‌ଏଫ ପକ୍ଷରୁ ଏକ ମକଡ୍ରିଲ ଆୟୋଜିତ ହୋଇଥିଲା । କଟକ ମୁଣ୍ଡୁଳିରେ ଥିବା ତୃତୀୟ ବାଟାଲିୟନ ଏନଡିଆରଏଫ ଟିମ ଏବଂ ଜିଲ୍ଲା ଫାୟାର ଟିମ୍‌ର ବହୁ ଅଧିକାରୀ ଓ କର୍ମଚାରୀ ମକଡ୍ରିଲରେ ସାମିଲ ହୋଇଥିଲେ । ଦୁଇ ଜଣ ଭକ୍ତଙ୍କୁ ରୋପୱେର କେବିନ ଭିତରକୁ ନିଆଯାଇଥିଲା । ସେମାନକୁ କିପରି ସୁରକ୍ଷା ଦେଇ ଉଦ୍ଧାର କରାଯିବ ସେହି କଳା ଓ କୌଶଳ ଉଭୟ ଟିମ୍ ପ୍ରଦର୍ଶନ କରିଥିଲେ । ମକଡ୍ରିଲ ବେଳେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ଏନଡିଆରଏଫ୍ ଡେପୁଟି କମାଣ୍ଡର ପ୍ରବୀଣ ଚୌହାନ, ଅଗ୍ନିଶମ ବିଭାଗର ମୁଖ୍ୟ ଅଧିକାରୀ ଆଲୋକ କୁମାର ଦଳାଇ, ବିଜୟ କୁମାର ନାୟକ, କାହ୍ନୁ ଚରଣ ସୋରେନ, ଡକ୍ଟର ତୁଷାରକାନ୍ତ ବେହେରା, ଶିବ ଶଙ୍କର ବେହେରା, ନିରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ନମିତା ବେହେରା, ବିଚିତ୍ର କୁମାର ବେହେରା, ସନ୍ତୋଷ କୁମାର ବେହେରା, ରାଇପୁର ରାଜସ୍ୱ ନୀରିକ୍ଷକ ପ୍ରଶାନ୍ତ କୁମାର ବେହେରା, ପୁରୁଷୋତ୍ତମପୁର ଅଗ୍ନିଶମ କର୍ମଚାରୀ ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ରୋପୱେର ମ୍ୟାନେଜର ପୁଳକ ଦିଣ୍ଡା ଓ ତାଙ୍କ ଷ୍ଟାଫ୍‌ଙ୍କ ସଂଯୋଜନାରେ ମକ୍‌ଡ୍ରିଲ୍ ଆୟୋଜିତ ହୋଇଥିଲା ।

## ନିରଞ୍ଜନ ଜେନା ଆକ୍ରମଣ ମାମଲାରେ ୬ ଗିରଫ

### ୬ ମାଉଜର୍, ୭ ମାଗାଜିନ୍, ମୋବାଇଲ୍ ଏବଂ ବାଇକ୍ ଜବତ





**ଶେରଗଡ,୧।୮/ଏନ୍ଏନ୍ଏସ୍:** ଶେରଗଡ଼ ଥାନା ଅନ୍ତର୍ଗତ ସୁନାନ୍ତର ଛକରେ ଗତ ମାସ ୨୫ ତାରିଖ ସନ୍ଧ୍ୟାରେ ନିରଞ୍ଜନ ଜେନା ଓ କାଳିଆ ଉପରକୁ ହୋଇଥିବା ବୋମା ଏବଂ ଗୁଳିମାଡ଼ ଘଟଣାରେ ଶେରଗଡ଼ ପୁଲିସ ୬ ଜଣଙ୍କୁ ଗିରଫ କରିଛି । ଘଟଣାରେ ସମ୍ପୃକ୍ତ ବାଦଗଡ଼ ଗ୍ରାମର କୃଷ୍ଣ ଚନ୍ଦ୍ର ସେଠି, କୁଲାଗଡ଼ ଗ୍ରାମର କାମେଶ୍ୱର ଗୌଡ଼, ଅଲାରିଗଡ଼ ଗ୍ରାମର ଅମିତାଭ ବିଷୋୟୀ, ବାଲିଗଡ଼ ଗ୍ରାମର ସିମାଞ୍ଚଳ ବିଷୋୟୀ, ବାଲିପଡା ଗ୍ରାମର ବଂଶୀଧର ବିଷୋୟୀ ଏବଂ ଧରାକୋଟ ଗ୍ରାମର ସୁରିଆ ନାଇକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରେ ଆକ୍ରମଣରେ ବ୍ୟବହୃତ ୬ ଗୋଟି ପିସ୍ତଲ, ପାଖାପାଖି ୪୦ ଗୋଟି ଗୁଳି, ୭ ଗୋଟି ମାଗାଜିନ, ୭ ଗୋଟି ମୋବାଇଲ ସହ ଗୋଟିଏ ହୋଣ୍ଡା ବାଇକ୍ ଜବତ ହୋଇଛ । ଆସିକା ଏସ ଡି ପି ଓ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଅଧିକାରୀ ଏବଂ ପୁଲିସକୁ ନେଇ ଗଠିତ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ଘଟଣାରେ ୨୦ ଲକ୍ଷ ଟଙ୍କା ସୁପାରୀ ଦିଆଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆସିକା ଏସ୍‌ଡିପିଓ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

## ଜଙ୍ଗଲରେ ବାଘର ପାଦ ଚିହ୍ନ !



**ପାତ୍ରପୁର,୧।୮/ଏନ୍ଏନ୍ଏସ୍:** ସାମନ୍ତିଆପଲ୍ଲୀ ବନାଞ୍ଚଳ ତାଡ଼କା ସାହି ମାଡୁଆଗୁମ୍ଫା ରାସ୍ତାରେ ବାଘ ପାଦଚିହ୍ନ ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି । ଗୋଟିଏ ଛେଳିକୁ ମାରିଥିବା ଅଭିଯୋଗ ହୋଇଥିଲା । ଗତକାଲି ରାସ୍ତାରେ ଛୁଆ ସହିତ ବାଘର ପାଦଚିହ୍ନ ପଡ଼ିଥିବା ନଜରକୁ ଆସିଥିଲା । ଏପରିକି ଏହି ରାସ୍ତାରେ ଯାଉଥିବା ଲୋକ ମାନେ ପାଦ ଚିହ୍ନ ଦେଖି ବାଘ ଜଙ୍ଗଲରେ ବୁଲୁଥିବା ଆଶଙ୍କା କରୁଛନ୍ତି । ଗତ ଚାରି ଦିନ ତଳେ ମଶାଣିବାଡ ଗ୍ରାମର କୁମର ବେହେରାଙ୍କ ଗୋଟିଏ ଛେଳିକୁ ବାଘ ମାରି ଟାଣି ନେଉଥିବା ବେଳେ ତାକୁ ଛେଳି ଚରାଳି ଉଦ୍ଧାର କରିଥିଲେ । ଏନେଇ ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧିକାରୀ ମନୋଜ ପାତ୍ରଙ୍କୁ ପଚାରିବାରୁ ଖବର ଶୁଣି ସ୍ଥାନୀୟ କର୍ମଚାରୀ ଘଟଣା ସ୍ଥଳକୁ ପଠାଯାଇଛି । ଅନୁସନ୍ଧାନ ଓ ମିଳିଥିବା ପାଦ ଚିହ୍ନ ଯାଞ୍ଚ କଲାପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି ।

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଗଞ୍ଜାମ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

### ଶିକ୍ଷକଙ୍କ ଦାବି ପୂରଣ, ୟୁଏଏସ୍ ବ୍ୟବସ୍ଥା ସ୍ଥଗିତ ଦାବି




**ବ୍ରହ୍ମପୁର,୧।୮/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆଜି ବିଭିନ୍ନ ଦାବି ନେଇ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା । ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ବିଦ୍ୟାଳୟର ଭିତ୍ତିଭୂମି ତଥା ଆନୁସଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଦାବି କରାଯାଇଥିଲା । କିନ୍ତୁ ସରକାର ଏ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ବଳ ପୂର୍ବକ ଲଦି ଦିଆଯାଉଥିବା ୟୁଏଏସ୍(ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍) ବ୍ୟବସ୍ଥାକୁ ସ୍ଥଗିତ ରଖିବାକୁ ଦାବି କରାଯାଇଥିଲା । ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ପିଲାଙ୍କ ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଶିକ୍ଷକମାନେ ବାରମ୍ବାର ସରକାରଙ୍କ ଦ୍ୱାରା ଅବହେଳାର ଶିକାର ହୋଇ ଆସୁଛନ୍ତି । ସେମାନଙ୍କ ନାର୍ଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି । ସରକାର ବିଭିନ୍ନ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇ ପରେ ଶିକ୍ଷକମାନଙ୍କୁ ପ୍ରତାରଣା କରୁଛନ୍ତି । ଦରମା ଅସଙ୍ଗତି ଦୂର କରିବା, ସମାନ କାମକୁ ସମାନ ଦରମା ଦେବା, ପୁରୁଣା ପେନ୍‌ସନ୍ ଲାଗୁ କରିବା, ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପାଇଁ ଓଟିଇଟି ଉଚ୍ଛେଦ, ଓଟିଇଟି ଆଳରେ ନିୟମିତ ହେବାରୁ ବଞ୍ଚିତ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ତୁରନ୍ତ ଉପରୋକ୍ତ ଦାବି କାର୍ଯ୍ୟକାରୀ କରିବା ସହ ୟୁଏଏସ୍ ବ୍ୟବସ୍ଥାକୁ ସ୍ଥଗିତ ରଖିବା ପାଇଁ ଦାବି ହୋଇଥିଲା । ପ୍ରଥମେ ସରକାରୀ ସ୍କୁଲଗୁଡିକର ଆବଶ୍ୟକ ଭିତ୍ତିଭୂମି ସୁଦୃଢ ସହ ଶିକ୍ଷକମାନଙ୍କ ସମସ୍ୟାର ସମାଧାନ କରିବା ପରେ ନୂତନ ନିୟମକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଥିଲା । ଏହି ଦାବିପତ୍ର ପ୍ରଦାନ ବେଳେ ଶିକ୍ଷକ ସଂଘର କୁକୁଡାଖଣ୍ଡି ସଭାପତି ଏ. ପୁଷ୍ପଲତା, ସମ୍ପାଦକ ଟି. କୋରାମଣି ପାତ୍ର, ଟୁ ପ୍ରଧାନ, କେ. ମୋହନ ରାଓ, ଇ. ଗଣେଶ ପାତ୍ର, ସନ୍ତୋଷ କୁମାର ଗୌଡ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଡ. ଅନନ୍ତରାମ କର କୌଣ୍ଡାନ୍ୟଙ୍କୁ ପଦ୍ମଶ୍ରୀ ଉପାଧି ଦାବି

**ବ୍ରହ୍ମପୁର,୧।୮/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଭୀଷ୍ମଗିରି ଗ୍ରାମର ବହୁ ପ୍ରତିଭାର ଅଧିକାରୀ ଡ଼. ଅନନ୍ତରାମ କର କୌଣ୍ଡାନ୍ୟଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିବା ପାଇଁ ଗଞ୍ଜାମ ଜିଲ୍ଲା ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଅନୁରୋଧ କରିଛନ୍ତି । ବରିଷ୍ଠ ଆଇନଜୀବୀ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏନେଇ ଚିଠି ଲେଖି ଅନୁରୋଧ କରିଥିବା ଜଣାପଡିଛି । ଡ଼. ଅନନ୍ତରାମ କର କୌଣ୍ଡାନ୍ୟ ଏକାଧାରରେ ଜଣେ ଗବେଷକ, ଇତିହାସକାରକ, ସାହିତ୍ୟିକ, ଆୟୁର୍ବେଦ ବିଶେଷଜ୍ଞ, ସମ୍ମାନଜନକ ବନପ୍ରାଣୀ ସଂରକ୍ଷକ, ଗଜପତି ଜିଲ୍ଲା ଏବଂ ଆଇନଜୀବୀ ସହ ଜଣେ ଉଚ୍ଚକୋଟିର ସାମ୍ବାଦିକ । ତାଙ୍କର ଉଚ୍ଚକୋଟୀର ଗବେଷଣା ଯୋଗୁଁ ଓଡିଶାର ବହୁ ବିଦ୍ୟାର୍ଥୀ ଓ ଗବେଷକ ତାଙ୍କୁ ଅନୁସରଣ କରି ସଫଳ ପାଇବା ସଙ୍ଗେ ସଙ୍ଗେ ବୌଦ୍ଧିକ ଜ୍ଞାନ ଅର୍ଜନ କରିପାରିଛନ୍ତି । ବଣର ମଲ୍ଲୀ ବଣରେ ଫୁଟି ମଉଳି ଗଲା ପରି ଆମ ଗଞ୍ଜାମ ଜିଲ୍ଲାର ମଲ୍ଲୀ ଅନନ୍ତ ରାମ କର କୌଣ୍ଡନ୍ୟ ପୂର୍ବ ସରକାର ଅମଳରେ ନଜରକୁ ଆସିପାରିନାହାନ୍ତି । ତେଣୁ ନୂତନ ସରକାର ଅମଳରେ ଓଡିଶାର ସାହିତ୍ୟିକ, ଗବେଷକ ଓ ଐତିହାସିକମାନଙ୍କୁ ସମ୍ମାନଜନକ ମର୍ଯ୍ୟାଦା ଦିଆଯିବାରେ କୌଣସି ଅବହେଳା କରୁନାହାଁନ୍ତି । ତେଣୁ ଏଭଳି ଜଣେ ବ୍ୟକ୍ତିଙ୍କୁ ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ସମ୍ମାନଜନକ ଉପାଧିରେ ଭୂଷିତ କଲେ, ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ହେବ ବୋଲି ଆଇନଜୀବୀ ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ହାଇସ୍କୁଲର ଜୁନିୟର୍ ଆସିଷ୍ଟାଣ୍ଟଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ବୁଗୁଡା,୧।୮/ଏନ୍ଏନ୍ଏସ୍:** ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଜୁନିୟର ଆସିଷ୍ଟାଣ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସିଆରସିସି କିରଣ ବାଳା ତ୍ରିପାଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମଞ୍ଚାସୀନ ରହିଥିବା ବେଳେ ଏ ଅବସରରେ ଅବସରପ୍ରାପ୍ତ ଜୁନିୟର ଆସିଷ୍ଟାଣ୍ଟ ସୁକାନ୍ତି ରାଜଗୁରୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗତ ୨୬ ନଭେମ୍ବର ୨୦୧୦ରୁ ଉକ୍ତ ଶିକ୍ଷାନୁଷ୍ଠାନରେ ଜୁନିୟର ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ଏବଂ ୨୦୨୫ ଜୁଲାଇ ଶେଷ ଦିବସରେ ଅବସର ଗ୍ରହଣ କରିବା କାଳ ମଧ୍ୟରେ ନିଜର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଏବଂ ବିନମ୍ରତା ଗୁଣ ପାଇଁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀମାନେ ମଧ ସ୍ୱ ସ୍ୱ ବକ୍ତବ୍ୟରେ ବିଦାୟୀ ଜୁନିୟର ଆସିଷ୍ଟାଣ୍ଟଙ୍କ ଭୂୟସୀ ପ୍ରଶଂସା କରିଥିଲେ ।

# ରାଖୀ ପୂର୍ଣ୍ଣିମା ପାଇଁ ବୁଗୁଡ଼ା ଚଳଚଞ୍ଚଳ, ଦୋକାନ ମାଳମାଳ



**ବୁଗୁଡ଼ା,୧।୮/ଏନ୍ଏନ୍ଏସ୍:** ଆଗକୁ ଆସୁଛି ରାଖୀ ପୂର୍ଣ୍ଣିମା । ପ୍ରଭୁ ବଳଦେବ ଜୀଉଙ୍କର ଜନ୍ମଦିନ ଶ୍ରାବଣ ପୂର୍ଣ୍ଣିମାରେ ପାଳନ ହେଉଥିବା ରକ୍ଷାବନ୍ଧନ ଉତ୍ସବ ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହର ବନ୍ଧନକୁ ଆହୁରି ନିବିଡ଼ କରିଥାଏ । ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀମାନେ ଚନ୍ଦନ, ହଳଦୀ, ଦୀପ, ଅରୁଆ ଚାଉଳ ରଖି ପୂଜାଥାଳି ପ୍ରସ୍ତୁତ କରି ଭାଇ ହାତରେ ରାକ୍ଷୀ ବାନ୍ଧି ତା’ର ଶୁଭ ମନାସୀ ଦୀର୍ଘାୟୁ କାମନା କରିଥାନ୍ତି । ଭାଇ ନିଜ ଭଉଣୀର ସୁଖଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ । ଏ ମାସର ୯ ତାରିଖ ଶନିବାର ଦିନ ସହରଠୁ ଆରମ୍ଭକରି ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସର ସହ ପାଳିତ ହେବ ପବିତ୍ର ରକ୍ଷାବନ୍ଧନ ଉତ୍ସବ । ରକ୍ଷାବନ୍ଧନ ଉତ୍ସବକୁ ନେଇ ବୁଗୁଡ଼ାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇ ପଡିଥିଲା ବେଳେ ରାଖୀ ବ୍ୟବସାୟ ଜୋର୍ ଧରିଛି । ରାଖୀ ପୂର୍ଣ୍ଣିମାକୁ ନେଇ ବୁଗୁଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ମାଳ ମାଳ ରାଖୀ ଦୋକାନ ଦେଖିବାକୁ ମିଳିଛି । ଅଧିକାଂଶ ଦୋକାନରେ ଶତାଧିକ ପ୍ରକାରର ରାଖୀ ବିକ୍ରି ହେଉଥିବା ବେଳେ ଏକ ଟଙ୍କାରୁ ଆରମ୍ଭ କରି ସାଢେ ତିନି ଶହ ଟଙ୍କାର ରାକ୍ଷୀ ବିକ୍ରି ହେଉଛି । ବିଶେଷ କରି ବ୍ରେସଲେଟ୍ ଶୈଳୀର ଷ୍ଟୋନ୍ ରାଖୀର ଚାହିଦା ବେଶ୍ ରହିଛି । ଅନ୍ୟପକ୍ଷରେ, ରାଖୀ ବିକ୍ରି କରୁଥିବା ବ୍ୟବସାୟୀମାନେ ଏ ବର୍ଷ ରାଖୀ ବିକ୍ରି କରି ଭଲ ଦି’ପଇସା ରୋଜଗାର କରିବେ ବୋଲି ଆଶା ବାନ୍ଧିଥିବା ଜଣାଯାଇଛି ।

**ସ୍କାଏଲାଇଟ୍ ଭାଙ୍ଗି ଚୋରି ଘଟଣା**

## ୪୮ଘଣ୍ଟାରେ ଅଭିଯୁକ୍ତଙ୍କୁ କାବୁକଲା ପୁଲିସ

**ଗୋପ,୧୮/ଏନ୍ଏନ୍ଏସ୍:** ଗୋପ ପୁଲିସକୁ ଚକ୍‌ମା ଦେଇ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଗୋପ ଅଞ୍ଚଳର ଜଣେ ସାମ୍ବାଦିକଙ୍କ ବାଇକ ନେଇ ଫେରାର୍ ହୋଇଯାଇଥିବା ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ ସ୍ପେଶାଲ ପୁଲିସ ଟିମ ଓ ଗୋପ ପୁଲିସର ଏକ ଟିମ୍ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ସୁଦୁରକ ଗ୍ରାମର ସୂର୍ଯ୍ୟକାନ୍ତ ମହାନ୍ତି (୨୫) ଓ କ୍ରିଷ୍ଣା ସାହୁ (୧୮)। ଦୁହିଁଙ୍କୁ ଗିରଫ କରାଯାଇଥିବା ଓ ତାଙ୍କ ନିକଟରୁ ଚୋରି ହୋଇଥିବା ଏକ ବାଇକ ଜବତ ହୋଇଥିବା ଗୋପ ଥାନା ଏସ୍ଆଇ ବୁଦ୍ଧରାୟ ମାଝୀ କହିଛନ୍ତି। ସୂଚନା ମୁତାବକ ଏକ ଚୋରି ମାମଲାରେ ଗତ ମାସ ୨୮ ତାରିଖରେ ଭୁବନେଶ୍ୱର ଅଞ୍ଚଳର କ୍ରିଷ୍ଣା ସାହୁ (୧୮)ଓ ଚାରିଛକ ସୁଦୁର ଅଞ୍ଚଳର ସୂର୍ଯ୍ୟକାନ୍ତ ମାହାନ୍ତି (୨୫) ଙ୍କୁ ଗିରଫ କରି ଗୋପ ପୁଲିସ ଥାନାକୁ ଆଣି ଅଟକ ରଖାଯାଇଥିଲା। ତେବେ ୨୯ ତାରିଖ ରାତି ସାଢ଼େ ୮ଟାରେ ଏହି ଦୁଇ ଅଭିଯୁକ୍ତ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିଲା। ଏ ନେଇ ଜିଲ୍ଲା ପୁଲିସ ପକ୍ଷରୁ ତନାଘନା ହେବା ସହ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୨ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସୂର୍ଯ୍ୟକାନ୍ତ ଥିବା ସୂଚନା ମିଳିବା ପରେ ସ୍ୱତନ୍ତ୍ର ଟିମ୍ ଓ ଗୋପ ଥାନା ଏସ୍ଆଇ ବୁଦ୍ଧରାୟ ମାଝୀ, ଗୃହରକ୍ଷୀ ସୁବାସ କୁମାସ ମହାନ୍ତି ଚଢ଼ଉ କରି ଦୁଇଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଥିବା ବେଳେ ସାମ୍ବାଦିକଙ୍କ ଚୋରି ହୋଇଥିବା ବାଇକ୍‌କୁ ଜବତ କରାଯାଇଥିବା ଗୋପ ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଆମିଷ ବଜାର ପାଇଁ ମୁଖ୍ୟ ରାସ୍ତା ଅବରୋଧ



**ଜଟଣୀ,୧୮/ଏନ୍ଏନ୍ଏସ୍:** ଜଟଣୀ ମୁଖ୍ୟରାସ୍ତା ହରିଭାଇନା ଛକରୁ ତାଳଖେତା ଛକ ଜଟଣୀ ଗେଟ୍ ଦେଇ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିରେ ବେଆଇନ ଭାବେ ଉଠା ଦୋକାନୀ ଗଢ଼ିଉଠିବା ଯୋଗୁଁ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହେବାରେ ଲାଗିଛି। ବର୍ତ୍ତମାନ ଦେଖିବାକୁ ଗଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ତଥା ବେସରକାରୀ ଶିକ୍ଷାନୁଷ୍ଠାନ ସେଣ୍ଟ ଜାଭିଅର ଇଂରାଜୀ ବିଦ୍ୟାଳୟ ନିକଟରେ ଥିବା ରାସ୍ତା କଡ଼ରେ ଗଢ଼ିଉଠିଥିବା ଅସ୍ଥାୟୀ ମାଛ ଦୋକାନରେ ସପ୍ତାହର ବୁଧବାର, ଶୁକ୍ରବାର ଏବଂ ରବିବାରରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳେ। ରାସ୍ତା କଡ଼ରେ ଦୋକାନ ଥିବାରୁ ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ରଖିବା ଫଳରେ ମୁଖ୍ୟ ରାସ୍ତାଟି ଜାମ୍ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି।

ଐହା ନିକଟରେ ରହିଛି ନିକଟରେ ସରକାରଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଯାହା ଫଳରେ ରୋଗୀଙ୍କ ଯିବାଆସିବା ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ସମୟ ସମୟରେ ଆମ୍ବୁଲାନ୍ସ ଯିବାଆସିବାରେ ମଧ୍ୟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୁଏ। ଆମିଷ ଦୁର୍ଗନ୍ଧରେ ପରିବେଶ ଦୂଷିତ ହେଉଛି। ଏହି ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନେକ ଥର ପୌରପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୌର ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ ଦେଖିବାକୁ ମିଳିଛି। ସବୁ ଜାଣି ପୌରପ୍ରଶାସନ ନିରବ ରହିଛି। କିଛି ଦିନ ତଳେ ପୌରପାଳିକା ପକ୍ଷରୁ ଲୋକଦେଖାଣିଆ ଭାବେ ଚଢ଼ଉ କରାଯାଇ ଆମିଷ ବେପାରୀ ମାନଙ୍କୁ ଏହିଠାରୁ ତଡ଼ାଯାଇଥିଲେ ହେଁ ଗୋଟେ ସପ୍ତାହ ପରେ ପୁନର୍ବାର ସେହି ସ୍ଥାନରେ ଡ୍ରେନ ଉପରେ ଆମିଷ ବେପାର ଚାଲିଛି। ଯଦି ରାସ୍ତା କଡ଼ରୁ ବେଆଇନ ଦୋକାନଗୁଡ଼ିକୁ ଉଚ୍ଛେଦ କରାନଯାଏ ତେବେ ଆଗକୁ ଏହା ଅଧିକ ଜଟିଳ ସମସ୍ୟା ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଚାରିଛକ,୧୮/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତମ୍ପାଳ ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ ଓ ଖେଳ ଶିକ୍ଷକ ନେତ୍ରାନନ୍ଦ ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ତମ୍ପାଳ ପଞ୍ଚାୟତ ସରପଞ୍ଚ ସସ୍ମିତା ଖଟୋଇ, ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ୱାର୍ଡସଭ୍ୟ ସୁଦର୍ଶନ ରାଉତ, ପରିଚାଳନା କମିଟିର ସଦସ୍ୟ ଦୁଷ୍ମନ୍ତ ସାହୁ, ଆଲୁମିନିୟମ ସଭାପତି ଈଶ୍ୱର ଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ଜଗମୋହନ ପାତ୍ର, ଅବସରପ୍ରାପ୍ତ କିରାଣୀ ଚନ୍ଦ୍ରମଣି ବେହେରା, ଚତୁର୍ଥ ଶ୍ରେଣୀ କର୍ମଚାରୀ ଧନେଶ୍ୱର ସାହୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ କୁମାର ସାମନ୍ତସିଂହାର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସିସିରେନ୍ଦ୍ର ସାମନ୍ତରାୟ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର ସଭା ପରିଚାଳନା କରିଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ ଓ ଖେଳ ଶିକ୍ଷକ ନେତ୍ରାନନ୍ଦ ବାରିକଙ୍କ ଜୀବନୀ ଓ ନିଷ୍ଠାପର କାର୍ଯ୍ୟ ଉପରେ ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ସଂଗୀତା ବେହେରା, ଶୁଭଲକ୍ଷ୍ମୀ ଦାସ, ପ୍ରଭାରାଣୀ ମହାପାତ୍ର, ନୟନା ସାହୁ, ପୁଷ୍ପିତା ମାଝୀ, ସନ୍ଧ୍ୟାରାଣୀ ସେଠୀ, ସଙ୍ଗୀତା ସନ୍ଧ୍ୟା ପଟେଲ, ଶିକ୍ଷକ ଜ୍ୟୋତିର୍ମୟୀ ଦୀକ୍ଷିତ, ଟିଟିକେଶ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉକ୍ତ ଦୁଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅବସର ଗ୍ରହଣ କରିଥିବା ଦୁଇ ଶିକ୍ଷକଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ତେଜରାତି ଦୋକାନରୁ ଚୋରି

**ବଲଙ୍ଗା,୧୮/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତ ଅଧିନସ୍ଥ ଗଡଚାନ୍ଦପୁର ଗ୍ରାମରେ ଥିବା ଏକ ତେଜରାତି ଦୋକାନରୁ ଚୋରି ହୋଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଦୀନବନ୍ଧୁ ପାତ୍ର କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଗାଁ ମୁଣ୍ଡରେ ଥିବା ଏକ ଗ୍ରୋସରି ଦୋକାନ ଥିବା ବେଳେ ସବୁଦିନ ରାତିରେ ଦୋକାନ ଭିତରେ ଶୁଅନ୍ତି। ଗତକାଲି ରାତିରେ ତାଙ୍କର ଦେହ ଖରାପ ଥିବାରୁ ରାତି ୧୦ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ରାତି ୧ଟାରେ ଦୋକାନ ଦେଖିବାକୁ ଆସିଥିବା ବେଳେ ଦେଖିଲେ ଯେ ଦୋକାନର ତାଲା ଭଙ୍ଗା ଯାଇଛି। ଦୋକାନ ଭିତରକୁ ଯାଇ ଦେଖନ୍ତି ଯେ ୨୫ ଲିଟର ପେଟ୍ରୋଲ, ଏଲଇଡି ଟିଭି, ନଗଦ ୧୨୭୦୦ ଟଙ୍କା ଓ ଦୋକାନରେ ଥିବା ତେଜରାତି ଜିନିଷ ଚୋରି ହୋଇଯାଇଛି। ଏ ନେଇ ସେ ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ



**ବୟାଳିଶମୌଜା,୧୮/ଏନ୍ଏନ୍ଏସ୍:** ୪୨ ମୌଜା ସ୍ଥିତ ଝାରକଟା ଉ.ପ୍ରା ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ଦ୍ୱିତୀୟ ଅଭିଭାବକ ସମ୍ମିଳନୀ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଜିତେନ କୁମାର ଦାଶ ଉକ୍ତ ସମ୍ମିଳନୀର ଆଭିମୁଖ୍ୟ ଉପସ୍ଥାପନ କରି କହିଲେ ଯେ ଛାତ୍ରଛାତ୍ରୀମାନେ ନିଜ ନିଜର ମାଆ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ଏହାର ଯତ୍ନ ନେବା ପୂର୍ବକ ପରିବେଶ ସୁରକ୍ଷା ପାଇଁ ସଚେତନ ହେବା ଉଚିତ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଏକ ପେଡ୍ ମାଆକେ ନାମର ସଫଳତା ପାଇଁ ଅଭିଭାବକମାନଙ୍କର ଆନ୍ତରିକ ସଦିଚ୍ଛା କାମନା କରିଥିଲେ। ପ୍ରଧାନଶିକ୍ଷକ ଏହି ଅବସରରେ ସୁରଭି ଓ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ସୂଚନା ଦେବା ସହ ଅଭିଭାବକମାନଙ୍କର ସହଯୋଗ କାମନା କରିଥିଲେ। ଶିକ୍ଷୟିତ୍ରୀ ଅଳକା ନାୟକ ଶିଶୁ ସୁରକ୍ଷା ଓ ପିଲାମାନଙ୍କର ସୁନ୍ଦର ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ପିତାମାତା ମାନଙ୍କୁ ଗଠନମୂଳକ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ମିନତି ସ୍ୱାଇଁ ଶିକ୍ଷଣର ବିଭିନ୍ନ ଦିଗ ବିଷୟରେ ମତବ୍ୟକ୍ତ କରିଥିଲେ। ଅଭିଭାବକମାନେ ସରକାରଙ୍କର ଏହି କାର୍ଯ୍ୟକ୍ରମଗୁଡ଼ିକୁ ବେଶ ପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷକ ଜିତେନ କୁମାର ଦାଶ ଅଭିଭାବକ ମାନଙ୍କର ପ୍ରତ୍ୟେକ ଗଠନ ମୂଳକ ପ୍ରସ୍ତାବକୁ ଗ୍ରହଣ କରି ବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ବଦ୍ଧ ପରିକର ବୋଲି ସୂଚିତ କରିଥିଲେ। ଶେଷରେ ଶିକ୍ଷକ ବିକାଶ କୁମାର ମହାରଣା ଧନ୍ୟବାଦ୍ ଦେଇଥିଲେ।

**ଜାତୀୟ ମାନବ ଅଧିକାର ସ୍ୱେଚ୍ଛାସେବୀ ସଂସ୍ଥାର ହସ୍ତକ୍ଷେପ**

## ୨ ମାସ ପରେ ମା' କୋଳକୁ ଫେରିଲା ଶିଶୁପୁତ୍ର

**ଗୋପ,୧୮/ଏନ୍ଏନ୍ଏସ୍:** ଜାତୀୟ ମାନବାଧିକାର ସ୍ୱେଚ୍ଛାସେବୀ ସଂସ୍ଥାର ହସ୍ତକ୍ଷେପ ଫଳରେ ଦୀର୍ଘ ଦୁଇମାସ ପରେ ମା' କୋଳକୁ ଫେରିଛି ପୁତ୍ର ସନ୍ତାନ। ଗୋପ ଥାନାରେ ପୁତ୍ର ସନ୍ତାନକୁ ପାଇ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି ମା'। ପୁତ୍ର ସନ୍ତାନକୁ ଫେରିପାଇବା କେବଳ ନ୍ୟାସ୍‌ନାଲ୍ ହ୍ୟୁମାନ ରାଇଟ୍ସ ନାମକ ସ୍ୱେଚ୍ଛାସେବୀ ସଂଗଠନ ଯୋଗୁ ସମ୍ଭବ ହୋଇପାରିଛି ବୋଲି ଉଦ୍ଧାର ଶିଶୁର ମା' କହିଛନ୍ତି।

ସୂଚନା ମୁତାବକ ୨୦୨୦ମସିହାରେ ଗୋପ ଥାନା ଅଧିନ ବେଦପୁର ପଞ୍ଚାୟତ ବେଗୁନିଆ ଗ୍ରାମର ଦାମୋଦର ସାହୁଙ୍କୁ ବୈଦିକ ରୀତିରେ ନିମାପଡ଼ା ଥାନା ଅନ୍ତର୍ଗତ ଅମୁଣିଆପାଟଣା ଗ୍ରାମର ଲିଲିମା ସାହୁ ବିବାହ କରିଥିଲେ। ବିବାହ ପରେ ନବଦମ୍ପତିଙ୍କ ମଧ୍ୟରେ କିଛି ଦିନ ଧରି ସୁସମ୍ପର୍କ ରହିଥିବା ବେଳେ ପରେ ବିବାଦ ଯୋଗୁ ପରସ୍ପର ଅଲଗା ରହୁଥିଲେ। ଦୁଇ ମାସ ତଳେ ଲିଲିମାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହେବା ପରେ ବାପା ଦାମୋଦର ତାକୁ ନେଇ ତାଙ୍କ ଭଉଣୀ ଘର ଗୋପ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ରଖିଥିଲେ। ତେବେ ଏ ନେଇ ଗୁରୁବାର ସନ୍ଧ୍ୟାରେ ନ୍ୟାସନାଲ ହ୍ୟୁମାନ ରାଇଟ୍ସର ରାଜ୍ୟ ସଂଯୋଜକ ସୌଦାମିନି ଦାଶ, ରାଜ୍ୟ ଉପସଭାପତି ଜୟଶ୍ରୀ ପାତ୍ରଙ୍କ ସହିତ ଏକ ୬ ଜଣିଆ ଟିମ୍ ଗୋପ ଥାନାରେ ଅଭିଯୋଗ ଆଣିବା ପରେ ସଙ୍ଗେ ସଙ୍ଗେ ଥାନା ଏସ୍ଆଇ ଦେବସ୍ମିତ ସିଂ ସମ୍ପୃକ୍ତ ଗ୍ରାମକୁ ଯାଇ ପୁତ୍ର ସନ୍ତାନକୁ ଆଣି ତାର ମା' ଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ଅନ୍ତର୍ଜାତୀୟ ବନ୍ଧୁତା ଦିବସ



**ଫୁଲନଖରା,୧୮/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ବନ୍ଧୁତା ଦିବସ ଅବସରରେ ପୋତାପୋଖରୀ ନୂଆବଜାର ସ୍ଥିତ ସେଣ୍ଟ ଜେଭିଅର୍ସ ହାଇ ସ୍କୁଲରେ ମଣ୍ଟେଶ୍ୱରି ୱାନ ଏବଂ ଅନ୍ୟ ଶିଶୁ ଶ୍ରେଣୀରେ ପିଲାମାନଙ୍କ ମଧ୍ୟରେ ପବିତ୍ର ରାଖି ବନ୍ଧନ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରୀୟ ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଶିକ୍ଷାବିତ୍ ସୁମିଲା ମହାନ୍ତି, ଶ୍ରେଣୀ ଶିକ୍ଷୟିତ୍ରୀ ଶିକ୍ଷାବିତ୍ ପ୍ରିୟଙ୍କା ସ୍ୱାଇଁ, ଶିକ୍ଷାବିତ୍ ରୁବିନା ବିନତେ ମହାନ୍ତି ଏବଂ ସମସ୍ତ ଅଫିସ୍ ସହକାରୀ କର୍ମଚାରୀ ଉପସ୍ଥିତ ରହି ପାଳନ କରିବା ସହ କୁନିକୁନି ବିଦ୍ୟାର୍ଥୀମାନଙ୍କୁ ବନ୍ଧୁତା ଦିବସ ବା ଇଣ୍ଟରନେସନାଲ୍ ଡେ ଅଫ୍ ଫ୍ରେଣ୍ଡସିପ୍ ଉପରେ ଆଲୋକପାତ କରିଥିଲେ। ଶିଶୁ ଶ୍ରେଣୀରୁ ଛୋଟଛୋଟ ପିଲାମାନଙ୍କୁ ଶିକ୍ଷାଦାନ ସହ ବିଭିନ୍ନ ମହତ୍ ତଥା ସ୍ୱତନ୍ତ୍ର ଦିବସ ମାନ ପାଳନ ଏବଂ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାସ ଦିଗରେ କାର୍ଯ୍ୟକ୍ରମ ମାନ ପାଳନ ଆଦି କରାଯାଉ ଥିବାରୁ ଅଭିଭାବକ ଅଭିଭାବିକା ମହଲରୁ ସ୍କୁଲ ଅଧକ୍ଷ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରଦୀପ କୁମାର ତ୍ରିପାଠୀ ଓ ମ୍ୟାନେଜମେଣ୍ଟ ବିଭାଗକୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ମହିଳାଙ୍କୁ ଉଦ୍ଧାର କରିଥିବା ଯୁବକଙ୍କୁ ସମ୍ବର୍ଦ୍ଧନା



**ବଲଙ୍ଗା,୧୮/ଏନ୍ଏନ୍ଏସ୍:** ଗତ ବୁଧବାର ପୂର୍ବାହ୍ନରେ ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ବଲଙ୍ଗା ଅଞ୍ଚଳର କେତେକ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀରୁ ଉଦ୍ଧାର କରିଥିଲେ। ଫଳରେ ମହିଳାଙ୍କ ଜୀବନ ବଞ୍ଚି ଯାଇଥିଲା। ଯୁବକ ମାନଙ୍କର ଅଦ୍ୟମ ସାହସିକତା ପାଇଁ ଶୁକ୍ରବାର ଦିନ ବଲଙ୍ଗା ଥାନା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ପିପିଲି ଡି ଏସପି ଦେବାଶିଷ ମିଶ୍ର ଥାନାରେ ପହଞ୍ଚି ଯୁବକମାନଙ୍କୁ ସେମାନଙ୍କ ସାହସିକତା ପାଇଁ ଧନ୍ୟବାଦ ଦେବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଏସ୍ଆଇ କେଦାର ଡୋରା, ଏଏସ୍ଆଇ ପ୍ରଶାନ୍ତ ବେହେରା ଓ ଅନୀଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଥାନାରେ ନୂତନ ଭାରପ୍ରାପ୍ତ ଅଧିକାରୀଙ୍କ ଯୋଗଦାନ

**କଣାସ,୧୮/ଏନ୍ଏନ୍ଏସ୍:** କଣାସ ଥାନାର ପୂର୍ବତନ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହ ଗତ ୩୦ତାରିଖ କାର୍ଯ୍ୟରୁ ଅବସର ନେବାପରେ ଦୀର୍ଘ ୧ମାସ ଧରି କଣାସ ଥାନା ମୁରବି ଶୂନ୍ୟ ହୋଇପଡ଼ିଥିବାରୁ ଅଞ୍ଚଳବାସୀ ଅଧିକାରୀ ନିଯୁକ୍ତି ପାଇଁ ବାରମ୍ବାର ଦାବି କରିଥିଲେ। ଜିଲ୍ଲା ଆରକ୍ଷି ଅଧୀକ୍ଷକ ଆଜି ପ୍ରସନ୍ନ ନାୟକଙ୍କୁ କଣାସ ଥାନା ଆଇଆଇସି ଭାବେ ନିଯୁକ୍ତି ଦେଇଛନ୍ତି। ଶ୍ରୀ ନାୟକ ପ୍ରଥମେ ଆସି କଣାସ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରିସାରିବା ପରେ ମନ୍ଦିର ନିକଟରେ କଣାସ ଗ୍ରାମ୍ୟ କମିଟି ଓ କୁଞ୍ଜେଶ୍ୱରୀ ବଜାର କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅଞ୍ଚଳର ଶାନ୍ତିପ୍ରିୟ ଜନସାଧାରଣ ଯେପରି ଉଚିତ୍ ନ୍ୟାୟ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ କର୍ମକର୍ତ୍ତାମାନେ ଶ୍ରୀନାୟକଙ୍କୁ ଅନୁରୋଧ କରିଥିଲେ। କଣାସ ଗ୍ରାମ୍ୟ କମିଟି ସଭାପତି ରୋହିତ ପ୍ରଧାନ, ବଜାର କମିଟି ସଭାପତି ଶ୍ରୀକାନ୍ତ ପଟ୍ଟଯୋଷୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ଅଞ୍ଚଳର ବିଶିଷ୍ଟ ସମାଜସେବୀ ହାଡିବନ୍ଧୁ ପାଢ଼ୀ, ପ୍ରଭାକାର ବଳିୟାରସିଂହ, ନାଥ ପାଇକରାୟ ଓ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଗ୍ୟାସ୍ ସିଲିଣ୍ଡର୍ ଉଦ୍ଧାର, ଦୁଇ ଗିରଫ

**କଣ୍ଟାପଡ଼ା,୧୮/ଏନ୍ଏନ୍ଏସ୍:** ଏକାଧିକ ଦୋକାନରୁ ଚୋରି ହୋଇଥିବା ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଓଲଟପୁର ଥାନା ପୁଲିସ ଉଦ୍ଧାରସହିତ ଏଥିରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କାଦମ୍ବିନୀ ପରିଡ଼ା ଜଣାଇଛନ୍ତି। ପ୍ରକାଶ ଯେ, କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମ ନିକଟ ପିଙ୍ଗାପଡ଼ାଠାରେ କଟକ ବୟାଳିଶମୌଜା ଟାଇଁକଣା ଅଞ୍ଚଳର ରୋନକ ପତି ଏକ ଫାଷ୍ଟଫୁଡ଼ ଦୋକାନ କରିଥିଲେ। ୩୦ତାରିଖ ବିଳମ୍ବିତ ରାତିରେ ତାଙ୍କ ଦୋକାନରୁ ଦୁଇଟି ରନ୍ଧନ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିଲା। ସେହିଦିନ ଉକ୍ତ ଅଞ୍ଚଳର ଭାବ କାଣ୍ଡି, ସଞ୍ଜୟ ଭୋଇ ଓ କୁନୁ ଭୋଇଙ୍କ ଦୋକାନରୁ ମଧ୍ୟ ଗ୍ୟାସ ଟାଙ୍କି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ସେମାନେ ଓଲଟପୁର ଥାନାରେ ଲିଖିତ ଏତଲା ଦାୟର କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତରୁ ସେହି ପିଙ୍ଗାପଡ଼ାର ଜଗନ ଭୋଇ ଓ ଗୁନିଆ ଭୋଇକୁ ଥାନାରେ ଅଟକ ରଖି ପୁଲିସ ପଚରାଉଚୁରା କରିଥିଲା। ସେମାନେ ସିଲିଣ୍ଡର ଚୋରି କରିଥିବା ବିଷୟ ସ୍ୱୀକାର କରିଥିଲେ। ଚୋରି କରି ଲୁଚାଇ ରଖିଥିବା ସମସ୍ତ ୬ଟି ସିଲିଣ୍ଡର ଓ ଅନ୍ୟାନ୍ୟ ଜିନିଷ ସମେତ ଏଥିରେ ବ୍ୟବହୃତ ଏକ ମୋଟରସାଇକେଲକୁ ଜବତ କରାଯାଇଛି। ଅନ୍ୟପକ୍ଷରେ ପାହାଳ ଥାନା ଅନ୍ତର୍ଗତ ତ୍ରିନାଥବଜାରଠାରେ ବୈଦ୍ୟୁତିକ ସରଞ୍ଜାମ ଦୋକାନ କରିଥିବା ସ୍ଥାନୀୟ ମହାନ୍ତିପାଟଣା ଗ୍ରାମର ହର୍ଷବର୍ଦ୍ଧନ ସାହୁଙ୍କୁ ମଧ୍ୟ ଓଲଟପୁର ପୁଲିସ ଥାନାରେ ଅଟକ ରଖିଛି। ସେ ଉକ୍ତ ଚୋରା ଗ୍ୟାସ ଟାଙ୍କି କିଣିଥିବା ଅଭିଯୋଗ ହୋଇଛି। ଜଗନ ଭୋଇ ଓ ଗୁନିଆ ଭୋଇକୁ ପୁଲିସ କୋର୍ଟ ଚାଲାଣ କରିଛି। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଟକ ସଦର ଏସଡ଼ିପିଓ କିରନ କୁମାର ହେମ୍ବ୍ରମ, ଆଇଆଇସି କାଦମ୍ବିନୀ ପରିଡ଼ା ଓ ତଦନ୍ତକାରୀ ପୁଲିସ ଅଧିକାରୀ ବିପିନବିହାରୀ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଘଟଣା ବିଷୟରେ ସବିଶେଷ ତଥ୍ୟ ଗଣମାଧ୍ୟମକୁ ଜଣାଇଥିଲେ।

## ୧୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର

**ଜଟଣୀ,୧୮/ଏନ୍ଏନ୍ଏସ୍:** ଜଟଣୀ ମିଳିତ ଗୋସେବକ ସଂଘର ସଦସ୍ୟଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି ୧୦ରୁ ଅଧିକ ଗୋମାତା। ସୂଚନା ମୁତାବକ ସ୍ଥାନୀୟ କନ୍ତିଆ ଏବଂ ନିରଞ୍ଜନ ପୁର ଖଣି ଅଞ୍ଚଳ ଦେଇ ଗୋ ଚାଲାଣ ବେଳେ ସେଠାକାର କିଛି ଯୁବକ ଜଟଣୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଗୋ ଚାଲାଣ କାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଅନ୍ୟ ସୂତ୍ରରୁ ଖବର ପାଇ ସ୍ଥାନୀୟ ଗ୍ରାମବାସୀ ଏବଂ ଜଟଣୀ ମିଳିତ 'ଗୋ'ସେବକ ସଂଘ ମିଳିତ ସହଯୋଗରେ ଗୁରୁବାର ମଧ୍ୟରାତ୍ରରୁ ଦୁଇଟି ଗାଡ଼ିରେ ଅତି ଦୟନୀୟ ଅବସ୍ଥାରେ ଗୋ ଚାଲାଣ ସମୟରେ ଗାଡ଼ି ମଧ୍ୟରୁ ଗୋରୁ ଉଦ୍ଧାର କରିଥିଲେ। ଏଠି



ପ୍ରଶ୍ନ ଉଠେ ଏହା ଏକ କମିଶନରେଟ ପୁଲିସ ଅଧୀନରେ ଯାଉଥିବା ବେଳେ ଏଭଳି ନମ୍ବର ବିହୀନ ଗାଡ଼ି ବ୍ୟବହାର ହେଉଥିବା ଏକ ଆଲୋଚ୍ୟ ବିଷୟ। ଗୋ ସେବକମାନଙ୍କ ଦ୍ୱାରା ଅନେକ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଅନେକ ଗୋମାତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ପ୍ରଶାସନ କିଭଳି ଗୋମାତାଙ୍କ ଚୋରା ଚାଲାଣ ରୋକିବାରେ ବିଫଳ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଠି କୌଣସି କ୍ଷେତ୍ରରେ ପ୍ରଶାସନିକ ଅଧିକାରୀ ଏବଂ ଗୋ ଚାଲାଣ କାରୀ ମଧ୍ୟରେ ସମନ୍ୱୟ ରହିଥିବାର ଅନୁମାନ କରାଯାଏ ବୋଲି ଗୋସେବକକାରୀଙ୍କ ମନରେ ଉଙ୍କି ମାରିଛି।

# ୨୪ ଘଣ୍ଟିଆ ରୋଗୀ ସେବା ବନ୍ଦ

**କଣ୍ଟିଲୋ,୧୮/ଏନ୍ଏନ୍ଏସ୍:** ୨୦ ହଜାରରୁ ଉର୍ଦ୍ଧ୍ୱ ଜନ ବହୁଳ ଏକକ ପଞ୍ଚାୟତ, ପ୍ରମୁଖ ପର୍ଯ୍ୟଟନ ସ୍ଥଳ, ବ୍ୟବସାୟିକ ପେଣ୍ଠସ୍ଥଳୀ, ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକମାନଙ୍କର ଭରସା କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅପରାହ୍ନ ୫ ଘଣ୍ଟା ପରେ ରୋଗୀ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଉଛି। ଏଠାରେ ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ପାଇଁ ଅର୍ଥ ମହଜୁଦ ଥିଲେ ମଧ୍ୟ ଇଚ୍ଛାଶକ୍ତି ଓ ଆନ୍ତରିକତାର ଅଭାବ ଯୋଗୁ ଖଣ୍ଡପଡ଼ା ବିଧାୟକ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାରମ୍ବାର ପ୍ରତିଶ୍ରୁତି କାଗଜ କଲମ ମଧ୍ୟରେ ସୀମିତ ରହିଯାଉଛି।

ପ୍ରକାଶ ଯେ ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲା ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରତ୍ୟେକ ଦିନ ୮ ଗୋଟି ପଞ୍ଚାୟତ ସମେତ ବାହାରୁ ଆସୁଥିବା ପର୍ଯ୍ୟଟକ, ଶ୍ରଦ୍ଧାଳୁ ପ୍ରାୟ ଲକ୍ଷାଧିକ ଲୋକ ନିର୍ଭର କରୁଥିବା ଯୋଗୁ ଏଠାରେ ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ପାଇଁ ପୂର୍ବର ବିଜେଡି ସରକାର ତିନି ବର୍ଷ ପୂର୍ବେ ୨ କୋଟି ୨୦ ଲକ୍ଷ୍ୟ ଟଙ୍କା ଅର୍ଥ ରାଶି ମଞ୍ଜୁର କରିଥିଲେ। ସେ ସମୟେ ବିଜେଡି ବିଧାୟକଙ୍କ ଆନ୍ତରିକତାର ଅଭାବ ଯୋଗୁ ସେହି ଟଙ୍କା ସେମିତି ପଡ଼ି ରହିଥିଲା। ବର୍ତ୍ତମାନର ବିଜେପି ସରକାର ରାଜ୍ୟର ଶାସନ ଭାର ଗ୍ରହଣ କଲା ପରେ ଆଜକୁ ପ୍ରାୟ ୧୩ ମାସରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଗଲାଣି। ସ୍ଥାନୀୟ ବିଜେପି ବିଧାୟକ ନିଜେ ଓ ବିଭାଗୀୟ ମନ୍ତ୍ରୀଙ୍କ ସହ କଣ୍ଟିଲୋ ଓ ଆଖପାଖ ଅଞ୍ଚଳରେ ମିଟିଂ କଲାବେଳେ କଣ୍ଟିଲୋରେ ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ସମ୍ପର୍କରେ ଏହି ୧୩ ମାସ ମଧ୍ୟରେ ପ୍ରାୟ୬ରୁ ୭ ଥର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପ୍ରହସନରେ ପରିଣତ ହୋଇ ଖାଲି ଧୂଆଁବାଣ ପାଲଟିଛି। ମଝିରେ ମଝିରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଜନ ସାଧାରଣଙ୍କୁ ଭୁଆଁ ବୁଲାଇବା ଓ ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ବିଷୟକୁ ମନରୁ ଏଡାଇବା ପାଇଁ ବିଜେଡି ସରକାର ସମୟେ ମଞ୍ଜୁର ହୋଇଥିବା ଅନୁଦାନ ରାଶି ଯଥେଷ୍ଟ ନୁହେଁ ବୋଲି କହି ବିଜେପି ସରକାର ଉକ୍ତ ଅନୁଦାନ ରାଶିକୁ ୩ କୋଟି୪୫ ଲକ୍ଷ୍ୟ ୭୪ ହଜାର ୭୦୭ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ବର୍ଦ୍ଧିତ ଅନୁଦାନ ଅର୍ଥ ରାଶି ଓ ୨୪ ଘଣ୍ଟିଆ ରୋଗୀ ସେବା ନିଶ୍ଚିତ ହେବା ସମ୍ପର୍କରେ ବୋଲି ବିଭିନ୍ନ ଖବରକାଗଜରେ ଖବର ପ୍ରସାରଣ କରାଯାଇ ଜନତାଙ୍କୁ ଭୁଆଁ ବୁଲାଯାଉଛି। ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ପାଇଁ କେବେ ଶୁଭ ପଡ଼ିବ ସେ ବିଷୟରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଅଧିବାସୀଙ୍କୁ ଖଣ୍ଡପଡ଼ା ବିଧାୟକ ସ୍ପଷ୍ଟିକରଣ ଦିଅନ୍ତୁ ବୋଲି ବହୁବାର ଦୈନିକ ଓଡ଼ିଆ ଖବର କାଗଜ 'ନିତିଦିନ'ରେ ଖବର ପ୍ରସାରିତ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ଉଦ୍‌ଘାଟନ ଉତ୍ସବ ହୋଇ ପାରିଲା ନାହିଁ। ତେଣୁ ଲକ୍ଷାଧିକ ଜନତା ଙ୍କ ମୁଖରେ ଗୋଟିଏ ପ୍ରଶ୍ନ କେବେ ୨୪ ଘଣ୍ଟିଆ ରୋଗୀ ସେବା ମିଳିବ। ଯଦି ଏହି ଅଗଷ୍ଟ ମାସ ଶେଷ ସୁଦ୍ଧା ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ପାଇଁ ବର୍ତ୍ତମାନର ବିଧାୟକ ଉଦ୍‌ଘାଟନ ନ କରନ୍ତି ତେବେ ଆସନ୍ତା ସେପ୍ଟେମ୍ବର ମାସରେ ୮ଟି ପଞ୍ଚାୟତର ଜନ ସାଧାରଣ ଆନ୍ଦୋଳନ କରିବା ପାଇଁ ଚେତାବନୀ ଶୁଣାଇଛନ୍ତି।

## ନିଃଶୁଳ୍କ ଅସ୍ଥିଶଲ୍ୟ ସେବା ଶିବିର

**ପୁରୀ,୧୮/ଏନ୍ଏନ୍ଏସ୍:** ମହୋଦଧି ମହାବୀର କ୍ଲବ୍ ଏବଂ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ପ୍ରଧାନ (ଏମ୍ସ) ମିଳିତ ଆନୁକୂଲ୍ୟରେ ୱାଟରୱାର୍କ୍ସ ରୋଡ଼ ସ୍ଥିତ ମହୋଦଧି ମହାବୀର କ୍ଲବ ପରିସରରେ ନିଃଶୁଳ୍କ ଅସ୍ଥିଶଲ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଦୁଇ ଶହରୁ ଉର୍ଦ୍ଧ୍ୱ ରୋଗୀ ଆଣ୍ଠୁ, ଅଣ୍ଟା, ଗଣ୍ଠିବାତ, ମେରୁଦଣ୍ଡ, ହାଡ଼ଭଙ୍ଗା ଜନିତ ପୁରୁଣା ରୋଗ ଗୁଡିକର ଡାକ୍ତରଙ୍କଠାରୁ ପରାମର୍ଶ ନେଇ ଚିକିତ୍ସିତ ହୋଇ ଔଷଧ ନେବା ସହିତ ଏକ୍ସରେ, ଏମଆରଆଇ ଏବଂ ବିଭିନ୍ନ ପରୀକ୍ଷାଗୁଡିକ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ଅସ୍ଥିଶଲ୍ୟ ବିଭାଗ ସହିତ ଯୋଗାଯୋଗ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା। ଅନୁଷ୍ଠାନର ସଭାପତି ଆର୍ଯ୍ୟକାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ଉପସଭାପତି ଅଶୋକ କୁମାର ନାୟକ, ସମ୍ପାଦକ ଶୈଳେନ୍ଦ୍ର ପଟ୍ଟନାୟକ, ସହସମ୍ପାଦକ ତ୍ରିନାଥ ସାହୁ, କୋଡିନେଟର ଦେବେଶ ମହାନ୍ତି, ସନ୍ତୋଷ ବରାଳ, କୁଳପତି ପ୍ରଫେସର ହରିହର ହୋତା, ସଞ୍ଜୀବ କୁମାର ମୁଖାର୍ଜୀ, ଦିଲ୍ଲୀପ କୁମାର ଲେଙ୍କା, ପ୍ରଶାନ୍ତ କୁମାର ମହାନ୍ତି, ପୂର୍ବତନ କାଉନ୍ସିଲର ଅମରେନ୍ଦ୍ର ପାଇକରାୟ,ମାନସ କୁମାର ଲେଙ୍କା ଓ ଶରତ କୁମାର ମହାରଣାଙ୍କ ସହିତ ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ। ଝିମିଲି ପଟ୍ଟନାୟକ ଡାକ୍ତର ସିଦ୍ଧାର୍ଥ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ।

**ନିତି ଭାରତୀ**

ଯେଉଁଦିନ ଜୀବନର ଚଲାପଥରେ ଆମେ କୌଣସି ସମସ୍ୟାର ସମ୍ମୁଖୀନ ନହେଉ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ଆମେ ଭୁଲ୍ ବାଟରେ ଚାଲୁଛୁ। - **ସ୍ୱାମୀ ବିବେକାନନ୍ଦ**

# ବୟସ୍କଙ୍କ ଶିଷ୍ଟାଚାର



**ବିଶ୍ୱରଂଜନ ଦାସ**

ଅଶୀ ବର୍ଷ ବୟସ୍କ ଜନୈକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଆମ ସମୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ନିକଟରେ ଜଣେ କୋମଳମତି ଝିଅକୁ ବାରମ୍ବାର ଅଶ୍ଳୀଳ ବାର୍ତ୍ତା ପଠାଇଲେ ଓ ତା' ସହ ଯୌନ ସମ୍ବନ୍ଧ ରଖିବାକୁ ମଧ୍ୟ ଇଙ୍ଗିତ କଲେ। କିଛିଦିନ ହେଲା ଝିଅଟି ବଡ଼ ଅଶ୍ୱସ୍ତି ଓ ଅଶାନ୍ତି ଭିତରେ ଗତି କରୁଥିଲା। ଯେହେତୁ ତା' ସହ ବ୍ୟକ୍ତିଗତ ପରିଚିତି ଥିଲା, ସେ କହିବନି କହିବନି ହୋଇ ବଡ଼ କଷ୍ଟରେ କଥାଟି ବଖାଣିଲା ଏବଂ କଥା ପ୍ରସଙ୍ଗରେ ପ୍ରଶ୍ନ କଲା- ଆଚ୍ଛା, ମରିବାକୁ ଯାଉଥିବା ଲୋକ ଭିତରେ ପୁଣି ଏମିତି ଉଦଗ୍ର କାମ ବାସନା ଜାଗେ କାହିଁକି ? ଉତ୍ତରଟି ହେଲା ଏହପରି- ଯୌନତା ମାନବ ଅଭିଜ୍ଞତାର ଏକ ମୌଳିକ ଅଂଶ। ମୃତ୍ୟୁ ପାଖେଇ ଆସିଲେ ମଧ୍ୟ ମଣିଷର ଭିତରେ ଘନିଷ୍ଠତା ଓ ସଂସର୍ଗର ଆବଶ୍ୟକତା ଦୃଢ଼ ରହିପାରେ! ଯୌନ କାର୍ଯ୍ୟକଳାପ ଲିପ୍ତ ହେବା କିମ୍ବା ନୂତନ ଉପାୟରେ ସ୍ୱକୀୟ ଅଭ୍ୟନ୍ତରର ଇଚ୍ଛାର ଅନୁସନ୍ଧାନ କରିବା ଏକ ରୋଗ ବୋଲାଯାଇ ପାରେ। ତେବେ ଦେଖାଯାଉଛି, କେବଳ ଯୁବକ ନୁହନ୍ତି; ମଧ୍ୟବୟସ୍କ, ଅତିବୟସ୍କ ତଥା ପରିଣତ ବ୍ୟକ୍ତି ଯିଏକି ଆସନ୍ନ-ମୃତ୍ୟୁ ସାମ୍ନାରେ ଉପନୀତ ହେଲେ ହେଁ ନିଜର ଶାରୀରିକ ସାମର୍ଥ୍ୟକୁ ପୁନରୁତ୍ଥାନ କରିବାକୁ ସୁଯୋଗକ୍ରମେ ଚେଷ୍ଟା କରନ୍ତି। ଶିକ୍ଷିତ ଓ ଅଶିକ୍ଷିତ ଅବା ପଦ-ପଦବୀ ନିର୍ବିଶେଷରେ ଆଜିର ମଣିଷ ପୃଥିବୀରୁ ବିଦାୟ ନେବାଯାଏଁ ନିଜ ସାମର୍ଥ୍ୟର ପରିଚୟ ଜାହିର କରିବାର ଏହାକୁ ଏକ ଉପାୟ ବୋଲି ଧରି ନେଉଛି।

ବୟସ ବଢ଼ିଲେ ମଣିଷର ଯୌନ ଇଚ୍ଛା ସ୍ୱାଭାବିକ ଭାବେ ହ୍ରାସ ପାଇଥାଏ ବୋଲି ଏକ ପାରମ୍ପରିକ ଓ ସାଂସ୍କୃତିକ ଧାରଣା ଲୋକ-ସମାଜରେ ପ୍ରଚଳିତ। ଡାକ୍ତରୀ ବିଦ୍ୟାରେ ମଧ୍ୟ ଯୌନ ଅକ୍ଷମତା ଉପରେ ବୟସର ଛାପ ପଡ଼ିଥାଏ ବୋଲି ସ୍ୱୀକୃତ। କିନ୍ତୁ ମନୋବିଜ୍ଞାନ କୁହେ, ଶାରୀରିକ ସାମର୍ଥ୍ୟ ସହିତ ମଣିଷର ଇଚ୍ଛା ଓ ପ୍ରବଣତା ସମ୍ପୃକ୍ତ ନୁହେଁ। ବ୍ୟକ୍ତିର ମୃତ୍ୟୁ ପର୍ଯ୍ୟନ୍ତ ତା' ଅଭ୍ୟନ୍ତରରେ ଯୌନ ପ୍ରବଣତା ଜାରି ରହିଥାଏ। ବୟସ୍କମାନଙ୍କ ପାଇଁ ଉପଭୋଗ ସୁସ୍ଥତାର ଏକ ଉତ୍ସ ହୋଇପାରେ। ଅତ୍ୟଧିକ ଦୁଃଖ ଓ ଅବସାଦ ମଣିଷ ଭିତରେ ଅସୁସ୍ଥତା ସଂଚାର କରେ ଓ ଏଥି ଯୋଗୁଁ ଯୁବକାବସ୍ଥାରେ ବି ଜଣେ ଯୌନ ଇଚ୍ଛାରୁ ନିବୃତ୍ତ ରହିପାରେ। କେତେକଙ୍କ ଭିତରେ ଅସ୍ଥାୟୀ ଭାବେ ଓ କେତେକଙ୍କ ଭିତରେ ସ୍ଥାୟୀ ଭାବେ ଏହା ଏକ ପ୍ରକାର ବନ୍ଦ ହୋଇ ରହିଯାଏ। ହରମୋନ୍ ପରିବର୍ତ୍ତନ, ଶାରୀରିକ ଅବା ସ୍ୱାସ୍ଥ୍ୟଗତ ସମସ୍ୟା ଓ ସମ୍ପର୍କର ସ୍ଥିତି ଭଳି ବହୁବିଧ କାରଣରୁ ବୟସ ସହିତ ଯୌନ କାର୍ଯ୍ୟକଳାପ ହ୍ରାସ ପାଏ। କିନ୍ତୁ ଅଧିକାଂଶଙ୍କ କ୍ଷେତ୍ରରେ ଏଥି ପ୍ରତି ଅନ୍ତରରେ ନିରନ୍ତର ଆଗ୍ରହ ଥିଲେ ପରବର୍ତ୍ତୀ ମୁହୂର୍ତ୍ତ ପାଇଁ ସେମାନଙ୍କର ଇଚ୍ଛା ମଧ୍ୟ ବଜାୟ ରୁହେ। ଏକ ଅଧ୍ୟୟନ ଅନୁଯାୟୀ, ବୃଦ୍ଧାବସ୍ଥାରେ ସକ୍ରିୟ ଯୌନ ଜୀବନ ମନ ଓ ଦେହ ପାଇଁ ଉଚ୍ଚତମ ଗୁଣବତ୍ତା, ମାନସିକ ସ୍ୱାସ୍ଥ୍ୟ ଓ ସକାରାତ୍ମକ ଆଶ୍ୱାସନା ଭରି ଦେଇଥାଏ। ଶରୀରଗତ ପ୍ରଭାବ ଅନୁସାରେ କିଛି ବ୍ୟକ୍ତି ୫୦ ବର୍ଷ ଓ କିଛି ବ୍ୟକ୍ତି ୬୦ ବର୍ଷ ବୟସରେ ଉପନୀତ ହେଲେ ସେମାନଙ୍କ ଇଚ୍ଛା ଶକ୍ତି କମି ଯାଉଥିବା ବେଳେ ଆଉ କେତେକ ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ଯାଏ ବି ସକ୍ରିୟ ରୁହନ୍ତି। ଅନେକ ସମୟରେ ଭାବପ୍ରବଣ ବିଚ୍ଛିନ୍ନତା ଯୌନ ସମ୍ପର୍କରେ ହ୍ରାସତା ଆଣିଥାଏ; ନତୁବା ବୃଦ୍ଧି କରାଇ ଥାଏ ଅବା ଅପରିବର୍ତ୍ତିତ ରଖିଥାଏ। ଜୀବନରେ ଦୁଃଖ ବ୍ୟକ୍ତିକୁ ଭିନ୍ନଭିନ୍ନ ଭାବେ ପ୍ରଭାବିତ କରେ। ଅନେକ ସମୟରେ ଆଗ୍ରହର ଅଭାବ ମଣିଷକୁ ବିପଦପୂର୍ଣ୍ଣ ମୃତ୍ୟୁ ସହିତ ଜଡ଼ିତ କରିଥାଏ।

ଦେଖାଯାଉଛି, କିଛି ଲୋକ ଯୁବକାବସ୍ଥାରେ ଜୀବନ ସାଥୀଙ୍କ ତରଫରୁ ମିଳିଥିବା ଶାରୀରିକ ଆନନ୍ଦ, ଇଚ୍ଛା, ପସନ୍ଦ, ଉତ୍ତେଜନା ଇତ୍ୟାଦି କ୍ଷେତ୍ରରେ ଅତୃପ୍ତ ଅନୁଭବ କରିଥାନ୍ତି। ସେମାନେ ଦୀର୍ଘକାଳ ଧରି ଅନ୍ତର୍ନିହିତ ବ୍ୟକ୍ତିଗତ ଚାପ ଭିତରେ ସର୍ବଦା ରହିଥାନ୍ତି। ଫଳତଃ, ତାହା ମଣିଷ ଭିତରେ ଯୌନ ବିକାର ଭାବର ଉଦ୍ରେକ କରାଏ। ଆମେ ଅନେକ ସମୟରେ ବଡ଼ ଦୁଃଖିତ ହେଉ ଯେ ଏତେ ବୟସ୍କ ବ୍ୟକ୍ତି କିପରି ଯୌନାଚାର ଘଟଣାରେ ଲିପ୍ତ ହେଲେ! ସନ୍ତାନ ସନ୍ତତି ଓ ପରିବାର ଥାଇ ମଧ୍ୟ ଆଚରଣରେ ଏତେ ବିଶୃଙ୍ଖଳିତ କିପରି ? ଏପରି ବ୍ୟକ୍ତିଙ୍କୁ ନେଇ ସରଳ ନିଷ୍ପାପ ନାରୀଟିର ମନରେ ପୁରୁଷ ଜାତି ଉପରେ ମଧ୍ୟ ଭରସା ତୁଟିଯାଏ। ଏଥିପାଇଁ ଅନେକ କ୍ଷେତ୍ରରେ ସବୁ ପୁରୁଷ ସେମାନଙ୍କ ସନ୍ଦେହର ପରିଧି ଭିତରକୁ ଆସି ଯାଆନ୍ତି। ବୟସ୍କଙ୍କ ଯୌନାଚାର ପ୍ରବୃତ୍ତି ଆଜି ଯେ ସମାଜରେ ଉଗ୍ର ଭାବେ ଦେଖା ଦେଇଛି, ତାହା ନୁହେଁ। ବହୁ ପୂର୍ବରୁ ଏହା ପରିବାର, ପଡ଼ୋଶୀ, ଗାଁ ସାହି ବସ୍ତିଠାରୁ ଆରମ୍ଭ କରି ଗଳିକନ୍ଦି ଓ ସହର ଯାଏଁ ମଧ୍ୟ ବଳବତ୍ତର ଥିଲା। ଆମେ ପୁରାଣ ଓ ଇତିହାସର ଘଟଣାବଳୀରୁ ଏହି ସାମାଜିକ ବ୍ୟଭିଚାରର ସ୍ୱରୂପ ସମ୍ପର୍କରେ ଅବଗତ ହେଉ। କିନ୍ତୁ କଥା ହେଲା, ଏହା ପୂର୍ବରୁ ଲୋକଲୋଚନକୁ ସେତେଟା ଆସିପାରୁ ନଥିଲା। ନାନା କୁତ୍ସା, ପ୍ରଶ୍ନବାଣ, ସାମାଜିକ ଅପନିନ୍ଦା ଓ ଲୋକ ସନ୍ଦେହ ଦୃଷ୍ଟି ଏସବୁକୁ ବଖାଣିବାକୁ ଝିଅଟିଏ ନିଜ ଭିତରେ ସାହସ ସଂଚାର କରିପାରୁ ନଥିଲା। ପ୍ରତିବାଦ କରିବାକୁ ଶିକ୍ଷା ଦିଆଯାଉ ନଥିଲା ଓ ସୁରକ୍ଷା ପ୍ରସଙ୍ଗ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା। ହେଲେ ସଂପ୍ରତି ମୁକ୍ତ ଚିନ୍ତା ପ୍ରକାଶ କରିବାର ସୁଯୋଗ ଥିଲେ ମଧ୍ୟ ଓ ଆଜିର ଯୁଗ ଯେତେ ଆଗେଇଲେ ସୁଦ୍ଧା ନାରୀକୁ ସଶକ୍ତିକରଣ ଓ




ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉ ଥିଲେ ବି ଝିଅଟିଏ ପ୍ରତିବାଦ କଲା ଉତ୍ତାରୁ ଦୁରବସ୍ଥାର ହେଉଛି ସମ୍ମୁଖୀନ ଓ ସ୍ଥିତାବସ୍ଥା ହେଉଛି ସଙ୍ଗିନ। ଆଜି ଯେ କେବଳ ଶିକ୍ଷାନୁଷ୍ଠାନମାନଙ୍କରେ ଏ ଯୌନାଚାର ଘଟଣା ଘଟୁଛି; ତା' ନୁହେଁ, ଥାନା, ଡାକ୍ତରଖାନା ଓ କୋର୍ଟ କଚେରିଠାରୁ ଆରମ୍ଭ କରି ଯେ କୌଣସି ସରକାରୀ ବେସରକାରୀ ଦପ୍ତରରେ ଏହା ବ୍ୟାପକ ଭାବେ ଘଟୁଥିବା ଦୃଷ୍ଟି ଗୋଚର ହେଉଛି। କି ପୁରୁଷ କି ନାରୀ, ଯେଉଁଠି ଯାହାକୁ ଯେପରି ସୁଯୋଗ ମିଳିଲା, ତାକୁ ସାକାର କରିବାକୁ ବ୍ୟଗ୍ର ହୋଇ ପଡ଼ୁଛନ୍ତି।

କେବଳ ପୁରୁଷମାନଙ୍କୁ ଯେ ଏଥିରେ ଦାୟୀ କରାଯିବ, ତାହା ମଧ୍ୟ ନୁହେଁ। ପୁରଷଙ୍କ ଯୌନାଚାର ବୃଦ୍ଧି କ୍ଷେତ୍ରରେ ନାରୀମାନଙ୍କର ଭୂମିକା ସ୍ୱୀକୃତ। ଆଜିର ବଜାରବାଦ ଯୁଗର ନାରୀ ସମାଜ ନିଜର ସ୍ଥିତି ପାଇଁ ଯେ କୌଣସି ଅପକର୍ମ କରିବାକୁ କୁଣ୍ଠାବୋଧ କରୁନାହିଁ। ପ୍ରାପ୍ତିର ଲାଳସା ଆଜିର ନାରୀ ପାଖରେ ଏତେ ବଢ଼ିଯାଇଛି ଯେ ବୟସ ନିର୍ବିଶେଷରେ ସେମାନେ ପୁରୁଷମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ସ୍ୱାର୍ଥ ହାସଲ କରିବାରେ ଲାଗି ପଡ଼ୁଛନ୍ତି। ସାମାଜିକ ପରିବର୍ତ୍ତନ, ଜଗତୀକରଣର ପ୍ରଭାବ, ନଗରକୈନ୍ଦ୍ରିକ ଜୀବନଚର୍ଯ୍ୟା, ଏକକ ପରିବାର ଜୀବନ, ଯୌନ ସ୍ୱାୟତ୍ତତା, ଇ-ମିଡିଆର ବହୁଳ ବ୍ୟବହାର, ପୁରାତନ ସାଂସ୍କୃତିକ ମାନଦଣ୍ଡର ପରିହାର, ନୂତନ ରସାସ୍ୱାଦନ ଜନିତ ପ୍ରବଣତା ଇତ୍ୟାଦି ବ୍ୟାପକ ଭାବେ ସାମାଜିକ ବ୍ୟଭିଚାର ପାଇଁ ବାଟ ଫିଟେଇ ଦେଇଛି। ଏଥି ସହ ସଂପ୍ରତି ସମାଜରେ ଲୋକଲଜ୍ଜା ଭାବନା, ଅପରାଧବୋଧ ଓ ପାରତ୍ରିକ ଚେତନା କ୍ରମଶଃ ହ୍ରାସ ପାଇବାରେ ଲାଗୁଛି। ଭାରତୀୟ ଆଧ୍ୟାତ୍ମିକତା, ନୈତିକତା, ଈଶ୍ୱର ବିଶ୍ୱାସ ତଥା ଉପାସନା ସଂସ୍କୃତିର ଅବକ୍ଷୟ ପରେ ସମାଜରେ ଏଭଳି ଯୌନାଚାରର ମାତ୍ରା ବୃଦ୍ଧି ପାଇଛି। ପାରିବାରିକ ମମତ୍ୱବୋଧରେ ଊଣା ହେବା, ଶେଷ ଜୀବନରେ ଅନୁକମ୍ପାମୂଳକ ଯତ୍ନହୀନତା, ନିଃସଙ୍ଗ ବିଚ୍ଛିନ୍ନତା, ମୁକ୍ତ ବିଚାରର ଅଭାବ, ଅନ୍ତରଙ୍ଗ ଯୋଗାଯୋଗ ଓ ସମ୍ବେଦନଶୀଳତାରେ ସଂକଟ ହେତୁ ବୟସ୍କ ମଣିଷ ଭିତରେ ମଧ୍ୟ ପାପାଚାର ବୃଦ୍ଧି ପାଉଛି। ଶେଷ ଜୀବନ ହେଉଛି କଳଙ୍କିତ। ଆଇନ ଅଦାଲତ ଓ ଜେଲ୍ ପ୍ରକୋଷ୍ଠ ହେଉଛି ସେମାନଙ୍କ ଅପକର୍ମର ଆଶ୍ରୟସ୍ଥଳ। ସୁତରାଂ, ନାନା ପ୍ରକାର ଅଶାନ୍ତି ନାଶ କରି ଚାପମୁକ୍ତ ଜୀବନଯାପନ ଓ ଯୌନ ଶୃଙ୍ଖଳିତ ସମାଜ ପ୍ରତିଷ୍ଠା କରିବାକୁ ହେଲେ ଆଧ୍ୟାତ୍ମିକତା ହିଁ ଏକମାତ୍ର ଆଶ୍ରୟ। ନୋହିଲେ ଗତ୍ୟନ୍ତର ନାହିଁ।■

**ବିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ**
**ବିଏନ୍ଏମ୍ଏ କଲେଜ, ପାଳିଆବିନ୍ଧା, ଭଦ୍ରକ**
**ମୋ: ୬୩୭୧୪୩୦୫୬୩**
bdas745@gmail.com

# ହିଂସା, ଅହିଂସା ଓ ବାକ୍ ସଂଯମତା



**ଶିବ ସୁନ୍ଦର ରଥ**

କର୍ମ, ମନ ଓ ବାକ୍ୟ ମାଧ୍ୟମରେ କୌଣସି ପ୍ରାଣୀକୁ କଷ୍ଟ ପ୍ରଦାନ କରିବା ହେଉଛି ହିଂସାର ଲକ୍ଷଣ। କିଛି ମାଙ୍କଡ଼ ଆମ ବଗିଚାରେ ପଶି କିଛି ଫୁଲ, ଫଳଗଛ ନଷ୍ଟ କରିଦେଲେ। ସେମାନଙ୍କୁ ଆମେ ରାଗରେ ଏକ ତୀକ୍ଷ୍ଣ ଅସ୍ତ୍ର ଦ୍ୱାରା ଆଘାତ କଲୁ। ବିଚରା ମାଙ୍କଡ଼ମାନେ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିବାରେ ଲାଗିଲେ। ଏଠାରେ ଆମେ ଭାବିବା ଉଚିତ ଥିଲା ଯେ ଏହି କର୍ମ ଦ୍ୱାରା ଉକ୍ତ ପଶୁମାନଙ୍କ ପ୍ରତି ଆମେ ହିଂସା ଭାବ ହିଁ ପ୍ରକାଶ କରିଛୁ। ଏପରି ନିର୍ଦ୍ଦୟ ଭାବେ କୌଣସି ପ୍ରାଣୀକୁ ଆଘାତ କରିବା କିମ୍ବା ହତ୍ୟା କରିବା ଲକ୍ଷଣମାନ ହିଂସାରୁ ହିଁ ସୃଷ୍ଟି ହୋଇଥାଏ। ଏତଦ୍ ବ୍ୟତୀତ କୌଣସି ବ୍ୟକ୍ତିର ଅନିଷ୍ଟ ଚିନ୍ତା କରିବା, କାହା ପ୍ରତି ଈର୍ଷାଭାବ ପ୍ରକାଶ କରିବା, କାହା ବିରୁଦ୍ଧରେ ବିଦ୍ୱେଷ ଭାବ ପୋଷଣ କରିବା ଲକ୍ଷଣ ମଧ୍ୟ ହିଂସାରୁ ହିଁ ସୃଷ୍ଟି ହୋଇଥାଏ। କୌଣସି ବ୍ୟକ୍ତିକୁ ନିଜର ଶତ୍ରୁ ଭାବେ ବିଚାର ନକରି ତା' ପ୍ରତି ଆମେ ଯଦି ସ୍ନେହଶୀଳ ଆଚରଣ କରିବା, ସେ ଆମ ପ୍ରତି କରିଥିବା ପ୍ରତ୍ୟେକ ଦୋଷରୁ ତାକୁ କ୍ଷମା କରିଦେବା, ତା'ଠାରେ ସଦ୍‌ବୁଦ୍ଧି ଉଦୟ ହେବା ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା, ତେବେ ତା' ହେବ ଆମର ଅତି ମହତ୍ତ୍ୱପଣିଆ। ମହତ ବ୍ୟକ୍ତିମାନେ କେବେ ଶତ୍ରୁକୁ ଘୃଣା ଚକ୍ଷୁରେ ଦେଖି ନଥାନ୍ତି। ସେମାନେ କେବଳ ଶ୍ରଦ୍ଧା ଓ ପ୍ରେମ ଭାବ ପ୍ରଦର୍ଶନ କରି ଶତ୍ରୁକୁ ଆପଣାର କରିଥାନ୍ତି। ଯଦି ଜଣେ ବ୍ୟକ୍ତି ତା'ର ଶତ୍ରୁକୁ ମଧ୍ୟ ଭଲପାଏ, ତେବେ ତା'ର ସେହି ଭଲ ପାଇବା ହେଉଛି ଏକ ଶ୍ରେଷ୍ଠତାର ପରିଚୟ। ସେହିଭଳି ଏକ ଉତ୍ତମ ପ୍ରବୃତ୍ତି ଆମ ମନ ମଧ୍ୟରେ ଜାଗ୍ରତ ହେଲେ ଆମେ ଭଗବତ୍ ପ୍ରେମର ଅଧିକାରୀ ହୋଇ ପାରିବା।

ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ୍‌ରେ ଉଲ୍ଲେଖ ଅଛି- ଧର୍ମାବତାର ଯୀଶୁ ଖ୍ରୀଷ୍ଟଙ୍କୁ ତାଙ୍କର ଶତ୍ରୁ ଇହୁଦୀମାନେ ଏକ ମିଥ୍ୟା ଦୋଷରେ ଦୋଷୀ ସାବ୍ୟସ୍ତ କରି କୃଶବିଦ୍ଧ କରିଥିଲେ। ସେହି ସମୟରେ ଯୀଶୁ ଯନ୍ତ୍ରଣାରେ ଛଟପଟ ହୋଇ ଈଶ୍ୱରଙ୍କଠାରେ ବିକଳ ଭାବେ ପ୍ରାର୍ଥନା କରି କହୁଥିଲେ- ହେ ପିତା, ଏମାନେ ସମ୍ପୂର୍ଣ୍ଣ ଅଜ୍ଞାନୀ, ଭୁଲ୍ ଠିକ୍‌ର ବିଚାର କରିବା ଶକ୍ତି ଏମାନଙ୍କଠାରେ ନାହିଁ; ଦୟାପୂର୍ବକ ଏମାନଙ୍କୁ କ୍ଷମା କରି ଦିଅନ୍ତୁ।

ଆମ ପୁରାଣ ଗ୍ରନ୍ଥରେ ଉଲ୍ଲେଖ ଅଛି- ହରି ଭକ୍ତ ଶିଶୁ ପ୍ରହଲ୍ଲାଦ ତା'ର ରାକ୍ଷସ ପିତା ହିରଣ୍ୟକଶିପୁଠାରୁ କେତେ ନିର୍ଯାତନା ଭୋଗ କରି ନଥିଲା ? ତଥାପି ସେ ଅଧୀର ନହୋଇ ଶ୍ରୀହରିଙ୍କଠାରେ ପ୍ରାର୍ଥନା କରି କହୁଥିଲା- ହେ ହରି! ଆପଣ ମୋ ପିତାଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ, ତାଙ୍କଠାରେ ଥିବା ଆସୁରିକ ପ୍ରବୃତ୍ତିଗୁଡ଼ିକ ଛଡ଼ାଇ ଈଶ୍ୱର ବିଶ୍ୱାସୀ ହେବା ପାଇଁ ଆଶିଷ ପ୍ରଦାନ କରନ୍ତୁ। ପୁଣି ଜାତିର ଜନକ ମୋହନଦାସ କରମଚାନ୍ଦ ଗାନ୍ଧୀ ଅହିଂସା ମନ୍ତ୍ର ପ୍ରୟୋଗ କରି ହିଁ ଇଂରେଜ ସରକାରଙ୍କ କବଳରୁ ଆମ ଦେଶ ଭାରତବର୍ଷକୁ ମୁକ୍ତ କରିଥିଲେ।

ହିଂସାଭାବ ପ୍ରକାଶ କଲେ ତା'ର ପ୍ରତିଦାନରେ ଆମକୁ ସେହି ଭାବର ହିଁ ଶିକାର ହେବାକୁ ପଡ଼ିଥାଏ। ଅହିଂସା ଭାବ ପ୍ରକାଶ କଲେ ତା'ର ପ୍ରତିଦାନରେ ଆମକୁ ସ୍ନେହ, ପ୍ରେମ, ଶ୍ରଦ୍ଧାଭାବ ହିଁ ଭୋଗ କରିବାକୁ ପଡ଼ିଥାଏ। ଅତଏବ, ଜଣେ



ଉତ୍ତମ ସାଧକ ହେବାକୁ ହେଲେ ଓ ପ୍ରକୃତ ମନୁଷ୍ୟତ୍ୱ ଅର୍ଜନ କରିବାକୁ ହେଲେ ପ୍ରଥମେ ନିଜ ମନରୁ ହିଂସା ରୂପକ ବିକାରଗୁଡ଼ିକ ଦୂର କରିବା ପାଇଁ ପଡ଼ିଥାଏ। ହିଂସା ଏକ ଜଘନ୍ୟ ପାପ ପ୍ରବୃତ୍ତି।

କୌଣସି ବ୍ୟକ୍ତିକୁ ଅଶାଳୀନ ଭାଷା ପ୍ରୟୋଗ କରି ଗାଳିଗୁଲଜ କରିବା, ଅନ୍ୟକୁ କଟୂବାକ୍ୟ ପ୍ରୟୋଗ କରିବା ଲକ୍ଷଣଗୁଡ଼ିକ ବାକ୍-ହିଂସାରୁ ହିଁ ସୃଷ୍ଟି ହୋଇଥାଏ। ଜଣକ ବିରୁଦ୍ଧରେ ଅନ୍ୟ ଜଣକୁ କହି ଉଭୟଙ୍କ ମଧ୍ୟରେ କଳି ସୃଷ୍ଟି କରାଇବା ଲକ୍ଷଣ ମଧ୍ୟ ହିଂସାରୁ ହିଁ ସୃଷ୍ଟି ହୋଇଥାଏ।

ବାକ୍ ସଂଯମତା ହେଉଛି ସର୍ବବିଧ ସଂଯମ ମଧ୍ୟରୁ ଗୋଟିଏ। ବାକ୍ ସଂଯମତା ଦ୍ୱାରା ବହୁ ଅନୀତି କାର୍ଯ୍ୟରୁ ମୁକ୍ତି ମିଳିଥାଏ। ସୁତରାଂ, ନିଜର ଜିହ୍ୱାକୁ ସଂଯତ ଭାବେ ରଖି ପାରିଲେ ଆମେ ଈଶ୍ୱରଙ୍କର ପ୍ରିୟଭାଜନ ହୋଇ ପାରିବା। ଆମର ଭାଷା ଜ୍ଞାନ ଅଛି। ଅନ୍ୟକୁ ଉପଦେଶ ପ୍ରଦାନ କରିବାର ଶକ୍ତି ଅଛି। ମାତ୍ର ଅନ୍ୟ ପ୍ରାଣୀଙ୍କଠାରେ ତାହା ନାହିଁ। ବାକ୍ୟ ମାଧ୍ୟମରେ ଅନେକ ଉତ୍ତମ କାର୍ଯ୍ୟ ଆମେ କରିଥାଉ। ଅନେକ ମନ୍ଦ କାର୍ଯ୍ୟ ମଧ୍ୟ କରିଥାଉ। ବାକ୍ୟ ଦ୍ୱାରା ହିଁ ଈଶ୍ୱରଙ୍କ ନିକଟରେ ଆମେ ଉପାସନା, ସ୍ତୁତି ଭଜନ, କୀର୍ତ୍ତନ, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ ଇତ୍ୟାଦି କରିଥାଉ। ପୁଣି ସେହି ବାକ୍ୟଦ୍ୱାରା ଅସତ୍ୟ ବଚନ, କୁବାକ୍ୟ ପ୍ରୟୋଗ କରିଥାଉ। ବାକ୍ୟ ହେଉଛି ଆମର କର୍ମେନ୍ଦ୍ରିୟ ମଧ୍ୟରୁ ଗୋଟିଏ। ବାକ୍ୟ ଦ୍ୱାରା ହିଁ ଆମେ ଅନ୍ୟର ଶତ୍ରୁ କିମ୍ବା ମିତ୍ର ହୋଇପାରିଥାଉ ଏବଂ ବାକ୍ୟ ଦ୍ୱାରା ଅନ୍ୟ ଜଣକଠାରେ ସହାନୁଭୂତି ଭାବ ପ୍ରଦର୍ଶନ କରିଥାଉ। ଦୁଃଖରେ ଭାଙ୍ଗି ପଡ଼ିଥିବା ବ୍ୟକ୍ତିକୁ ଆଶ୍ୱାସନା ପ୍ରଦାନ କରିଥାଉ। ନମ୍ରତା ବିନୟ ଭାବ ପ୍ରକାଶ କରିଥାଉ। ପୁଣି ସେହି ବାକ୍ୟ ଦ୍ୱାରା କ୍ରୋଧ, ଅହଂକାର, ହିଂସାଭାବ ମଧ୍ୟ ପ୍ରକାଶ କରିଥାଉ।

ଅତଏବ, ନିଜର ଜିହ୍ୱାକୁ ସଂଯତ ଭାବେ ରଖି ପାରିଲେ ଆମକୁ ବହୁ ଶତ୍ରୁ ଓ ବହୁ ପାପରୁ ମୁକ୍ତି ମିଳିଥାଏ। ସୁଲଳିତ ବାକ୍ୟ ପ୍ରୟୋଗ କରିବା ଦ୍ୱାରା ଅନେକ ମହତ୍ତ୍ୱ କାର୍ଯ୍ୟ ସାଧିତ ହୋଇ ପାରିଥାଏ। ତେଣୁ ବାକ୍ ସଂଯମତା ଅଭ୍ୟାସ ଆମ ପକ୍ଷେ ଏକାନ୍ତ ଆବଶ୍ୟକ।■

**ସମ୍ପାଦକ, ସଂସ୍କାର ମହିମା**
**ଜୟମଙ୍ଗଳ ନଗର, ବ୍ରହ୍ମପୁର, ଗଞ୍ଜାମ**
**ମୋ: ୯୧୭୮୭୩୯୩୧୦**

## ସମ୍ପାଦକଙ୍କୁ ପତ୍ର

### ରାସ୍ତା କାହାର ?

ରାସ୍ତା କାହାର ? ଦୈନିକ ରାସ୍ତାରେ ଗଲା ବେଳେ ଲକ୍ଷ୍ୟ କରୁଛି ଯେ କିଛି ଲୋକ ରାଜରାସ୍ତାକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର କରୁଛନ୍ତି। ରାସ୍ତାରେ ଧାନ ବେଙ୍ଗଳା ପକାଇବାଠାରୁ ଆରମ୍ଭ କରି ବାଲି, ଗୋଡ଼ି, ଘର ତିଆରି ସାମଗ୍ରୀ ରଖୁଛନ୍ତି। କିଛି ଦୋକାନୀ ରାତିର ବଳକା ଜଳଖିଆ ବରା, ସିଙ୍ଗଡ଼ା ଫିଙ୍ଗୁଛନ୍ତି। କାଉମାନେ ଖାଇବା ସହିତ କୁକୁରମାନେ ରାସ୍ତା ଉପରକୁ ଆସି ଖାଉଛନ୍ତି। ଜୀବେ ଦୟା ଠିକ୍ କଥା, କିନ୍ତୁ ରାସ୍ତା ଉପରେ ଦେବା ଦ୍ୱାରା ସଡ଼କ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଣୁ ଜନସାଧାରଣ ରାଜରାସ୍ତାକୁ ଅକ୍ତିଆର କରିବା କେତେଦୂର ଯୁକ୍ତିସଙ୍ଗତ ?

**ସୌମ୍ୟରଞ୍ଜନ ପଣ୍ଡା, କ୍ରିଡାଶପୁର, ନୟାଗଡ଼**

### ଅବିବାହିତା ମାତୃତ୍ୱ ସମସ୍ୟାର ସମାଧାନ

କିଛିଦିନ ତଳେ ଦାରିଙ୍ଗିବାଡ଼ିରେ ଜଣେ ଯୁକ୍ତଦୁଇ ଛାତ୍ରୀ ମୃତ ସନ୍ତାନ ପ୍ରସବ କରିବା ପରେ ଲୋକଲଜ୍ଜା ଭୟରେ ତାକୁ ନେଇ ପାଇଖାନାରେ ପକାଇବା କଥା ମନରୁ ନ ଲିଭୁଣୁ ପୁଣି ମାଲକାନଗିରିରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟର ଛାତ୍ରୀନିବାସରେ ସନ୍ତାନ ଜନ୍ମ କରିବା ଯେତିକି ଦୁଃଖଦ, ତା'ଠାରୁ ଅଧିକ ଚିନ୍ତାର ପ୍ରସଙ୍ଗ। ତେବେ ଉପରୋକ୍ତ ଅବିବାହିତା ମା'ମାନଙ୍କର ଭବିଷ୍ୟତ କ'ଣ ? ଗର୍ଭଧାରଣଠାରୁ ଆରମ୍ଭ କରି ପ୍ରସବ କରିବା ପର୍ଯ୍ୟନ୍ତ ତାହା ଘର ଲୋକଙ୍କଠାରୁ ଆରମ୍ଭ କରି ସ୍କୁଲ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଅଜଣା ରହିଲା କିପରି ? ପୂର୍ବରୁ କେହି କେବେ କ'ଣ ଉକ୍ତ ସନ୍ତାନମାନଙ୍କର ପିତୃତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି କି ? ଯଦି ନୁହେଁ, ତା'ର କାରଣ ଖୋଜିବା ନିତାନ୍ତ ଆବଶ୍ୟକ। ଦରକାର ପଡ଼ିଲେ ଶିଶୁ ମାନଙ୍କର ଡିଏନ୍ଏ ପରୀକ୍ଷା କରାଯିବାର ବ୍ୟବସ୍ଥା ହେଉ। ଆଜିର ତଥାକଥିତ ସଭ୍ୟ ସମାଜରେ ଉକ୍ତ ସନ୍ତାନମାନଙ୍କୁ ଅବୈଧ ବୋଲି ଦର୍ଶାଇ ତାଙ୍କୁ ନେଇ କୌଣସି ଅନାଥାଶ୍ରମରେ ଛାଡ଼ିଦେବା ଦ୍ୱାରା ଉକ୍ତ ଶିଶୁଟି କେବଳ ଜୀବନସାରା ଦୁଃଖରେ ରହୁନାହିଁ, ବରଂ ପ୍ରକୃତ ଦୋଷୀମାନେ ପରଦା ଆଢୁଆଳରେ ରହି ଯାଉଛନ୍ତି। ଅନ୍ୟ ପକ୍ଷରେ, ଉକ୍ତ ଝିଅମାନେ ସାହସ ସଞ୍ଚୟ କରି ଉକ୍ତ ଶିଶୁମାନଙ୍କର ପିତୃତ୍ୱର ପରିଚୟ ଦେବା ଦରକାର। କେବଳ ଯେ ସେମାନେ ସ୍କୁଲ କିମ୍ବା ହଷ୍ଟେଲ ପରିସରରେ ଯୌନ ସମ୍ପର୍କ ରଖିବାର ସୁବିଧା ପାଉଛନ୍ତି, ସେକଥା ନୁହେଁ, ବରଂ ଏତେ ଦିନ ପର୍ଯ୍ୟନ୍ତ କର୍ତ୍ତୃପକ୍ଷ ଏବଂ ପିତାମାତା ନ ଜାଣି ପାରିବା ଆମ ଚିକିତ୍ସା ପଦ୍ଧତି, ବିଭିନ୍ନ ଗର୍ଭ ନିରୋଧକ ପଦକ୍ଷେପ, ଗର୍ଭଧାରଣ, ମାତୃ ଓ ଶିଶୁ ଶିଶୁ ସ୍ୱାସ୍ଥ୍ୟଜନିତ ସରକାରୀ ସଚେତନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ସମସ୍ୟାଗୁଡ଼ିକ ମୁଖ୍ୟତଃ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଦେଖା ଦେବା ଅନ୍ୟ ଏକ ସମସ୍ୟା ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏସବୁ ସମସ୍ୟାର ଚିରସ୍ଥାୟୀ ସମାଧାନ ଜରୁରୀ, ନତୁବା ଏହା କେବଳ ଚାକିରିରୁ ସସ୍‌ପେଣ୍ଡ କିମ୍ବା ବହିଷ୍କାର ସହିତ ଉକ୍ତ ତଥାକଥିତ ଅବାଞ୍ଛିତ ଶିଶୁମାନଙ୍କୁ ଥଇଥାନ କେନ୍ଦ୍ର କିମ୍ବା ଅନାଥାଶ୍ରମରେ ଛାଡ଼ିବା ମଧ୍ୟରେ ସୀମିତ ରହିବ।

**ଡକ୍ଟର ସୀତାକାନ୍ତ ତ୍ରିପାଠୀ**
**ଅର୍ଣ୍ଣପାଳ, ଭଦ୍ରକ**

### ଆଦର୍ଶ ଗୃହିଣୀ

ଯେଉଁ ଗୃହରେ ଗୃହିଣୀ ଥାଏ, ତାକୁ ଗୃହ କୁହାଯାଏ। ଗୃହ କହିଲେ ଗୃହିଣୀଙ୍କୁ ହିଁ ବୁଝାଏ। ଗୃହିଣୀର ଗୃହସ୍ଥ ଜୀବନ ଆରମ୍ଭ ହୁଏ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ। ଗୃହିଣୀ ପରିବାରର ମେରୁଦଣ୍ଡ ପରି କାମ କରନ୍ତି। ସେ ଗୃହର ଯାବତୀୟ କାର୍ଯ୍ୟରେ ନିପୁଣା ଓ ସୁଶୀଳା ହୋଇ କାମ କରିଥାନ୍ତି। ନିଜର ସମସ୍ତ ଦୁଃଖ ଓ ଅନୁଶୋଚନାକୁ ମନରେ ଚାପିରଖି ଅନ୍ୟ ସମସ୍ତଙ୍କୁ ଖୁସିରେ ରଖେ। ସମସ୍ତଙ୍କ ଅଳି ଓ ଜଞ୍ଜାଳକୁ ହସି ହସି ସହିଯାଏ। ଜଣେ ଆଦର୍ଶ ଗୃହିଣୀ ଅର୍ଥର ସୁରକ୍ଷା ଓ ଐଶ୍ୱର୍ଯ୍ୟର ସୁରକ୍ଷା ସହ ପରିବାରକୁ ପୂର୍ଣ୍ଣତା ଦେଇଥାଏ। ସେ ଧୈର୍ଯ୍ୟ, ତ୍ୟାଗ ଓ ସହନଶୀଳତାର ପ୍ରତୀକ ଭାବେ କାର୍ଯ୍ୟ କରିଥାଏ। ଗୃହିଣୀ ହେଉଛି ସ୍ୱାମୀର ଅନୁଗାମିନୀ ଓ ସହଧର୍ମିଣୀ। ସ୍ୱାମୀର କର୍ମ ଓ ଗୃହିଣୀର ଧର୍ମ ପରିବାରକୁ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ କରେ। ସେଥିପାଇଁ ଯଥାର୍ଥରେ କୁହାଯାଇଛି ଯେ ପୁତ୍ର ସନ୍ତାନମାନେ ମାତୃଦୋଷରୁ ଖରାପ ସ୍ୱଭାବସମ୍ପନ୍ନ, ପିତୃଦୋଷରୁ ମୂର୍ଖ, ସାଙ୍ଗମାନଙ୍କ ଦୋଷରୁ ବିଶୃଙ୍ଖଳିତ ଓ ପତ୍ନୀଙ୍କ ଦୋଷରୁ ଦରିଦ୍ର ହୋଇ ଥାଆନ୍ତି। ସୀତା, ସାବିତ୍ରୀ ଓ ଦ୍ରୌପଦୀଙ୍କ ପରି ମହାନ୍ ନାରୀ ଚରିତ୍ର ବିଶ୍ୱ ଇତିହାସରେ ବିରଳ। ସେମାନଙ୍କ ଆଦର୍ଶରେ ଗୃହିଣୀମାନେ ଅନୁପ୍ରାଣିତ ହେବା ଉଚିତ୍।

**ଅକ୍ଷୟ କୁମାର ମହାନ୍ତି**
**ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

**ନିତିଦିନ** NITIDIN
**ଶନିବାର , ୨ ଅଗଷ୍ଟ, ୨୦୨୫**

# ଭାରତ ପାଇଁ ପଚିଶ ପ୍ରତିଶତ

ଯୁକ୍ତରାଷ୍ଟ୍ର ଆମେରିକା ହେଉଛି ଭାରତର ଏକ ସର୍ବବୃହତ୍ ବ୍ୟବସାୟିକ ଅଂଶୀଦାର। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଜଣେ ଉତ୍ତମ ବନ୍ଧୁ। ତେବେ ଏସବୁର ଅର୍ଥ କ'ଣ ? ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ 'ପ୍ରଥମେ ଆମେରିକା' ଏବଂ ଏବେ ସେ ନିଜର ଲକ୍ଷ୍ୟ 'ମାଗା' (ମେକ୍ ଆମେରିକା ଗ୍ରେଟ୍ ଏଗେନ୍- ଆଉ ଥରେ ଆମେରିକାକୁ ମହାନ କରିବା) ପଥରେ ଅଗ୍ରସର। ସେଠି ପାରଦ ଭଳି ସଦା ଅସ୍ଥିର ଜଣେ ରାଷ୍ଟ୍ରପତିଙ୍କ ଆଗରେ ଅନ୍ୟ ସବୁ ତୁଚ୍ଛ; ଅର୍ଥ ହିଁ ମହାନ। ଆଉ ଖାସ୍ ଏଥିପାଇଁ ସେ ଯେତେବେଳେ ଆମେରିକାକୁ ଭାରତୀୟ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ଧାର୍ଯ୍ୟ କରିଛନ୍ତି ଅତିରିକ୍ତ ଆମଦାନୀ ଶୁଳ୍କ ଭାବରେ ୨୫ ପ୍ରତିଶତ 'ଯୁକ୍ତ ଦ୍ରବ୍ୟଦଣ୍ଡ', ସେଥିରେ ବିଶେଷ କିଛି ବିସ୍ମିତ ହେବା ଭଳି ଅଛି କି! ତେବେ ଏହାର ପ୍ରଭାବ ଭାରତୀୟ ରପ୍ତାନୀକାରୀମାନଙ୍କ ଉପରେ ଆହୁରି ଅଧିକ ଉତ୍କଟ ହୋଇପାରେ, ଯାହା ନିର୍ଭର କରେ ଭାରତର ରୁଷୀୟ ତୈଳ ଏବଂ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା ଉପରେ, କାରଣ ଏସବୁ ଆମଦାନୀ କରାଗଲେ, ତାଙ୍କ ଦ୍ୱାରା ଧାର୍ଯ୍ୟ ଶୁଳ୍କର ପରିମାଣ କେତେ ହେବ ଏବଂ ଏହା ସବୁ ଦ୍ରବ୍ୟ ଉପରେ ଲାଗୁ ହେବାକୁ ଯାଉଛି କି ନାହିଁ, ତାହା ସ୍ପଷ୍ଟ ଭାବରେ ଜଣା ପଡ଼ିନାହିଁ। ଏକ ନୂଆ ବାସ୍ତବତାକୁ ଭାରତ ସାମ୍ନା କରୁଥିବା ବେଳେ, ଯେଉଁଠି ବନ୍ଧୁତ୍ୱ କି କୌଶଳପୂର୍ଣ୍ଣ ବନ୍ଧନର କିଛି ଗୁରୁତ୍ୱ ନାହିଁ, ବ୍ୟବସାୟ କରିବା ମାନସିକତାରେ ଥିବା ଟ୍ରମ୍ପ ତାଙ୍କ ଲକ୍ଷ୍ୟରେ ଆଗେଇବେ ଏବଂ ଭାରତକୁ ତା'ର ସାମ୍ନା କରି ନିଜର ସେହିସବୁ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ଯେଉଁଗୁଡ଼ିକ ଅଧିକ ସ୍ଥାୟୀ। ସତ କହିବାକୁ ଗଲେ, ଭାରତ ଏହାର ଐତିହାସିକ ସୁରକ୍ଷାବାଦୀ ବ୍ୟବସାୟିକ ନୀତିର ଲାଭଗୁଡ଼ିକ ଅର୍ଜନ କରି ସାରିଛି, ଯାହା ହୁଏତ ୨୦୨୪ରେ ହାରାହାରି ୮୭.୪ ବିଲିଅନ୍ ଡଲାରର ସାମଗ୍ରୀ ପଠାଇ ସାରିବା ପରେ ୪୬ ବିଲିଅନ୍ ଡଲାରର ବ୍ୟବସାୟିକ ଉଦ୍‌ବୃତ୍ତ ଲାଭ ଅର୍ଜନ କରିବା ଦିଗରେ ପଥ କଢ଼ାଇ ନେଇଥାଇପାରେ। ଆମେରିକାକୁ ରପ୍ତାନୀ କରିବା କ୍ଷେତ୍ରରେ ଯେ କୌଣସି ପ୍ରକାରର ସ୍ୱଳ୍ପତା- ଯାହାକି ଅଧିକରୁ ଅଧିକ ୩୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ- ଭାରତର ଉଦ୍‌ବୃତ୍ତ ଆୟ ତଥା ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ପ୍ରଭାବିତ କରିବ, ଯାହା ଅଟକଳ ମୁତାବକ ବର୍ତ୍ତମାନ ୪.୧୮୭ ଟ୍ରିଲିଅନ୍ ଡଲାରକୁ ବୃଦ୍ଧି ପାଇଛି।

ଯେହେତୁ ସମସ୍ତ ପ୍ରକାରର ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇ ସାରିଛି (ସେବା ଉପରେ ନୁହେଁ, କିନ୍ତୁ ଅର୍ଥନୀତିର ବୃଦ୍ଧି ବନ୍ଦ ହେଲେ ଯାହାର ବୃଦ୍ଧି ମଧ୍ୟ ସମସ୍ୟାର ସମ୍ମୁଖୀନ ହେବ), ଏବଂ ଷ୍ଟିଲ୍, ଆଲୁମିନିୟମ ଏବଂ ଅଟୋ ପାର୍ଟ୍‌ଗୁଡ଼ିକ ଉପରେ ଲାଗୁ ହେବାକୁ ଯାଉଥିବା ଟାରିଫ୍ ଦୃଷ୍ଟିରୁ ବିବେଚନା କଲେ ଏହି ଶୁଳ୍କ ଆହୁରି ଅଧିକ ହେବ, ଯେମିତିକି ୩୦ରୁ ୩୪ ପ୍ରତିଶତ ପର୍ଯ୍ୟନ୍ତ ମଧ୍ୟ ହେବା କୁହାଯାଇପାରେ, ଯାହା ଉଦାହରଣ ଭାବରେ ବସ୍ତ୍ର ଉପରେ କରାଯାଇଥିବା ହିସାବରୁ ନିଆଯାଇପାରେ। ମଣିମୁକ୍ତା, ଗହଣାଗାଣ୍ଠି, ଫାର୍ମାସ୍ୟୁଟିକାଲ, ଔଦ୍ୟୋଗିକ ଯନ୍ତ୍ରପାତି, ସ୍ମାର୍ଟଫୋନ୍, ସାମୁଦ୍ରିକ ଖାଦ୍ୟ ଏବଂ ଏହି ଭଳି ବର୍ଗର ଆଉ କେତେକ ସାମଗ୍ରୀ ଉପରେ ଯେଉଁଥିରେ ଭାରତ ଆମେରିକା ସହିତ ବ୍ୟବସାୟିକ କାରବାର କରି ଏ ପର୍ଯ୍ୟନ୍ତ ଫାଇଦାରେ ରହି ଆସିଛି, ତାହା ଖୁବ୍ ଶୀଘ୍ର ଉଭେଇ ଯିବ। ଅନ୍ୟାନ୍ୟ ଏସୀୟ ଅର୍ଥନୀତି ତୁଳନାରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଅଧିକ ଟାରିଫ୍ ଲାଗୁ କରାଯିବାର ଅର୍ଥ ଏୟା ହୁଏତ ହୋଇପାରେ ଯେ ଏକ ବିକଳ୍ପ ଭାବରେ ଚୀନ୍ ତୁଳନାରେ ଭାରତ ଏକ ନିର୍ମାଣ ଆଧାର ଭାବରେ କମ୍ ଆକର୍ଷଣୀୟ ମନେ ହୋଇଛି, ଯେଉଁ କ୍ଷେତ୍ରରେ ଏହା ଲାଭବାନ୍ ହୋଇ ପାରିଛି, ଯାହା ଦେଖିବାକୁ ମିଳେ ଆମେରିକାକୁ ଆଇଫୋନ୍ ରପ୍ତାନୀ କ୍ଷେତ୍ରରେ, ଯାହା ଏମିତିକି ଚୀନ୍‌ଠାରୁ ମଧ୍ୟ ଅଧିକ। ତେଣୁ ଭାରତ ପାଇଁ ଅନ୍ୟାନ୍ୟ ବଜାରକୁ ଏହାର ବ୍ୟବସାୟ ପରିବର୍ତ୍ତନ କରିବା ଏକ ବାଧ୍ୟତାମୂଳକ କାର୍ଯ୍ୟରେ ପରିଣତ ହେବ। ମୁଖ୍ୟତଃ ଭାରତର ଖାଦ୍ୟଶସ୍ୟ ଏବଂ ଦୁଗ୍ଧଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁମାନେ କି କେବଳ ଦେଶର ଖାଦ୍ୟ ସୁରକ୍ଷା ପାଇଁ ନୁହେଁ, ବରଂ କର୍ମ ନିଯୁକ୍ତି ସୃଷ୍ଟି ଦୃଷ୍ଟିରୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ବହନ କରନ୍ତି, ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ କରାଯାଉଥିବା ବୁଝାମଣା ଫଳବତୀ ନହେବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉପରୋକ୍ତ ଚାଷୀମାନଙ୍କ ସ୍ୱାର୍ଥ ଓ ଅବଦାନକୁ ବଳି ଦିଆଯାଇ ପାରିବ ନାହିଁ।

ଆମେରିକା ସହିତ ବ୍ୟବସାୟିକ କାରବାର ସମ୍ପର୍କରେ ତଥାପି ଏକ ଉତ୍ତମ ବୁଝାମଣା କରିବା ସହିତ ଏହାକୁ ଶେଷ ସ୍ପର୍ଶ ଦେବା ନିମନ୍ତେ କାର୍ଯ୍ୟ କରିବା ଚଳିତ ମାସରେ ପ୍ରାଥମିକତା ହେବ, ଯଦିଓ ନିଜକୁ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଜଣେ ମିତ୍ର କହୁଥିବା ଟ୍ରମ୍ପଙ୍କ ସହିତ କୌଣସି ବୁଝାମଣା କରିବା ଏତେ ସହଜ ନୁହେଁ। କିନ୍ତୁ ଅନ୍ୟାନ୍ୟ ରାଷ୍ଟ୍ରମାନେ, ଏବଂ ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ) ଭଳି କେତେକ ରାଷ୍ଟ୍ରଙ୍କର ଗୋଷ୍ଠୀ ଏକ ବାଣିଜ୍ୟ ଯୁଦ୍ଧକୁ ଏଡ଼ାଇବା ପାଇଁ ଏହା କରିଛନ୍ତି। ୨୦୨୫ରେ ଭାରତ ଅନ୍ୟାନ୍ୟ ଦେଶମାନଙ୍କ ଅପେକ୍ଷା ଚୀନ୍‌ଠାରୁ ଏକ ଅଧିକ ଆନୁପାତିକ ଦରରେ (ଏକ ୧୩ ପ୍ରତିଶତର ବୃଦ୍ଧି) ଆମଦାନୀ କରୁଛି, କିନ୍ତୁ କୃଷି କ୍ଷେତ୍ରକୁ ବଳି ନ ପକାଇ ଆମେରିକା ସହିତ ସନ୍ତୁଳନ ରକ୍ଷା କରିବା ନିମନ୍ତେ ତାହା ଏକ ସମାଧାନ ନୁହେଁ। ଦୀର୍ଘକାଳୀନ ଭିତ୍ତିରେ ଆମେରିକା ସହିତ ଭାରତର ସମ୍ପର୍କରେ ଅଧିକ ଦୂରତା ଦେଖିବାକୁ ମିଳିପାରେ, ଯେହେତୁ ଟ୍ରମ୍ପ ପାକିସ୍ତାନ ସହିତ ଅଧିକ ଘନିଷ୍ଠତା ବଢ଼ାଇବା ଦେଖାଯାଉଛି, ଯାହା ସେ କରୁଛନ୍ତି ତାଙ୍କର ବନ୍ଧୁ, ଶତ୍ରୁ ଏବଂ ଆମେରିକାର ସ୍ୱାର୍ଥ ଦୃଷ୍ଟିରୁ ମନମୁଖୀ ବ୍ୟବହାର ଯୋଗୁଁ। ତାଙ୍କର ଚିନ୍ତାଧାରା ଏତେ କଳ୍ପନାପ୍ରବଣ ଯେ ସେ ଭାବୁଛନ୍ତି ପାକିସ୍ତାନର ତୈଳ ଭଣ୍ଡାରଗୁଡ଼ିକୁ ଖୁବ୍ ଶୀଘ୍ର ଅର୍ଥନୀତିକ ଦୃଷ୍ଟିରୁ ଏହାର ଉପଯୋଗ କରାଯାଇ ପାରିବ ଏବଂ ଭାରତକୁ ଏହାର ଏକ ଗ୍ରାହକ ଭାବରେ ଆକର୍ଷିତ କରାଯିବ। କିନ୍ତୁ ଆମେରିକା ସହିତ ଭାରତ ଏକ ବ୍ୟବସାୟିକ ରାଜିନାମା ସମ୍ପନ୍ନ କରିବାର ଉଦ୍ୟମ ପର୍ଯ୍ୟନ୍ତ ତାହା ଅବଶ୍ୟ ଅପେକ୍ଷା କରିପାରେ।■

# ଅନାବଶ୍ୟକ ଆବଶ୍ୟକତା

ମଣିଷର ଆଶା ଅସୀମ। ଗୋଟିଏ ଆଶା ପୂର୍ଣ୍ଣ ହେଲେ ଆଉ ଗୋଟିଏ ଆଶା ଉଙ୍କିମାରେ। ଜୀବନ ସାରା ଆଶା ପୂରଣ କରିବାକୁ ଚେଷ୍ଟାକରି ଶେଷରେ ମଶାଣିକୁ ଯାତ୍ରା କରୁ। ସୀମିତ ଧନ ରୋଜଗାର ଭିତରେ ସବୁ ଆଶା ପୂରଣ କରିବା ସମ୍ଭବ ହୁଏନା। ଏଥିପାଇଁ କାହାଠାରୁ କରଜ ଆଣୁ। ଧାର ଆଣିଥିବା ଟଙ୍କା ଖର୍ଚ୍ଚ କଲାବେଳେ କିଛି ଜଣା ପଡ଼େନା। କିନ୍ତୁ ପରିଶୋଧ କରିବା ସମୟରେ ବଡ଼ କଷ୍ଟ ହୁଏ। ଯେତିକି ଋଣ ଆଣିଥାଉ, ତା'ର ଚକ୍ରବୃଦ୍ଧି ହିସାବରେ ଋଣ ଅଧିକ ହୁଏ। ଶେଷରେ ଜମି କିମ୍ବା ଗହଣା ବିକ୍ରି କରିବାକୁ ହୋଇଥାଏ। ଆଜିକାଲି ଋଣ କରିବା ଓ ସରକାର ତାକୁ ଛାଡ଼ କରିବା ଆମର ଗୋଟାଏ ଅଭ୍ୟାସରେ ପଡ଼ି ଗଲାଣି। ଚାଷ, ପାଠପଢ଼ା, ଉଦ୍ୟୋଗ ତଥା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସରକାର ଋଣ ଯୋଗେଇ ଦେଉଛନ୍ତି। ସେହି ଋଣ ଆଣି ଆର୍ଥିକ ଉନ୍ନତି ଘଟାଇବା ଏବଂ ପରେ ସେ ଋଣକୁ ପରିଶୋଧ କରିବା ଉଚିତ୍। ଋଣ ଧନରେ ଆରାମ କରିବା ଉଚିତ୍ ନୁହେଁ। କରଜ କରି ଲୋକମାନେ କୁହନ୍ତି, ମୁଁ ପରିଶୋଧ କରିବାକୁ ଭୁଲିଯାଇଛି। ଦାନ ଦେଇ ଭୁଲିଯିବା ଉଚିତ୍। କିନ୍ତୁ କରଜ କରି ପାସୋରିବା ଉଚିତ୍ ନୁହେଁ। କରଜ ଓ ପାପକୁ କଦାପି ଭୁଲିବା ଉଚିତ୍ ନୁହେଁ। ଯୋଉ ଭୁଲ୍‌କୁ ଭୁଲିଯିବା, ସେହି ଭୁଲ୍ ପୁଣି ଥରେ ହୋଇଯାଏ। ଏ ନେଇ ଉଦାହରଣଟିଏ।

ବାଟୋଇଟିଏ ଅଜଣା ଜଙ୍ଗଲରେ ଯାଉଥାଏ। ପଥରଟିଏ ପାଇଲା। କିଛି ବାଟ ଗଲା ପରେ ତାକୁ ଭୋକ ହେଲା। ଏତିକି ବେଳେ ସେ ପଥରଟା ଓଜନିଆ ଲାଗିଲା। ବ୍ୟାଗ୍ ଖୋଲି ଦେଖେ ତ ବଢ଼ିଆ ସୁସ୍ୱାଦୁ ଖାଦ୍ୟ ତା' ଭିତରେ ଭର୍ତ୍ତି ହୋଇ ରହିଛି। ବାଟୋଇ ଆନନ୍ଦରେ ଭୋଜନ କଲା। ଜାଣିଲା ଏ ଏକ ଚମତ୍କାର ପଥର, ଯିଏ ଖାଦ୍ୟ ଦେଇ ପାରୁଛି। ହେଲେ ଅନ୍ୟ ଲୋକମାନେ ଏ ପଥରକୁ କାହିଁକି ପାଖରେ ରଖୁ ନାହାନ୍ତି! ସେ ନେଇ ବାଟୋଇର ସନ୍ଦେହ ହେଲା। ପରେ ପରେ ଆଉ ଗୋଟିଏ ଜଙ୍ଗଲ ପଡ଼ିଲା। ସେ ଜଙ୍ଗଲରେ ସେମିତି ପଥର ନଥିଲା। ଲୋକମାନେ ପାଣି ପିଇ ପିଇ ଚାଲୁଥିଲେ ବରଂ, କିନ୍ତୁ ଏ ପଥର ଆଣୁ ନଥିଲେ। କିଛି ବାଟ ଗଲା ପରେ ଲୋକଟି ପଥରକୁ ପୁଣି ଖାଦ୍ୟ ମାଗିଲା। ପଥର ବି ଖାଦ୍ୟ ଦେଲା। ପଥର ଯେତିକି ଖାଦ୍ୟ ଦେଉଥାଏ, ତା'ର ଦଶଗୁଣ ଅଧିକ ଓଜନ ହେଉଥାଏ। ମୁଠାଏ ଖାଦ୍ୟ ଲୋଭରେ ବାଟୋଇ ପଥର ବୋହି ବୋହି ହାଲିଆ ହୋଇଗଲା। ଅନ୍ୟ ଲୋକମାନେ ଆରାମ୍‌ରେ ଚାଲୁଥିଲେ। ଜଙ୍ଗଲ ବହୁତ ଦୂର ବ୍ୟାପିଥିଲା। ବାଟୋଇଟି ପଥରକୁ ଥୋଇ ଥକ୍କା ହୋଇ ବସି ପଡ଼ିଲା।

ସେ ପଥରର ନାଁ ଋଣ। ସୁଖରେ ଚଳିବାକୁ ଆମେ ଅନ୍ୟଠାରୁ ଋଣ ଆଣୁଥିବା ବେଳେ ତାହା କ୍ରମଶଃ ପଥର ଭଳି ଭାରି ହୋଇଚାଲେ। ତା' ସହିତ ଆମର ବୟସ ବି ବଢ଼ୁଥାଏ। ଋଣ ଭାରକୁ ସମ୍ଭାଳିବା କଷ୍ଟ ହୁଏ। ଜୀବନ ସଞ୍ଜରେ ପହଞ୍ଚିଲା ବେଳକୁ ଋଣ ଭାରର ଚିନ୍ତା ଆମକୁ କାବୁ କରି ପକେଇ ଥାଏ। ଶେଷ ଜୀବନରେ ମୃତ୍ୟୁ ମଧ୍ୟ ଭଲରେ ଆସେନାହିଁ। ସୁଖରେ ଚଳିବାକୁ ଋଣ କରିଥିବା ମଣିଷ ସୁଖ ବଦଳରେ ଦୁଃଖ ପାଏ। ସୁଖ ସକାଶେ ଆବଶ୍ୟକତାକୁ ଯେତେ ହାଲ୍‌କା କରିବା, ଜୀବନର ସେତିକି ମଜା ନେବା। ଅନାବଶ୍ୟକ ଆବଶ୍ୟକତା ବା ବେଶି ଜରୁରୀ ନଥିବା ଆବଶ୍ୟକତାକୁ ଯେତେ ଦୂରେଇ ଦେଇ ପାରିବା, ସେତେ ଖୁସିରେ ରହିବା।■

ନିତିଦିନ NITIDIN



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦିଲ୍ଲୀପ ରାୟ



**ରାଉରକେଲା,୧।୮/ଏନ୍ଏନ୍ଏସ୍:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବିଶେଷକରି ରାଉରକେଲାର ବିକାଶ ଏବଂ ଓଡ଼ିଶା ପର୍ଯ୍ୟଟନର ବିକାଶ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଏହି ସମୟରେ ଶ୍ରୀ ରାୟ ରାଉରକେଲାର ଭିତ୍ତିଭୂମି, ସହରାଞ୍ଚଳ ବିକାଶ ଯୋଜନା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ବିକାଶର ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ରାଉରକେଲାରେ ଦିନକୁଦିନ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭିତ୍ତିଭୂମିର ଆବଶ୍ୟକତା ମଧ୍ୟ ରହିଛି। ସହରର ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ସ୍ଥାନର ଅଭାବ ନଥିବାରୁ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କାମ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରରେ ଏକ ଆଧୁନିକ କ୍ରୁଜ୍ ଟର୍ମିନାଲ୍ର ବିକାଶ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଉପକୂଳ ଅଞ୍ଚଳର ପର୍ଯ୍ୟଟନର ଗୁରୁତ୍ୱ ବୃଦ୍ଧି ହେବାସହ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ। ପିପିପି ମୋଡରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଆଗେଇ ନେବେ। ଏଥିସହ ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମିକୁ ନେଇ ଶ୍ରୀ ରାୟ ନିଜର ମତାମତ ଦେଇଛନ୍ତି।

# ମାଲକାନଗିରି ଦୈନିକ ହାଟର ଦୁରାବସ୍ଥା

- ୨୩ ବର୍ଷ ହେଲା ହୋଇନି ମରାମତି
- ପ୍ରଶାସନ ଗ୍ରହଣ କରୁନି ବିକଳ୍ପ ବ୍ୟବସ୍ଥା



**ମାଲକାନଗିରି,୧।୮/ଏନ୍ଏନ୍ଏସ୍:** ମାଲକାନଗିରି ପୌରାଞ୍ଚଳରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପନିପରିବା କିଣିବା ଲାଗି ସୁଭାଷ ବୋଷ ଛକ ନିକଟରେ ଅବସ୍ଥିତ ଦୈନିକ ହାଟ ଉପରେ ସମସ୍ତେ ନିର୍ଭରଶୀଳ। ୨୦୦୨-୦୩ ଆର୍ଥିକ ବର୍ଷରେ ପରିବା ବ୍ୟବସାୟୀଙ୍କ ପାଇଁ ଏଠାରେ ୮ଟି ପିଣ୍ଡି ନିର୍ମାଣ କରାଯାଇଥିଲା। ଆଜିକୁ ଦୀର୍ଘ ୨୩ ବର୍ଷ ବିତିଯାଇଥିଲେ ମଧ୍ୟ ମରାମତି ଅଭାବରୁ ଏହାର ଛାତ ଫାଟି ବର୍ଷା ଋତୁରେ ପାଣି ନିର୍ଗତ ହେଉଛି। ଏଣୁ କିଛି ପନିପରିବା ବ୍ୟବସାୟୀ ଜରି ଟାଣି ବସିବାକୁ ବାଧ ହେଉଛନ୍ତି। କେତୋଟି ପିଣ୍ଡିର ଛାତର ବାହ୍ୟ ଅଂଶ ଭାଙ୍ଗି ତଳେ ପଡ଼ିବା ଯୋଗୁ ଏହାର ସ୍ଥାୟିତ୍ୱ ଦୁର୍ବଳ ହେବାରେ ଲାଗିଛି। ଯେଉଁମାନେ ପନିପରିବା କିଣିବା ଲାଗି ଯାଉଛନ୍ତି, ପିଣ୍ଡି ନିକଟସ୍ଥ ହେବା ବେଳକୁ ମନରେ ଭୟ ସଞ୍ଚାର ହେଉଛି। ଅନେକ ପିଣ୍ଡିର ଛାତ ଫାଟି ଲୁହା ରଡ୍ ଦୃଶ୍ୟମାନ ହେଉଛି। ତଥାପି ବିପଦସଙ୍କୁଳ ଅବସ୍ଥାରେ ପରିବା ବ୍ୟବସାୟୀମାନେ ବସିବାକୁ ବାଧ ହେଉଛନ୍ତି। କିଛି ପନିପରିବା ବ୍ୟବସାୟୀଙ୍କୁ ସ୍ଥାନ ଅଭାବରୁ ଅଧିକାଂଶ ତଳେ ବସିବାକୁ ବାଧ ହେଉଛନ୍ତି। ହେଲେ ଆଜିପର୍ଯ୍ୟନ୍ତ ସେମାନଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଗ୍ରହଣ କରିନାହିଁ।

ମାଲକାନଗିରି ଆର୍ଏମ୍ସି ପକ୍ଷରୁ ପ୍ରତ୍ୟେକ ପରିବା ବେପାରୀଙ୍କଠାରୁ ଦୈନିକ ୨୦ ଟଙ୍କା ଟିକସ ଆଦାୟ ହେଉଥିବା ବେଳେ ଏହାର ରକ୍ଷଣାବେକ୍ଷଣ ତଥା ମରାମତି ସମ୍ପୂର୍ଣ୍ଣ ଶୂନ୍ୟ କହିଲେ ଚଳେ। ଦୈନିକ ବଜାର ସଫାସୁତୁରା ପାଇଁ ପ୍ରତି ମାସରେ ପରିବାର ବ୍ୟବସାୟୀଙ୍କଠାରୁ ୫୦ ଟଙ୍କା ଲେଖାଏଁ ଟାକ୍ସ ମାଲକାନଗିରି ପୌରପରିଷଦ କର୍ମଚାରୀମାନେ ସଂଗ୍ରହ କରୁଛନ୍ତି। ଏହି ହାଟଟି ମାନସିକ ୧୮ ହଜାର ଟଙ୍କାରେ ଆର୍ଏମ୍ସି ଲିଜ୍ ସୂତ୍ରରେ ଅନ୍ୟ ଏକ ବେସରକାରୀ ବ୍ୟକ୍ତିଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ବାର୍ଷିକ ମୋଟ ଅର୍ଥ ଆଦାୟର ୨୦ ଅଂଶ ଧାନ ଆର୍ଏମ୍ସିଠାରୁ ମାଲ୍ ପୌରପରିଷଦ ସଂଗ୍ରହ କରୁଛି। ନିୟମ ଦୃଷ୍ଟିରୁ ଆଦାୟ କରାଯାଉଥିବା ଟିକସରେ ସେହି ହାଟର ବିକାଶ କରିବା କଥା। ମାତ୍ର ୨୩ ବର୍ଷ ହେଲା ଦୈନିକ ହାଟଟି ମାଲକାନଗିରି ସଦର ମହକୁମାରେ ଥାଇ ମଧ୍ୟ ଅବହେଳିତ। ଆର୍ଏମ୍ସିର ଚେୟାରମ୍ୟାନ୍ ଭାବେ ଉପଜିଲ୍ଲାପାଳ ଦାୟିତ୍ୱ ନିର୍ବାହ କରିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ଜଣାପଡ଼ିଛି। ମାଛ ମାଂସ ବିକ୍ରି ଲାଗି ଦରଦାମ୍ ତାଲିକା କୌଣସି ଫଳକରେ ଲେଖି ଖାଉଟିଙ୍କ ଜାଣିବା ପାଇଁ ଟଙ୍ଗା ଯାଇଥିବାରୁ ମନଇଚ୍ଛା ମାଛ ମାଂସ ଦର ବୃଦ୍ଧି ପାଉଛି। ଦୈନିକ ହାଟରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ପ୍ରଶାସନିକସ୍ତରରେ ଉନ୍ନୟନମୂଳକ ଭାବଧାରର ଘୋର ଅଭାବ ଯୋଗୁ ସମସ୍ୟା ଦିନକୁଦିନ ଜଟିଳ ହେବାରେ ଲାଗିଛି।

## ଯୁବୋଦୟ କଲେଜରେ 'ସମ୍ବଲପୁରୀ ଦିନ'



**ବଲାଙ୍ଗୀର,୧।୮/ଏନ୍ଏନ୍ଏସ୍:** ଯୁବୋଦୟ କଲେଜ ଅଫ୍ ଏଡଭାନ୍ସଡ୍ ଟେକ୍ନୋଲୋଜିରେ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ବିସିଏ, ବିବିଏ ଓ ବିଏସ୍ସି ପାଠ୍ୟକ୍ରମର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଏକତ୍ରିତ ହୋଇ ବିଭିନ୍ନ ରଙ୍ଗର ସମ୍ବଲପୁରୀ ପୋଷାକ ପିନ୍ଧିଥିଲେ। ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ଗୀତ ଓ ନୃତ୍ୟ ପ୍ରଦର୍ଶନ ପୂର୍ବକ ଉତ୍ସାହଜନକ ଅଭିଭାଷଣ ପ୍ରଦାନ କରିଥିଲେ। ଏହା ସାମାଜିକ ଅବରୋଧକୁ ଭାଙ୍ଗି ଲୋକଙ୍କୁ ଏକତ୍ରିତ କରେ ଏବଂ ଆମ ମାଟି, ସଂସ୍କୃତି, ସଙ୍ଗୀତ, ନୃତ୍ୟ ଓ ଭାଷା ଉପରେ ଗର୍ବ କରାଇଥାଏ।

### ଗାଁକୁ ପହଞ୍ଚିଲାନି ଆମ୍ବୁଲାନ୍ସ

## ଖଟିଆରେ ବୁହାହେଲେ ଗର୍ଭବତୀ, ବାଟରେ ଜନ୍ମଦେଲେ ସନ୍ତାନ



**କୋକସରା,୧।୮/ଏନ୍ଏନ୍ଏସ୍:** ରାଜ୍ୟରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନଥିବା ବେଳେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ପଞ୍ଚାୟତ ଉପାନ୍ତ ଅଞ୍ଚଳ ସର୍ଗୀପାନି ଗାଁରେ ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି। ପାହାଡ଼ି ଜଙ୍ଗଲି ରାସ୍ତା ଯୋଗୁ ଆମ୍ବୁଲାନ୍ସଟି ଗାଁ ପର୍ଯ୍ୟନ୍ତ ପହଞ୍ଚିପାରିଲା ନାହିଁ। ଫଳରେ ଗର୍ଭବତୀ ମହିଳା ଜଣକୁ ଖଟିଆରେ ବୋହି ଆଣିବାବେଳେ ବାଟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିବା ସୂଚନା ମିଳିଛି।

ସର୍ଗୀପାନୀ ଗାଁର ଚକ୍ର ସାନ୍ତାଙ୍କ ସ୍ତ୍ରୀ ହିରାମଣୀ ସାନ୍ତା (୨୬)ଙ୍କୁ ଶୁକ୍ରବାର ପ୍ରସବ ଯନ୍ତ୍ରଣା ହେବାରୁ ଆଶା କର୍ମୀଙ୍କୁ ଖବର ଦେଇଥିଲେ। ଖବରପାଇ ଆଶା କର୍ମୀ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ରାସ୍ତାଟି ଅତ୍ୟନ୍ତ ଖରାପ ଥିବା ଯୋଗୁ ଗାଁ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାଇ ନପାରି ଅଧା ବାଟରେ ଅଟକି ରହିଥିଲା। ପରେ ତାଙ୍କ ପରିବାର ଲୋକେ ପ୍ରାୟ ୩ କିମି ଦୂର ଆମ୍ବୁଲାନ୍ସ ପାଖକୁ ଆଣିବା ପାଇଁ କିଛି ବାଟ ଚାଲିବା ସହ ଖଟିଆରେ ବୋହିବା ସମୟରେ ଅଧା ବାଟରେ ଗର୍ଭବତୀ ଜଣକ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବର୍ତ୍ତମାନ ଉଭୟ ମାଆ ଓ ନବଜାତ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡ଼ିଛି।

ପ୍ରକାଶଥାଉକି କୋକସରା ବ୍ଲକ୍ର ସର୍ଗୀପାନୀ ଗାଁ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ଏହି ଗାଁକୁ ଯିବାକୁ ହେଲେ ଭଲ ରାସ୍ତାଟିଏ ନାହିଁ। ତେଣୁ ରାସ୍ତା ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ପାଖରେ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ରାସ୍ତା ମରାମତି ଦିଗରେ ଜଙ୍ଗଲ ବିଭାଗ ବାଧା ସାଜୁଥିବାରୁ ତାହା ସମାଧାନ ହୋଇପାରୁନଥିବା ପ୍ରକାଶ ପାଇଛି। ପୂର୍ବରୁ ମଧ୍ୟ ଆମପାଣି ପଞ୍ଚାୟତର ଉପାନ୍ତରେ ଥିବା ଗାଁ ଗୁଡ଼ିକରୁ ରୋଗୀ ଓ ଗର୍ଭବତୀ ଖଟିଆରେ ବୁହାହେବା ଖବର ନଜିର ରହିଛି। ତେବେ ପ୍ରଶାସନ ଏ ଦିଗରେ ଯତ୍ନବାନ ହୋଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଯୌନ ଶୋଷଣ ସମ୍ପର୍କିତ କର୍ମଶାଳା



**ବଲାଙ୍ଗୀର,୧।୮/ଏନ୍ଏନ୍ଏସ୍:** ମହିଳାମାନେ ଆମ ସମାଜର ସଂରକ୍ଷକ। ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ବଳିଷ୍ଠ ଯୋଗଦାନ ହିଁ କୌଣସି ସମାଜର ଭୂୟୋବିକାଶର ପ୍ରଥମ ସୋପାନ। ଏଥିରେ ବ୍ୟତିକ୍ରମ କିନ୍ତୁ ଗ୍ରହଣୀୟ ନୁହେଁ। ତାଙ୍କୁ ବିଭିନ୍ନ ଅନାଚାରରୁ ରକ୍ଷା କରିବା ସଭ୍ୟ ସମାଜର ଦାୟିତ୍ୱ। ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ ଯୌନ ଶୋଷଣ ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥିମାନେ ଏହି ମତ ଦେଇଛନ୍ତି। ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଆଇସିସି ବା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଚେୟାରମ୍ୟାନ ଡ. ଅର୍ପିତା ବେହେରାଙ୍କ ଆହ୍ୱାନକ୍ରମେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ଡଃ ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଡିଏସ୍ପି ତରାବତୀ ପ୍ରଧାନ ଓ ବିଶିଷ୍ଟ ବକ୍ତାଭାବେ ଆଇସିସି ପ୍ରୀଜାଇଡିଂ ଅଫିସର୍ ଭାରତୀ ନାଏକ ଉପସ୍ଥିତ ଥିଲେ। ବିଶେଷକରି ଛାତ୍ରୀ ତଥା କର୍ମଜୀବୀ ମହିଳାଙ୍କ ପ୍ରତି ଘଟୁଥିବା ଯୌନ ଶୋଷଣର ସଂଜ୍ଞା ନିରୂପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀମାନେ ଉପସ୍ଥିତ ରହିଥିବା ବେଳେ ଅଧ୍ୟାପକ ଅଧ୍ୟାପିକାମାନେ ସହଯୋଗ କରିଥିଲେ। ରତିକାନ୍ତ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୁକ୍ତା କୁମାରୀ ନାୟକ ଧନ୍ୟବାଦ ଦେଇଥିଲେ।

## ୬୦ କୋଟିର ହିସାବ ମାଗିଲା ଜିଲ୍ଲା ଟ୍ରକ୍ ମାଲିକ ସଂଘ

### ପୂର୍ବତନ ସାଂସଦଙ୍କ ନାମରେ ଏତଲା





**ରାୟଗଡ଼ା,୧।୮/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ଟ୍ରକ୍ ମାଲିକ ସଂଘ ଗତ ୩୭ ବର୍ଷର ହିସାବ ମାଗିଛି। ଏନେଇ ରାୟଗଡ଼ା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ରାୟଗଡ଼ା ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ତଥା ପୂର୍ବତନ ବିଜେଡି ସାଂସଦ ଏନ୍ ଭାସ୍କର ରାଓ ୧୯୮୩ରୁ ୨୦୨୦ ମସିହା ପର୍ଯ୍ୟନ୍ତ ଅନୁଚିତ ପ୍ରଭାବ ଏବଂ କ୍ଷମତାକୁ ଅପବ୍ୟବହାର କରି ଅନାଧିକୃତ ପାଣ୍ଠି ସଂଗ୍ରହ କରିବା ପାଇଁ ଉପଯୁକ୍ତ ପଞ୍ଜିକରଣ ବିନା ସଂଘକୁ ପରିଚାଳନା କରିଥିବା ଅଭିଯୋଗ ହୋଇଛି। ଉକ୍ତ ଟଙ୍କାକୁ ବ୍ୟକ୍ତିଗତ ଲାଭ ଏବଂ ଅବୈଧ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇଥିଲା। ଏହା ସଂଘର ଆଭ୍ୟନ୍ତରୀଣ ତଦନ୍ତ ମାଧ୍ୟମରେ ପ୍ରକାଶ ପାଇଥିବା ନେଇ ରାୟଗଡ଼ା ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ୟାଲ୍ଲା ଭେଙ୍କଟଶ୍ୱର ରାଓ (କୋଣ୍ଡା ବାବୁ) ପ୍ରକାଶ କରିଛନ୍ତି। ତେଣୁ ଏନ୍ ଭାସ୍କର ରାଓଙ୍କ ନାମରେ ରାୟଗଡ଼ା ଥାନାରେ ଏତଲା ଦିଆଯାଇଛି। ପୂର୍ବତନ ସଭାପତିଙ୍କ ସମେତ ୩ ଜଣଙ୍କ ନାମରେ ସଂଘ ଏତଲା ଦେଇଛି। ପୂର୍ବତନ ସଭାପତିଙ୍କୁ ଶ୍ରୀ ରାଓ ଦୀର୍ଘ ୩୭ ବର୍ଷରେ ୟୁନିୟନ୍ର ୬୦ କୋଟି ଟଙ୍କାର ହିସାବ ମାଗିଛନ୍ତି। ଶ୍ରୀ ରାଓ ବର୍ତ୍ତମାନ ସଭାପତି ହେବା ପରେ ୨ ବର୍ଷରେ ସଂଘର ୨ କୋଟି ଟଙ୍କାର ଟ୍ରାନ୍ଜେକ୍ସନ୍ ହୋଇଥିବା କଥା କହିଛନ୍ତି। ରାୟଗଡ଼ା ଟ୍ରକ୍ ମାଲିକ ସଂଘର ଇତିହାସରେ ପ୍ରଥମଥର ପାଇଁ ଆୟକର ଆକାରରେ ପ୍ରାୟ ୧,୬୫,୦୦୦ ଟଙ୍କାର ଦେୟ ପ୍ରଦାନ କରାଯାଇଛି। ଏହା ପୂର୍ଣ୍ଣ ଆଇନଗତ ଅନୁପାଳନ ଦିଗରେ ଏକ ପଦକ୍ଷେପ ଯାହା ଦଶନ୍ଧି ଧରି ଅବହେଳିତ ଏବଂ କେବେ ପାଳନ କରାଯାଇନଥିଲା। ୬୦ ଲକ୍ଷ ବ୍ୟୟରେ ରାୟଗଡ଼ା ଟ୍ରକ୍ ମାଲିକ ସଂଘର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିବା ପ୍ରକାଶ କରିଛନ୍ତି। କିନ୍ତୁ ୩୭ ବର୍ଷ ସଂଘର ସଭାପତି ରହିବା ପରେ ମଧ୍ୟ ପୂର୍ବତନ ସଭାପତି ସଂଘ ନାମରେ ଟଙ୍କାଟିଏ ମଧ୍ୟ ରଖିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ୩୭ ବର୍ଷର ହିସାବ ଦିଅ ନଚେତ୍ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସଂଘ ଧମକ ଦେଇଛି। ଏନେଇ ପୂର୍ବରୁ ମଧ୍ୟ ସଂଘର କର୍ମକର୍ତ୍ତାମାନେ ରାୟଗଡ଼ା ଟାଉନ ଥାନା ସମ୍ମୁଖରେ ରାସ୍ତାରୋକ କରିଥିବା ନଜିର ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଏବଂ ସଂଘର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ଆଉ ୩ ନୂଆ ଦାୟିତ୍ୱ



**ରାଉରକେଲା,୧।୮/ଏନ୍ଏନ୍ଏସ୍:** ରାଉରକେଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଧିନା ଦସ୍ତଗିର୍ଙ୍କୁ ଆଉ ୩ଟି ନୂଆ ଦାୟିତ୍ୱ ମିଳିଛି। ଫଳରେ ସେ ରାଉରକେଲା ମହାନଗର ନିଗମ (ଆର୍ଏମ୍ସି)ର ଆୟୁକ୍ତ, ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ (ଆର୍ଏସ୍ଏମ୍ଏଲ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍ଡିଏ)ର ସମ୍ପାଦକ ଦାୟିତ୍ୱ ତୁଲାଇବେ। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ସୋମବାର ଆର୍ଏମ୍ସି କମିଶନର୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୧ ବ୍ୟାଚ୍ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଦସ୍ତଗିର୍ ପୂର୍ବରୁ ବ୍ରହ୍ମପୁର ଉପଜିଲ୍ଲାପାଳ ଦାୟିତ୍ୱରେ ଥିଲେ। ସେ ଆର୍ଏମ୍ସି କମିଶନର୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ଆର୍ଏମ୍ସି କମିଶନର୍ ଆଶୁତୋଷ କୁଲକର୍ଣ୍ଣି ରାୟଗଡ଼ାକୁ ଜିଲ୍ଲାପାଳ ଭାବେ ବଦଳି ହେବା ପୂର୍ବରୁ ଏସବୁ ଦାୟିତ୍ୱରେ ଥିଲେ।

## ନୂତନ ଜିଲ୍ଲାପାଳଙ୍କ ଯୋଗଦାନ



**ମାଲକାନଗିରି,୧।୮/ଏନ୍ଏନ୍ଏସ୍:** ମାଲକାନଗିରିର ନୂତନ ଜିଲ୍ଲାପାଳ ଭାବେ ସୋମେଶ ଉପାଧ୍ୟାୟ କାର୍ଯ୍ୟରେ ଯୋଗ ଦେଇଛନ୍ତି। ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ନିଜ ପ୍ରତିକ୍ରିୟାରେ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହାପୂର୍ବରୁ ଶ୍ରୀ ଉପାଧ୍ୟାୟ ଢେଙ୍କାନାଳର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ମାଲକାନଗିରି ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ଆଶିଷ ଈଶ୍ୱର ପାଟିଲଙ୍କ ଢେଙ୍କାନାଳ ଜିଲ୍ଲାପାଳ ଭାବେ ବଦଳି ହୋଇଛି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ



**ରାଉରକେଲା,୧।୮/ଏନ୍ଏନ୍ଏସ୍:** ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଚୁଲାବତି ସାହୁ ବିଶ୍ୱ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ତ୍ରୀ ଏବଂ ପ୍ରସୂତି ବିଭାଗର ବରିଷ୍ଠ ଡାକ୍ତର ଦିଲ୍ଲୀପ କୁମାର ଷଡ଼ଙ୍ଗୀ ଯୋଗଦେଇ ମା' ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ମା'ର ସ୍ତନ୍ୟପାନ କରିବା ଦ୍ୱାରା ସମ୍ଭବ ହୋଇଥାଏ ଏବଂ ଶିଶୁ ନିରୋଗ ରହିଥାଏ। କେବଳ ୬ ମାସ ପର୍ଯ୍ୟନ୍ତ ଶିଶୁକୁ ମା' କ୍ଷୀର ଖୁଆଇବା ଏବଂ ୬ ମାସ ପରେ ମା' କ୍ଷୀର ସହ ଅନୁପୂରକ ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଡା.ମନୋଜ କୁମାର ଆଚାର୍ଯ୍ୟ ସ୍ତନ୍ୟପାନର ଉପକାରିତା ଓ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମହେନ୍ଦ୍ର ବାଗ ସଭା ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିବା ଏକ ପ୍ରତିଯୋଗିତା ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ତୀରମଣି ପ୍ରଧାନ, ଡିଏମ୍ଆର୍ ସିଏଚ୍ ଅଶୋକ କୁମାର ସାହୁ ଓ ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ପରାମର୍ଶଦାତା ପରିଚାଳନା କରିଥିଲେ। ଏଥିରେ ଆଶାଦିଦି, ସ୍ୱାସ୍ଥ୍ୟକର୍ମୀ ଓ ମା'ମାନେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ତୋଷ କୁମାର, ପଙ୍କଜ କୁମାର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଚାକିରି ନାଁରେ ଠକେଇ

## ଗିରଫର ୩ ଦିନ ପରେ ପ୍ରଧାନଶିକ୍ଷକ ନିଲମ୍ବିତ



**ଲାଞ୍ଜିଗଡ଼,୧।୮/ଏନ୍ଏନ୍ଏସ୍:** ସିନାପାଲି ଅଞ୍ଚଳର ଜଣେ ଯୁବତୀ ଓ ୨ ଜଣ ଯୁବକ ଚାକିରି ଆଶାରେ ଠକାମିର ଶିକାର ହୋଇ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ସିନାପାଲି ପୁଲିସ ଲାଞ୍ଜିଗଡ଼ ବ୍ଲକ୍ ଡଙ୍ଗାଯୋର ସରକାରୀ ୟୁପି ସ୍କୁଲ୍ର ପ୍ରଧାନଶିକ୍ଷକ ଦିଲ୍ଲୀପ ମହାରଣାଙ୍କୁ ଗିରଫ କରିବାର ୩ ଦିନ ପରେ ଲାଞ୍ଜିଗଡ଼ ବ୍ଲକ୍ ଶିକ୍ଷା ବିଭାଗ ଚାକିରିରୁ ନିଲମ୍ବିତ କରିଛି। ଅଭିଯୋଗ ଅନୁସାରେ, ସିନାପାଲି ଥାନା ସଦର ଗ୍ରାମର ପ୍ରବୀଣ ମେହେର ଓ ପ୍ରଭାତ ମେହେରଙ୍କୁ ଏକ ପ୍ରତିଷ୍ଠିତ କମ୍ପାନିରେ ଚାକିରି କରାଇଦେବି ବୋଲି କହି ଲାଞ୍ଜିଗଡ଼ ବ୍ଲକ୍ ବନ୍ଧପାରି ପଞ୍ଚାୟତ ଡଙ୍ଗାଯୋର ସରକାରୀ ୟୁପି ସ୍କୁଲ୍ର ପ୍ରଧାନଶିକ୍ଷକ ଦିଲ୍ଲୀପ ମହାରଣା ୬ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ପ୍ରଧାନଶିକ୍ଷକ ପ୍ରବୀଣଙ୍କଠାରୁ ୪ଲକ୍ଷ ଓ ପ୍ରଭାତଙ୍କଠାରୁ ୨ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିଲେ। କିନ୍ତୁ ଚାକିରି ନାଁରେ ଠକେଇର ଶିକାର ହୋଇଥିବା ଜାଣିପାରି ପ୍ରବୀଣ ଗତ ୨୩ ତାରିଖରେ ସିନାପାଲି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ସିନାପାଲି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ କେତନ ଧରୁଆଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଲାଞ୍ଜିଗଡ଼ ବ୍ଲକ୍ ସୀମାନ୍ତ ରାୟଗଡ଼ା ଜିଲ୍ଲା ଆମ୍ବଦୋଳା ଗ୍ରାମରେ ଚଢ଼ଉ କରି ଅଭିଯୁକ୍ତ ପ୍ରଧାନଶିକ୍ଷକ ଶ୍ରୀ ମହାରଣାଙ୍କୁ ଗିରଫ କରି ଗତ ୨୭ ତାରିଖ କୋର୍ଟ ଚାଲାଣ କରିଥିଲା। କିନ୍ତୁ ଏନେଇ ବ୍ଲକ୍ ଶିକ୍ଷା ବିଭାଗ ପାଖରେ କୌଣସି ଖବର ନଥିଲା। ୨୮ ତାରିଖରେ ଶିକ୍ଷକ କୋର୍ଟ ଚାଲାଣ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏନେଇ ଲାଞ୍ଜିଗଡ଼ ବ୍ଲକ୍ ଶିକ୍ଷା ବିଭାଗ ଜାଣିବା ପରେ ଘଟଣାର ତଦନ୍ତ କରି ୩ ଦିନ ପରେ ଅର୍ଥାତ୍ ଗତ ୨୯ ତାରିଖ ପ୍ରଧାନଶିକ୍ଷକ ଶ୍ରୀ ମହାରଣାଙ୍କୁ ନିଲମ୍ବିତ କରିଥିବା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ



**ମ.ରାମପୁର,୧।୮/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅନ୍ତର୍ଗତ ସୁଡ଼େଙ୍ଗପଦର ଗାଁରେ ଅବକାରୀ ଓ ପୁଲିସ ଚଢ଼ଉ କରି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ର ରାହା ନାୟକ ଓ ସୁଡ଼େଙ୍ଗପଦର ଗାଁର ଆବେଦନ କୁମାର। ଗଞ୍ଜେଇ ବେପାରୀ ରାହା ନାୟକ ସୁଡ଼େଙ୍ଗପଦର ଗାଁକୁ ଗଞ୍ଜେଇ କିଣିବା ପାଇଁ ଆସିଥିବା ନେଇ ବିଶେଷ ସୂତ୍ରରୁ ଖବରପାଇ ମ.ରାମପୁର ଅବକାରୀ ବିଭାଗ ଓ ପୁଲିସ ମିଳିତ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୧ କୁଇଣ୍ଟାଲ୍ ୪୬ କିଲୋଗ୍ରାମ ଗଞ୍ଜେଇ, ଏକ ମାରୁତି କାର୍ ଓ ବେପାରୀଙ୍କଠାରୁ ନଗଦ ୨ଲକ୍ଷ ୯୦ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଗଞ୍ଜେଇ ଛତିଶଗଡ଼କୁ ଚାଲାଣ କରିବା ପାଇଁ ଡିଲ୍ ହୋଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ଅବକାରୀ ବିଭାଗର ସବଇନ୍ସପେକ୍ଟର ଦେବାଶିଷ ସିରଦର, କନେଷ୍ଟବଳ ସୀମାଞ୍ଚଳ ମାଝୀ, ବିନିତା କୁମାର, ଦୈତାରୀ ତାଣ୍ଡି ଓ ପୁଲିସ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

# ଅନ୍ୱେଷଣର ନୂତନ ନାଟକ ନିମନ୍ତେ ବହି ପୂଜା



**ଯାଜପୁର,୧।୮/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ଆଗାମୀ ସପ୍ତମ ବାର୍ଷିକ ଉତ୍ସବ ଓ ଲୋକକଳା ମହୋତ୍ସବ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ପରିବେଷଣ ହେବାକୁ ଥିବା ପ୍ରଭୁ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଅନ୍ୱେଷଣର ବରିଷ୍ଠ ସଦସ୍ୟ ଖଗେଶ୍ୱର ସାହୁଙ୍କର ରଚିତ ନୂତନ ନାଟକ (ସନ୍ଥ ହାଡ଼ି ଦାସ)ର ବହି ପୂଜା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପାଖରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ କଳାକାର ଓ କର୍ମକର୍ତ୍ତାମାନେ ମା' ବିରଜାଙ୍କ ମନ୍ଦିର ପରିସରରେ ଏକତ୍ରିତ ହୋଇ ଏହି ନାଟକଟି ଆଗାମୀ ସପ୍ତମ ବାର୍ଷିକ ଉତ୍ସବ ଓ ଲୋକକଳା ମହୋତ୍ସବରେ କିଭଳି ସଫଳ ହେବା ସେଥିପାଇଁ ମା'ଙ୍କ ପାଖରେ ପୂଜା ଅର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବ୍ରଜମୋହନ ମିଶ୍ର, ଉପସଭାପତି ସୁବାସ ଚନ୍ଦ୍ର ବେହେରା, କୋର କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତ ସେଠୀ, ଅଶୋକ କୁମାର ପାଣିଗ୍ରାହୀ, ସୌଭାଗ୍ୟ ତ୍ରିପାଠୀ, ରବିନାରାୟଣ ରାଉତ, କୋଷାଧ୍ୟକ୍ଷ ତ୍ରିଲୋଚନ ରାଉତ, ସହ ସମ୍ପାଦିକା ଶକୁନ୍ତଳା ବେହେରା, ବରିଷ୍ଠ ସଦସ୍ୟ କିଶୋର କୁମାର ଦାସ, ବିଷ୍ଣୁ ଚରଣ ଲେଙ୍କା, ରଞ୍ଜନ କୁମାର ବେହେରା, ଜିତେନ୍ଦ୍ର କୁମାର ସାହୁ, ସଦସ୍ୟା ତୁନି ବେହେରା, ସହ ସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ସୂର୍ଯ୍ୟମଣି ବେଦୀ, ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ନନ୍ଦ, ସୋମନାଥ ରଣା ମା'ବିରଜାଙ୍କ ପୂଜକ ଜଗନ୍ନାଥ ପାଣି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ରାହୁଲ ଗାନ୍ଧୀ, ଭକ୍ତ ଦାସ ଓ ନବୀନଙ୍କ କୁଶପୁତ୍ତଳିକା ଦାହ



**ଢେଙ୍କାନାଳ,୧।୮/ଏନ୍‌ଏନ୍‌ଏସ୍:** ବିଜେପି ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଭକ୍ତ ଦାସ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାଜ୍ୟରେ କଂଗ୍ରେସ ଓ ବିଜେଡି ନେତା ଫକୀରମୋହନ କଲେଜ୍‌ର ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡି ଘଟଣାକୁ ନେଇ ରାଜରାସ୍ତାକୁ ଓହ୍ଲାଇବା ସହ ତୁମ୍ବିତୋଫାନ କରୁଥିବାସ୍ଥଳେ ଉଭୟ ଦଳର ନେତାମାନେ ବଳାତ୍କାର ଭଳି ଜଘନ୍ୟ ଘଟଣାରେ ନିଜେ ସଂପୃକ୍ତ ଥିବା ଏବେ ପଦାକୁ ଆସିଛି। ରାଜ୍ୟ ଛାତ୍ର କଂଗ୍ରେସ୍‌ର ସଭାପତି ଉଦିତ୍ ପ୍ରଧାନ, ଯିଏକ ଜନୈକ ଯୁବତୀଙ୍କୁ ନିଶାଦେଇ ଦୁଷ୍କର୍ମ କରି ଗିରଫ ହୋଇ ଜେଲ୍‌ରେ ଅଛନ୍ତି ଏବଂ ବିଜେଡିର ଭୁବନେଶ୍ୱର କର୍ପୋରେଟର ଅମରେଶ୍ ଜେନା ଏକ ନାବାଳିକାଙ୍କୁ ଦୁଷ୍କର୍ମ କରି ପୋକ୍ସୋ ଆକ୍ଟରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ଏହି ଉଭୟ ଘଟଣା କଂଗ୍ରେସ୍ ଓ ବିଜେଡିର ଅସଲି ମୁଖା ଓଡିଶାବାସୀଙ୍କ ଆଗରେ ଖୋଲିଯାଇଛି। ଅତୀତରେ କଂଗ୍ରେସ ଶାସନ କାଳରେ ଛବିରାଣୀ ଦୁଷ୍କର୍ମ ଓ ହତ୍ୟାକାଣ୍ଡ, ଅଞ୍ଜନା ମିଶ୍ର ଦୁଷ୍କର୍ମ ଯାହାପାଇଁ ଓଡିଶାବାସୀ କଂଗ୍ରେସକୁ ଶାସନରୁ ବିତାଡିତ କରିଥିଲେ। ସେହିଭଳି ବିଗତ ୨୪ବର୍ଷର ବିଜେଡି ଶାସନ କାଳରେ ଇତିଶ୍ରୀ, ବେବିନା, କୁନ୍ଦୁଲି, ପରୀ ଓ ମମିତାଙ୍କ ସମେତ ବହୁ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଏପର୍ଯ୍ୟନ୍ତ ଜନସାଧାରଣଙ୍କ ମନରୁ ଲିଭିନାହିଁ। ଯେଉଁଥିରେ କି ବିଜେଡିର ମନ୍ତ୍ରୀ, ବିଧାୟକ ଓ କର୍ମୀମାନେ ସଂପୃକ୍ତ। ଏଣୁ ଉଭୟ କଂଗ୍ରେସ ଓ ବିଜେଡି ଦଳର ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇବାର ନୈତିକ ଅଧିକାର ନାହିଁ। ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଭାରତମାତା ପ୍ରତିମୂର୍ତ୍ତି ନିକଟରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧକ୍ଷତାରେ ଜିଲ୍ଲା ଯୁବମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା ତରଫରୁ କଂଗ୍ରେସ ଓ ବିଜେଡି ବିରୋଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଶେଷରେ କଂଗ୍ରେସର ରାଷ୍ଟ୍ରୀୟ ନେତା ରାହୁଲ୍ ଗାନ୍ଧୀ, କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ ଓ ବିଜେଡିର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଶିବ ପ୍ରସାଦ ସାହୁ, ସନାତନ ବେହେରା, ଇତିଶ୍ରୀ ସାହୁ, ସାଧାରଣ ସଂପାଦକ ସୁନିଲ୍ ଶର୍ମା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଜିଲ୍ଲା ସଂପାଦିକା ଯଶସ୍ୱିନୀ ରାଉତ, ମଣ୍ଡଳ ସଭାପତି ରଶ୍ମିରଞ୍ଜନ ଦାସ, ମନୋଜ ବାରିକ, ଶିବଶକ୍ତି ମହାନ୍ତି, ପ୍ରଦୀପ ସାହୁ, ପଙ୍କଜ ଲୋଚନ ଦାସ, ଅରୁଣ ସେନାପତି, ପ୍ରାଣବନ୍ଧୁ ଦାସ, ମୀନକେତନ ନାୟକ, ସନାତନ ସାହୁ, ଆଦି ଶତାଧିକ ଯୁବମୋର୍ଚ୍ଚା ଓ ମହିଳାମୋର୍ଚ୍ଚା ସଦସ୍ୟ/ସଦସ୍ୟା ଭାଗ ନେଇଥିଲେ।

# ୧୦୦ ଲିଟର ଦେଶୀ ମହୁଲି ଜବତ

**ପରଜଙ୍ଗ,୧।୮/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଥାନା ଆମ୍ବ ପଳାଶ ଗ୍ରାମରୁ ଗତକାଲି ସନ୍ଧ୍ୟାରେ ପରଜଙ୍ଗ ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ୧୦୦ ଲିଟର ଦେଶୀ ମହୁଲି ଜବତ କରିଛି। ପ୍ରକାଶ, ଗତକାଲି ସନ୍ଧ୍ୟା ପ୍ରାୟ ୫.୩୦ ଟା ବେଳକୁ ପରଜଙ୍ଗ ଥାନା ଅଧିକାରୀ ଦେବଗ୍ରାହି ମହାନ୍ତି ତାଙ୍କ ଟିମ୍ ସହିତ ପେଟ୍ରୋଲିଂ କରୁଥିବା ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ଆମ୍ବ ପଳାଶ ଗ୍ରାମରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସେଠାରୁ ମଦ ମାଫିଆ ଜଙ୍ଗଲ ଭିତରକୁ ଖସି ପଳାଇଯାଇଥିଲା। କିନ୍ତୁ ସେ ବ୍ୟକ୍ତି ଜଣଙ୍କ ସେହି ଆମ୍ବ ପଳାଶ ଗ୍ରାମର ଟିକାୟତ ମହାପାତ୍ରଙ୍କ ପୁଅ ମନ୍ମଥ ମହାପାତ୍ର (୪୨) ବୋଲି ଥାନା ଅଧିକାରୀ ଚିହ୍ନି ପାରିଥିଲେ। ଆଗରୁ ମଧ୍ୟ ସେହି ବ୍ୟକ୍ତି ନାମରେ ପରଜଙ୍ଗ ଥାନାରେ ଏକାଧିକ ମାମଲା ଅଛି। ସେଠାରୁ ଦୁଇଟି ୫୦ ଲିଟର ଜାର୍କିନରେ ମୋଟ ୧୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ମଦ ମାଫିଆର ଡରରେ ପାଖରେ ଥିବା ଲୋକମାନଙ୍କ ମଧ୍ୟରୁ କେହି ସାକ୍ଷୀ ଭାବେ ମଧ୍ୟ ବାହାରି ନଥିବା ପରଜଙ୍ଗ ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ମଦକୁ ଜବତ କରି ପରଜଙ୍ଗ ପୁଲିସ ଅଧିକ ତଦନ୍ତ ଚଳାଇଛି।

# ସିଡବ୍ଲୁସି ମେମ୍ବର୍‌ଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ

**ଜଗତ୍‌ସିଂହପୁର,୧।୮/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ସିଡବ୍ଲୁସି ମେମ୍ବର୍‌ଙ୍କ ବିରୋଧରେ ଶୁକ୍ରବାର ଅପରାହ୍ଣରେ ଜଗତସିଂହପୁର ସଦର ଥାନାରେ ସଙ୍ଗୀନ ଅଭିଯୋଗ ହୋଇଛି। ରୁଚିକା ସମାଜ ମଙ୍ଗଳ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜିଲ୍ଲା କୋ-ଅର୍ଡିନେଟର୍ କାର୍ଯ୍ୟ କରୁଥିବା ଜଣେଙ୍କୁ ସିଡବ୍ଲୁସି ସଦସ୍ୟ ବିବେକାନନ୍ଦ ବଳ ଯୌନ ନିର୍ଯାତନା ଦେଇ ଆସୁଥିବା ନେଇ ଅଭିଯୋଗ ହୋଇଛି। ସଦର ଥାନା ଅଧିକାରୀ ପ୍ରଭାସ ସାହୁ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହିତ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ଆଜିଙ୍କେମାନେ ବାବୁରାମ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ ଜଗତସିଂହପୁର ଜିଲ୍ଲାର ସିଡ୍ଲୁସି (ଶିଶୁ ମଙ୍ଗଳ କମିଟି) ଅଧିନରେ ରୁଚିକା ସମାଜ ମଙ୍ଗଳ ସଂଗଠନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦୀର୍ଘଦିନ ହେଲା ଚାଇଲ୍ଡ ମ୍ୟାରେଜ୍ ଓ ଚାଇଲ୍ଡ ଟ୍ରାଫିକିଂ ପାଇଁ କାର୍ଯ୍ୟ କରୁଛି। ଉକ୍ତ ଅନୁଷ୍ଠାନରେ ଜିଲ୍ଲା କୋ-ଅର୍ଡିନେଟର୍ ଭାବେ କାର୍ଯ୍ୟରତ ଜଣେ ଯୁବତୀଙ୍କ ବିରୋଧ ସତ୍ତ୍ୱେ ଶ୍ରୀ ବଳ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଫେବର୍ ମାଗି ଆସୁଥିଲେ। ତେବେ ଏ ସମ୍ପର୍କରେ ପୀଡ଼ିତା ସିଡବ୍ଲୁସି ଏବଂ ଡିସିପି ୟୁନିଟ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗ ସତ୍ତ୍ୱେ କୌଣସି ନ୍ୟାୟ ନ ପାଇବାରୁ ପୀଡ଼ିତା ସଂଗଠନର ମୁଖ୍ୟଙ୍କୁ ଅବଗତ କରିଥିଲେ। ପରେ ଶିଶୁ ମଙ୍ଗଳ କମିଟିର ଚେୟାରମ୍ୟାନ୍, ଜିଲ୍ଲାପାଳ, ଏସ୍‌ପିଙ୍କ ନିକଟରେ ଲିଖିତ ଭାବେ ଜଣାଇବା ସହିତ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିଥିବା ନେଇ ରୁଚିକାର ଅଧିକାରୀ ଡା. ବେଣୁଧର ସେନାପତି ସୂଚନା ଦେଇଛନ୍ତି।

# ଉପକୂଳ ଅଞ୍ଚଳକୁ ସୁରକ୍ଷିତ ପାଇଁ ବୈଠକ



**କେନ୍ଦ୍ରାପଡ଼ା,୧।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାର ଉପକୂଳ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଏକ ଉଚ୍ଚ ସ୍ତରୀୟ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଡିଏସପି ଆଇବି ଲକ୍ଷ୍ମୀ ନାରାୟଣ ତିୱାରୀ, ଏସିଏଫ ଗଗନ ମଲିକ, ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଗଦାଧର ରାଉତ, କିଶୋର କୁମାର ତରାଇ, ବିମଳ କୁମାର ମଲିକ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପକୂଳ ଅଞ୍ଚଳକୁ ସୁରକ୍ଷିତ ରଖିବା ସହ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା, କୌଣସି ଅଜଣା ଜଳଯାନ, ବ୍ୟକ୍ତି ସମୂହ ଓ ଅନୁପ୍ରବେଶ କାରୀଙ୍କୁ ଦେଖିବା ମାତ୍ରେ ତୁରନ୍ତ ସଂପୃକ୍ତ ଅଞ୍ଚଳର ଥାନାକୁ ଖବର ଦେବା ଉପରେ ଗୁରୁତ୍ୱ ରଖାଯାଇଛି । ଏହା ସହ ସମୁଦ୍ରକୁ ଯାଉଥିବା ମତ୍ସ୍ୟଜୀବି ମାନେ ଜୀବନରକ୍ଷା ଜ୍ୟାକେଟ ପିନ୍ଧିବା ସହ ନିଜର ପଞ୍ଜିକରଣ କରାଇବା ବାଧ୍ୟତାମୂଳକ କରାଯାଇଛି । ବିଶେଷକରି ଅନୁପ୍ରବେଶ କାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ତଟରକ୍ଷୀ ବାହିନୀ, ରାଜସ୍ୱ ଅଧିକାରୀ, ବନ ବିଭାଗ, ମତ୍ସ୍ୟ ବିଭାଗ ତୀକ୍ଷ୍ଣ ଦୃଷ୍ଟି ରଖି ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

# ପରିବା ଦୋକାନୀକୁ ମାଡ଼ମାରି ୨ ଗିରଫ

**ରାଜନଗର,୧।୮/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ତ୍ରିନାଥ ବଜାରସ୍ଥିତ ହଂସୁଆ ସେତୁ ନିକଟରେ ପନିପରିବା ଦୋକାନ କରିଥିବା କଳ୍ପତରୁ ସାମଲଙ୍କୁ ମାଡ ମାରିବା ଘଟଣା ଦୁଇଜଣଙ୍କୁ ମହଙ୍ଗା ପଡିଛି। ଏପରିକି ସେମାନଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗତମାସ ୩୦ରେ ରାତି ପ୍ରାୟ ୧୦ଟା ସମୟରେ କଳ୍ପତରୁ ଦୋକାନ ବନ୍ଦ କରି ଘରକୁ ଯାଉଥିଲେ। ଦୋକାନ ବନ୍ଦ ପରେ ରାଜନଗର ଡିଆପାରୀ ଗ୍ରାମର ଭାସ୍କର ସେଠୀଙ୍କ ପୁଅ ସର୍ବେଶ୍ୱର ସେଠୀ(ବାଉଁଆ) ଓ ଖଗେଶ୍ୱର ସେଠୀ(ବୁନିଆ) ପରିବା ନେବାକୁ କହିଲେ। ଦୋକାନ ବନ୍ଦ ହୋଇଯାଇଥିବାରୁ କଳ୍ପତରୁ ଆଉ ଦୋକାନ ଖୋଲିବାକୁ ରାଜି ହୋଇନଥିଲେ। ଏହି କାରଣରୁ ଦୁଇଭାଇ ଉତ୍ୟକ୍ତ ହୋଇ କଳ୍ପତରୁଙ୍କୁ ମାଡ ମାରିଥିଲେ। ଫଳରେ କଳ୍ପତରୁଙ୍କ ମୁଣ୍ଡ ଫାଟିଯିବା ସହ ରକ୍ତାକ୍ତ ହୋଇପଡିଥିଲେ। ଏନେଇ କଳ୍ପତରୁ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୨୫୯/୨୫ରେ ମକଦ୍ଦମା ରୁଜୁକରି ଦୁଇଭାଇଙ୍କୁ କୋର୍ଟଚାଲାଣ କରିଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ସେମାନଙ୍କ ଜାମିନୀ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ବିଧାୟକ



**ଚାନ୍ଦୋଳ,୧।୮/ଏନ୍‌ଏନ୍‌ଏସ୍:** ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଜି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇ ରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟବସ୍ଥା ପରଖିଥିଲେ । ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଡେରାବିଶ ବ୍ଲକ ଚାଟରାଚକଡ଼ା ପଂଚାୟତ ଅନ୍ତର୍ଗତ ଛତାଠାରେ ଅବସ୍ଥିତ ହୋଇଥିବାରୁ ଜାତୀୟ ରାଜପଥରେ ହେଉଥିବା ବହୁ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ବିଶେଷ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବା ସହିତ ଡେରାବିଶ ବ୍ଲକର ୨୬ ପଞ୍ଚାୟତର ଅଧିବାସ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି । ହେଲେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସଠିକ୍ ଭାବରେ ସ୍ୱାସ୍ଥ୍ୟସେବା ମିଳୁନଥିବା ନେଇ ବହୁ ଅଭିଯୋଗ ହୋଇ ଆସୁଥିଲା । ଏ ସମ୍ପର୍କରେ ଡେରାବିଶର ଜନସାଧାରଣ ଗତ ପଞ୍ଚାୟତ ସମିତି ବୈଠକରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ। ଏଥିପାଇଁ ଆଜି ବିଧାୟକ ଶ୍ରୀ ମହାପାତ୍ର କାହାକୁ କିଛି ନଜଣାଇ ଆଜି ଅଚାନକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ଯାଇଥିଲେ।ସେଠାରେ ୱାର୍ଡ଼ ଭିତରେ ରହିଥିବା ରୋଗୀମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ଏହି ଡାକ୍ତରଖାନାରେ ସେମାନେ ପାଉଥବା ଚିକିତ୍ସା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଚିତରଞ୍ଜନ ବେହେରା, ବିପିଏମ୍ ଇପସିତା ମହାପାତ୍ର, ବିଏଏମ୍ ସଂଗ୍ରାମ କେଶରୀ ସାମନ୍ତରାୟ ଓ ବିଡ଼ିଏମ୍ ବିଶ୍ୱଜିତ ରାଉତ ପ୍ରମୁଖଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ଡାକ୍ତର ପଦବୀ, ରୋଗୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ହେଉଥିବା ଡାକ୍ତରୀ ଉପକରଣ, ଆବଶ୍ୟକ ଡାକ୍ତରଖାନା ଗୃହ ଇତ୍ୟାଦି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ରହିଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ, ଚକ୍ଷୁବିଭାଗ, ବର୍ହିବିଭାଗ, ଔଷଧ ବିତରଣ କେନ୍ଦ୍ର, ଅପରେସନ୍ ଥିଏଟର ଇତ୍ୟାଦି ବୁଲି ଦେଖିଥିଲେ। ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ରହିଥିବା ପ୍ରସୂତୀ ଟେବୁଲରେ ଇଟା ଭାରା ଦିଆଯିବା ଓ ଔଷଧ ବିତରଣ କେନ୍ଦ୍ରରେ ଅବଧି ଶେଷ ହୋଇଥିବା ଔଷଧ ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ। ସନ୍ଧ୍ୟା ପରେ ବିଦ୍ୟୁତ୍ କଟିଗଲେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଅନ୍ଧାକାର ହୋଇଯାଉଥିବା ବେଳେ ବାହାରେ ଲାଗିଥିବା ସୋଲାର ଲାଇଟ୍ ଗୁଡ଼ିକ ଖରାପ ହୋଇଯାଇଥିବା ନେଇ ସ୍ଥାନୀୟ ଲୋକମାନେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଏହାର ଉତରରେ ବିଧାୟକ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜେନେରେଟର ଯୋଗାଇ ଦେବା ପାଇଁ ସରକାରୀ ଭାବେ ବ୍ୟବସ୍ଥା କରିବେ ବୋଲି କହିଥିଲେ। ଏଥିସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପଦବୀ ପୂରଣ ଓ ଅନ୍ୟାନ୍ୟ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ସେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ କଥା ହେବେ ବୋଲି କହିଥିଲେ। ବିଧାୟକଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡ଼ି ନେତା ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ସୁକାନ୍ତ ଦ୍ୱିବେଦୀ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ବାଲିଆ ସରପଞ୍ଚ ପ୍ରବୀର ସିଂ, ଦିଲ୍ଲୀପ ଦାସ, ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକାରୀ ଓ କର୍ମଚାରୀମାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୧।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ନିକଟରେ ଅବସରଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ବ୍ୟାଙ୍କ ପରିଚାଳନା ସମିତି ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ କଜଳାସ୍ଥିତ ବ୍ୟାଙ୍କର ମୁଖ୍ୟ ଶାଖାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ଜେନେରାଲ ମ୍ୟାନେଜର ରାଜୀବ ଲୋଚନ ପଣ୍ଡା, ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ଅବସରଗ୍ରହଣ କରିଥିବା ମ୍ୟାନେଜର(ରିକଭରି) ରବୀନ୍ଦ୍ର କୁମାର ପାତ୍ର, ମ୍ୟାନେଜର(କ୍ରେଡିଟ) ଅନ୍ନଦା ପ୍ରସନ୍ନ କାନୁନଗୋ, ପୁରୁଣା ବସଷ୍ଟାଣ୍ଡ ଶାଖାର ମ୍ୟାନେଜର ସୁରେଶ ଚନ୍ଦ୍ର ନାୟକ ଓ ସେହି ଶାଖାର ପିଅନ ରମେଶ ଚନ୍ଦ୍ର ଜେନା ଏବଂ ଚାନ୍ଦୋଳ ଶାଖାର ପିଅନ କାଳନ୍ଦି ଚରଣ ମିଶ୍ର ପ୍ରମୁଖଙ୍କୁ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ର, ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଶାଲ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ସଭାପତି ଶ୍ରୀ ମହାନ୍ତି ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟାନେଜର ଲଲାଟେନ୍ଦୁ କେଶରୀ ଦାସ, ସହକାରୀ ମ୍ୟାନେଜର ଭଞ୍ଜକିଶୋର ଜେନା, ସିଷ୍ଟମ ମ୍ୟାନେଜର ଆଦିତ୍ୟ କୁମାର ଶତପଥୀ, ସହକାରୀ ମ୍ୟାନେଜର ବିଶ୍ୱରଞ୍ଜନ ଲେଙ୍କା, ସହକାରୀ ମ୍ୟାନେଜର(ଆକାଉଣ୍ଟସ) ସଂଗୀତା ନାୟକ, ସହକାରୀ ମ୍ୟାନେଜର(ଆକାଉଣ୍ଟସ) ସସ୍ମିତା ବିଶ୍ୱାଳ, ମ୍ୟାନେଜର (ଅଡିଟ) ହିମାଂଶୁ ଶେଖର ଲେଙ୍କା, ଟାଇପିଷ୍ଟ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ମୃତ ପରିବାରଙ୍କୁ ଭେଟିଲେ ପ୍ରାକ୍ତନ ସାଂସଦ



**ହିନ୍ଦୋଳ,୧।୮/ଏନ୍‌ଏନ୍‌ଏସ୍:** ଗତକାଲି ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବାଗଧରିଆ ଗ୍ରାମର ତିନୋଟି ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ଗତକାଲି ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ହିନ୍ଦୋଳ ବାଗଧରିଆ ଗ୍ରାମର ଝୁଲଣ ଦେହୁରୀ, କରୁଣାକର ଦେହୁରୀ ଏବଂ ଶଶି ଦେହୁରୀଙ୍କର ମୃତ୍ୟୁ ହୋଇଥିବା ଖବର ପାଇ ପୂର୍ବତନ ସାଂସଦ ମହେଶ ସାହୁ ନୂଆବଗ ପଞ୍ଚାୟତର ବାଗଧରିଆ ଗ୍ରାମକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାଙ୍କର ସଦଗତି କାମନା କରିଛନ୍ତି। ହିନ୍ଦୋଳରେ ହାତୀ ଆକ୍ରମଣ ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇଥିବାରୁ ହାତୀ ଆକ୍ରମଣରୁ ହିନ୍ଦୋଳବାସୀଙ୍କୁ ସୁରକ୍ଷା ଦେବାପାଇଁ ପ୍ରଶାସନ ଏବଂ ଜଙ୍ଗଲ ବିଭାଗ ଅଧିକ ତତ୍ପର ହୋଇ ଧନ ଜୀବନରକ୍ଷା କରିବା ପାଇଁ ଦାବି କରିଛନ୍ତି। ପୂର୍ବତନ ସାଂସଦ ମହେଶ ସାହୁଙ୍କ ସହ ନୂଆବଗ ପଞ୍ଚାୟତର ସରପଞ୍ଚ ମାନସ ଦେହୁରୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ଶୋକସନ୍ତପ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାଙ୍କର ସଦଗତି କାମନା କରିଛନ୍ତି।


**AFFIDAVIT**

I, Sheikh Abdul Izaj, S/o Sk. Abdul Hanif resident of Jobra, Tinapita Sahi, PO- College Square, PS- Malgodown, Town/Dist- Cuttack, Odisha, Pin- 753003 declare by this Affidavit No. 6901 dated- 31.07.2025 that now onwards I shall be known as SHAIKH ABDUL IJAZ for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Kanika on dated 31.07.2025 I, Rudraprakash Jena S/O- Raghunath Jena permanent resident of Vill/PO- Deulatara, P. S.- Rajkanika, Dist- Kendrapara, Odisha - 755016 declare that I have changed my name from Rudra Pratap Jena (Old Name) to Rudraprakash Jena (New Name). Henceforth, I shall be known as Rudraprakash Jena (New Name) for all purposes.

Rudraprakash Jena

**AFFIDAVIT**

By virtue of an affidavit sworn before the Executive Magistrate, Kanika on dated 31.07.2025 I, Sujata Nayak W/o- Prakash Kumar Nayak permanent resident of Vill- Deulasahi, PO- Olaver, P. S.- Rajkanika, Dist- Kendrapara declare that I have changed the name of my minor son from Suraj Nayak (Old Name) to Suraj Kumar Nayak (New Name). Henceforth, he shall be known as Suraj Kumar Nayak (New Name) for all purposes.

Sujata Nayak

**AFFIDAVIT**

By virtue of an affidavit sworn before the Executive Magistrate, Nayagarh, dtd. 30.07.2025, I, Rajatarangini Sahoo, W/o- Rabindra Nath Sahoo, permanent resident of Bahadajhola, Bank Sahi, Po- Bahadajhola, Ps- Odagaon, Dist-Nayagarh do hereby declare that I have changed my name from Rajatarani Sahoo to Rajatarangini Sahoo. Henceforth, I shall be known as **Rajatarangini Sahoo** for all purposes.

**AFFIDAVIT**

I, Narayan Maharana, S/o- Brahmananda Maharana, At- Ganraba, PO- Bhatimunda, PS- Tangi, Dist- Cuttack, Pin- 754022 I have changed my son's name from Pruthiraj Maharana to Pruthwiraj Maharana. Henceforth, he shall be known as **Pruthwiraj Maharana** for all future purposes by an affidavit before Magistrate of Tangi, Jagatpur, Cuttack.

**ଚକ୍ରଧରପୁର ଡିଭିଜନର ବିଭିନ୍ନ ସମ୍ପତ୍ତି ପାଇଁ ଇ-ନିଲାମ୍ ନୋଟିସ୍**

ନଂ. Com.18/NFR/E-Auction Catalogue/August/25 ତାରିଖ: ୩୧.୦୭.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା the Sr. Divisional Commercial Manager, ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନ୍ ପାଇଁ ନିମ୍ନରେ ପ୍ରଦତ୍ତ ବର୍ଗୀକୃତ ସମ୍ପତ୍ତି ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି। ଇ-ନିଲାମ ସମ୍ପର୍କିତ ସବିଶେଷ ବିବରଣୀ ଏହି ପ୍ରକାରେ ରହିଛି। କ୍ରମିକ ନଂ., ବର୍ଗ, କାଟାଲଗ୍, ନିଲାମ ତାରିଖ, ନିଲାମ ଆରମ୍ଭ ଓ ଶେଷ ହେବା ସମୟ ନିମ୍ନରେ ପ୍ରଦତ୍ତ କରାଯାଇଛି। ୧. ବିଜ୍ଞାପନ : Advt-CKPDIV-25, 09.08.2025, ୧୧:୪୫ ଘଟିକା ଏବଂ ୧୫:୧୫ ଘଟିକା, ୨. କାଟେଗିରି : Catg-GMU-CKP-25, 12.08.2025, ୧୧:୧୫ ଘଟିକା ଏବଂ ୧୪:୧୫ ଘଟିକା, ୩. କାଟେଗିରି : Catg-SMU-CKP-25, 13.08.2025, ୧୨:୦୦ ଘଟିକା, ୧୫:୩୦ ଘଟିକା। ଇଚ୍ଛୁକ ପକ୍ଷ ଏହାକୁ ଗୁରୁତର ସହ ଗ୍ରହଣ କରିବା ସହ ଇ-ନିଲାମ୍ ନୋଟିସ୍ ସମ୍ବନ୍ଧିତ ଅଧିକ ବିବରଣୀ / ତଥ୍ୟ ସମ୍ପର୍କରେ ଜାଣିବା ପାଇଁ ୱେବସାଇଟ୍ https://www.ireps.gov.in ପରିଦର୍ଶନ କରିପାରିବେ। ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ଥାଏ, ତେବେ ଦୟାକରି ନିମ୍ନରେ ସ୍ୱାକ୍ଷରିତ ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ।

(PR-471) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପରିଚାଳକ, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳବାଇ

**ZILLA SWASTHYA SAMITI, KEONJHAR**
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(DSU CELL KEONJHAR)
**SHORT TENDER CALL NOTICE**

Advt. No. 1444 Date : 01.08.2025

Sealed tender is invited from the registered supplier / firm for supply of kit, consumable, glass, plastic items, instrument's under DPHL for the year 2024-25. The interested supplier/firm having valid GST Regd. No. may be applied. The lists of the items are mentioned below in details. The term & condition of the tender may be downloaded from the website www.kendujhar.odisha.gov.in. The tender should reach to the office of the undersigned by 19.08.2025, 5 PM. through Speed Post / Regd. Post / Courier and which will be opened on the same day at 19.08.2025 of 5.30 PM DTU Conference Hall NHM, Keonjhar. This office will not entertain any tender after the due date / time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

Sd/- Chief District Medical & Public Health Officer, Keonjhar

OIPR-10033/11/0043/2526 E-280

**OFFICE OF THE PANCHAYAT SAMITI , CHANDBALI**
**AT-PO-CHANDBALI, DIST-BHADRAK, PIN-756133**
**INVITATION FOR BIDS(IFB)**
**BID IDENTIFICATION NO-02**

I-256

| S.I No | Name Of the Work | Location |
|---|---|---|
| 1 | Supply and Installation of Medical Equipments for CHC, Chandbali | CHC, Chandbali |
| **Name of Items** | **Quantity** | **Location** |
| Ultrasound Machine | 1 | CHC, Chandbali |
| Digital X-Ray Machine | 1 | CHC, Chandbali |
| Fully Auto Analyzer | 1 | CHC, Chandbali |
| Electrolite analyzer | 1 | CHC, Chandbali |
| Patient Warmer | 1 | CHC, Chandbali |
| Patient Monitor (Wall mounting) | 1 | CHC, Chandbali |
| ECG Machine | 1 | CHC, Chandbali |
| Foetal Doppler | 1 | CHC, Chandbali |
| Autoclave Machine | 1 | CHC, Chandbali |

1.Delivery & Installation Period : Within 60 days from issue of the work order.
2.Date & Time: 10:00 AM of 02/08/2025 to 3:00 PM of 22/08/2025
3.Last Date: 22/08/2025 (3 PM)
4.Time of Opening of Technical Bid: 11:00 AM of 25/08/2025
5.Name and address: Block Development Officer, Chandbali, Bhadrak.
6.EMD applicable: Rs. 55000.00
Further Details can be seen from the website portal https://bhadrak.odisha.gov.in/- .
The Interested bidders contact office of the Block Development Officer, Chandbali, Dist-Bhadrak, Contact No-9437241362.

Sd/- Block Development Officer Chandbali

OIPR-19183/11/0003/2526

C-779

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, BALASORE**
Phone : 9438660004, e-mail-eephbls@gmail.com
**NATIONAL COMPETITIVE BIDDING THROUGH e-Procurement (Online Mode)**
**Invitation for Bids (IFB) dt.29.07.2025**

The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K7/K9) Pipes for the work laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-06 dt.29.07.2025 | 595.53 | Manufacturer | 60 (Sixty) Days | 11:00 Hrs. of dt.05.08.2025 | 17:00 Hrs. of dt.20.08.2025 | 17:00 Hrs. Of 14.08.2025 | 11:00 Hrs. Of 21.08.2025 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Superintending Engineer, P.H. Division, Balasore-756056, Odisha, Phone : 9438660004

Sd/- Superintending Enigneer P.H. Division, Balasore

OIPR-13053/11/0027/2526

# ମିନିବସ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ, ରାସ୍ତାରୋକ

**ଖଣ୍ଡପଡ଼ା,୧।୮/ଏନ୍ଏନ୍ଏସ୍:** ଖଣ୍ଡପଡ଼ାରୁ ନୟାଗଡକୁ ସଂଯୋଗ କରୁଥିବା ରାସ୍ତାର ଯୋଗିଆପଲ୍ଲୀ ଗ୍ରାମ ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଯୋଗିଆପଲ୍ଲୀ ଗ୍ରାମର ବଳିଆ ପ୍ରଧାନ (୨୬)ଙ୍କ ର ଘଟଣାସ୍ଥଳରେ ଅକାଳ ମୃତ୍ୟୁ ହୋଇଛି। ପ୍ରକାଶ ଯେ ନିକଟସ୍ଥ ପାଣିପୋଇଲା ଛକରୁ ବଳିଆ ଏକ ବାଇକ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଖଣ୍ଡପଡ଼ାରୁ ନୟାଗଡ଼ ଅଭିମୁଖେ ଦ୍ରୁତ ଗତିରେ ଯାତ୍ରା କରୁଥିବା ନାୟକ ନାମକ ଏକ ମିନି ଯାତ୍ରୀବାହୀ ବସ ଯୋଗିଆପଲ୍ଲୀ ଗ୍ରାମ ନିକଟରେ ବଳିଆ ଚଳାଉଥିବା ବାଇକ୍‌କୁ ଧକ୍କା ଦେବାରୁ ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଫଳରେ ମୁଣ୍ଡରୁ ତାଙ୍କର ପ୍ରଚୁର ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ହିଁ ତାର ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାଯାଇଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଗ୍ରାମବାସୀ ଓ ମୃତ ଯୁବକଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚିବା ପରେ



ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଦୁର୍ଘଟଣାରେ ବାଇକ୍‌ଟି ଭାଙ୍ଗିରୁଜି ଯାଇଥିବା ବେଳେ ଖବରପାଇ ନୟାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବାସହ ଉତ୍ତ୍ୟକ୍ତ ଗ୍ରାମବାସୀ ଘଟଣାର ତଦନ୍ତ ସହ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଦୁର୍ଘଟଣାସ୍ଥଳରେ ରାସ୍ତା ଉପରେ ଶବରଖି ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଫଳରେ ଦୀର୍ଘ ୩ ଘଣ୍ଟା ଧରି ଖଣ୍ଡପଡ଼ା- ନୟାଗଡ଼ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ସୂଚନା ପାଇ ନୟାଗଡ଼ ପୁଲିସ ଟିମ୍, ଉପଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଖଣ୍ଡପଡ଼ା ଏସଡିପିଓ ମଦନମୋହନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଜନସାଧାରଣଙ୍କୁ ବୁଝାଇବା ସହ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ଦୁର୍ଘଟଣା ଘଟାଇଥିବା ମିନି ଯାତ୍ରୀବାହୀ ବସ ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଯୋଗିଆପଲ୍ଲୀ ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡ଼ିଛି।

## ଥାନାରୁ ଚମ୍ପଟ ମାରିଥିବା ୫ ଟ୍ରକ୍ ଜବତ

**ଟାଙ୍ଗୀ,୧।୮/ଏନ୍ଏନ୍ଏସ୍:** ବ୍ରହ୍ମପୁର ଆରଟିଓ ଓଭର୍‌ଲୋଡ୍ ଟ୍ରକ୍ ଜବତ୍ କରି ହୁମା ଥାନା ଜିମା ଦେଇଥିଲା। ମାତ୍ର ବିଳମ୍ବିତ ରାତିରେ ପୁଲିସକୁ ଚଖମା ଦେଇ ଟ୍ରକ୍ ଟି ଥାନାରୁ ଫେରାର ହୋଇଯାଇଥିଲା। ଏନେଇ ବ୍ରହ୍ମପୁର ଆରଟିଓ କଟକ ଆରଟିଓ ଙ୍କୁ ଜଣାଇବା ପରେ କଟକ ଆରଟିଓ ଟ୍ରକ୍‌କୁ ଟ୍ରାକ୍ କରି ମଙ୍ଗୁଳି ଛକରେ ଧରିବାରେ ସଫଳ ହୋଇଛି। ଏହି ଟ୍ରକ୍ ସହିତ ଅନ୍ୟ ୪ଟି ଟ୍ରକ୍‌କୁ ଟାଙ୍ଗୀ ପୁଲିସ ସହାୟତାରେ ଅଟକ ରଖିଛି। ଘଟଣା ସ୍ଥଳରୁ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛ। ଟ୍ରକ୍‌ରେ ମାଲ ବୋଝେଇ ହୋଇଥିବା ବେଳେ କଟକ ମାଇନିଙ୍ଗ ସାହାଯ୍ୟରେ ଗାଡ଼ିଗୁଡ଼ିକ ଯାଞ୍ଚ କରାଯିବ ବୋଲି କଟକ ଆରଟିଓ ଅଧିକାରୀ ବିରଞ୍ଚି ନାରାୟଣ ସୂଚନା ଦେଇଛନ୍ତି। ସବୁ ଗାଡ଼ିଗୁଡ଼ିକ ରାଜସ୍ଥାନ ଅଞ୍ଚଳର ବୋଲି ଜଣାପଡ଼ିଛି । ପୁଲିସ ସନ୍ଦେହରେ ଜଣେ ବ୍ୟକ୍ତିକୁ ଅଟକ ରଖିଥିବା ବେଳେ ଗାଡ଼ି ଆଗରେ ଏସ୍କର୍ଟ କରି ଆସିଥିବା ଏକ କାର୍‌କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## କଣ୍ଟିଲୋ ପଞ୍ଚାୟତକୁ ଆସିଲା ସ୍ୱଚ୍ଛ ଭାରତ ଅଳିଆ ସଫା ଗାଡ଼ି

**କଣ୍ଟିଲୋ,୧।୮/ଏନ୍ଏନ୍ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମକୁ ତ୍ୱରିତ ଓ ନିଶ୍ଚିତ କରିବା ପାଇଁ ନେଇଥିବା ପଦକ୍ଷେପ ଅନୁଯାୟୀ ବ୍ଲକ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ମୋଟର ଇଞ୍ଜିନ ବିଶିଷ୍ଟ ତିନି ଚକିଆ ସ୍ୱଚ୍ଛ ଭାରତ ଅଳିଆ ସଫା ଗାଡ଼ି ଯୋଗାଇ ଦେବା କାର୍ଯ୍ୟକ୍ରମ ଅନୁଯାୟୀ ଗତକାଲି କଣ୍ଟିଲୋ ପଞ୍ଚାୟତକୁ ସେହି ଗାଡି ଯୋଗାଇ ଥିବା ଖବର ହସ୍ତଗତ ହୋଇଛି। ସୂଚନା ଯୋଗ୍ୟ ଯେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ବହୁଦିନ ହେଲା ଏହି ଗାଡ଼ିଗୁଡ଼ିକ ଆସି ଥୁଆ ହୋଇଥିଲେ ହେଁ ବ୍ଲକ ଅଧିକାରୀ କୌଣସି ପଞ୍ଚାୟତକୁ ହସ୍ତାନ୍ତର କରିନଥିବାରୁ କଣ୍ଟିଲୋ ସରପଞ୍ଚ ଶ୍ରୀୟା ରାଣୀ ବେହେରା ଏ ସମ୍ପର୍କରେ ସ୍ୱର୍ ଉତ୍ତୋଳନ କରିବା ଫଳରେ କଣ୍ଟିଲୋ ପଞ୍ଚାୟତକୁ ସ୍ୱଚ୍ଛ ଭାରତ ଅଳିଆ ସଫା ଗାଡି ଆସି ଦୁଇ ଦିନ ହେଲା ପଞ୍ଚାୟତର ପ୍ରତ୍ୟେକ ୱାର୍ଡ ଓ ସାହି ବୁଲି ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ର ଅଳିଆ ସଫା କାର୍ଯ୍ୟରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଛି।

## ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

**କୋଣାର୍କ,୧।୮/ଏନ୍ଏନ୍ଏସ୍:** କୋଣାର୍କ ଥାନା ଅଧିନ କୋଣାର୍କ ଏନଏସି ୧୧ ନଂ ୱାର୍ଡ ନଳକଣ ଗ୍ରାମରେ ଜଣେ ଯୁବକ ରାତି ୯ଟାରେ ନିଜ ଘର ପଛ ପଟ ଜଙ୍ଗଲକୁ ଝାଡ଼ା ବସିବାକୁ ଯାଇଥିଲା ବେଳେ ଅଚାନକ ଏକ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। ଯୁବକ ଜଣକ ଗୁରୁତର ହୋଇ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ସୂଚନା ମୁତାବକ କୋଣାର୍କ ଏନ୍ଏସି ନଳକଣ ଗାଁର ତିଲୁଆ ଦାସ(୨୮) ନାମକ ଜଣେ ବ୍ୟକ୍ତି ଘର ପଛପଟ ଜଙ୍ଗଲକୁ ଝାଡା ଯାଇଥିବା ବେଳେ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଏକ ବାର୍‌ହା ଅଚାନକ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସେ ଚିତ୍କାର କରିବାରୁ ପରିବାର ଲୋକ ଦୌଡ଼ି ଯାଇ ତାଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ୪୦ରୁ ଉର୍ଦ୍ଧ୍ୱ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ଖୋର୍ଦ୍ଧା,୧।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରାଞ୍ଚଳସ୍ଥିତ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଔପନ୍ୟାସିକ ତଥା ପ୍ରାକ୍ତନ ଅଧ୍ୟକ୍ଷ ପଦ୍ମଜ ପାଳ ଉଦ୍‌ଘାଟକ, ପ୍ରାକ୍ତନ ଅଧ୍ୟକ୍ଷ ତଥା ଆମରି ସତ୍ୟ ପ୍ରତିଷ୍ଠାତା ଡ଼. ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟଅତିଥି, ପ୍ରାଣନାଥ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା, ବ୍ରହ୍ମପୁର ୟୁନିଭର୍ସିଟିର ପ୍ରାକ୍ତନ ରେଜିଷ୍ଟ୍ରାର ପ୍ରଫେସର ଡ଼.ନାରାୟଣ ରାଓ, ବିଶିଷ୍ଟ ଅତିଥି, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ଖୋର୍ଦ୍ଧାର ଅଧ୍ୟକ୍ଷ ଡ଼ଃ ତାପସ କୁମାର ନାୟକ ସମ୍ମାନିତ ଅତିଥି, କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ରାଜ୍ୟ ଅଗ୍ନିତେଜ ସଂଗଠନର ମହାସଚିବ ରମାକାନ୍ତ ମହାପାତ୍ର, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ଏବିଇଓ ତଥା ବ୍ଲକ ସମ୍ବଳ ଶିକ୍ଷକ ଅଧିକାରୀ ସଂଧ୍ୟାବତୀ ଲେଙ୍କା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଶତପଥି ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁକାନ୍ତ ପୃଷ୍ଟି ଅତିଥି ଭାବରେ ଯୋଗଦାନ କରିଥିଲେ।

ଆରମ୍ଭରେ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସାହୁ ସ୍ୱାଗତ ଭାଷଣ, ପ୍ରାକ୍ତନ ପ୍ରଧାନଶିକ୍ଷକ ଜବାହାର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ପଣ୍ଡିତ ରମାକାନ୍ତ ମିଶ୍ର, ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ, ବେଲେଶ୍ୱର ଯୁଝାରସିଂହ, ପ୍ରଫୁଲ୍ଲ ସମାନ୍ତରାୟ, ଡ଼ଃ ବୃନ୍ଦାବନ ପଣ୍ଡା, ଡ଼ଃ ଚପଳା ପଣ୍ଡା, ରଶ୍ମିତା ବେହେରା, କବୟିତ୍ରୀ ବିନତୀ ମିଶ୍ର, ଶିକ୍ଷକ ସତ୍ୟାନନ୍ଦ ବେହେରା, ଗୋପାଳ ତ୍ରିପାଠୀ, ବଦ୍ରି ନାରାୟଣ ରଥ, କାଶୀନାଥ ଦାସ, ବୈକୁଣ୍ଠନାଥ ରାଜଗୁରୁ, ନବ କିଶୋର ମହାପାତ୍ର, ପ୍ରହ୍ଲାଦ ବାରିକ, ସତ୍ୟବାନ ଶ୍ରୀଚନ୍ଦନ, କୁନିଲତା ସ୍ୱାଇଁ ,ନବ କିଶୋର ସେଠୀ, ପ୍ରଧାନ ଶିକ୍ଷକ ଭିକାରୀ ପୃଷ୍ଟି, ଆଡ଼ଭୋକେଟ୍ ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗଦାନ କରି ନିଜ ନିଜର ଅଭିମତ ରଖିଥିଲେ। ପୌରାଞ୍ଚଳ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସିଆର୍‌ସିସି ରେବତୀ ପଣ୍ଡା ଓ ରବିନାରାୟଣ ପଣ୍ଡା ଏହି ସଭାରେ ଯୋଗ ଦାନ କରିଥିଲେ। ବିଦ୍ୟାଳୟର ଅନେକ ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀମାନେ ଅନେକ ବୁଦ୍ଧିଜୀବୀ ପ୍ରଧାନ ଶିକ୍ଷକଙ୍କୁ ଅଶ୍ରୁଳ ବିଦାୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ହରିଚନ୍ଦନଙ୍କ ପାଇଁ ଏକ ସ୍ମରଣିକା 'ସ୍ମୃତିରେ ଅନେକ' ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟ ସଙ୍ଗୀତ ଗାନ ସହ ବରିଷ୍ଠ ଶିକ୍ଷୟିତ୍ରୀ ନମିତାରାଣୀ ରାୟସାମନ୍ତ ସମସ୍ତ ଅତିଥିମାନଙ୍କୁ ସେମାନଙ୍କ ଯୋଗଦାନ ପାଇଁ ଧନ୍ୟବାଦ୍ ଦେଇଥିଲେ।

## ହାତୀ କବଳରୁ ରକ୍ଷା ପାଇଲେ ଦୁଇ ଫରେଷ୍ଟ ଗାର୍ଡ

**ଓଡ଼ଗାଁ,୧।୮/ଏନ୍ଏନ୍ଏସ୍:** ନୟାଗଡ଼ ବନଖଣ୍ଡ ପଞ୍ଚିରିଡ଼ା ବନାଞ୍ଚଳ ଗୋଛା ଜଙ୍ଗଲରେ ଦୁଇ ଫରେଷ୍ଟଗାର୍ଡ଼ ହାତୀ କବଳରୁ ରକ୍ଷା ପାଇଛନ୍ତି। ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏବେ ଫରେଷ୍ଟର୍‌ଙ୍କ କାର୍ଯ୍ୟକୁ ନେଇ ଉଠିଛି ପ୍ରଶ୍ନ। ସୂଚନା ଅନୁଯାୟୀ ଶୁକ୍ରବାର ଦିନ ୧୨ଟାରେ ପଞ୍ଚିରିଡ଼ା ବନାଞ୍ଚଳ ଡ଼ମସାହି ଫରେଷ୍ଟ କାର୍ଯ୍ୟାଳୟ ଅଧିନରେ ଥିବା ତୁଲୁବି ଫରେଷ୍ଟଗାର୍ଡ଼ ପ୍ରଶାନ୍ତି ସାହୁ, ଗୋଡ଼ିପଡ଼ା ଫରେଷ୍ଟ ଗାର୍ଡ଼ ନୀଳମଣି ଦଳେଇ ଓ ପ୍ରୋଟେକ୍ସନ ସ୍କ୍ୱାର୍ଡ ମିଶି ହାତୀ ଘଉଡ଼େଇବାକୁ ଗୋଛା ଜଙ୍ଗଲକୁ ଯାଉଥିଲେ। ରାସ୍ତାରେ କର୍ମଚାରୀମାନେ ଯାଉଥିବା ସମୟରେ ଏକ ହାତୀପଲ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ। ଭୟରେ ବନ କର୍ମଚାରୀମାନେ ଜୀବନ ବଞ୍ଚାଇବାକୁ ଧାଇଁଥିଲେ। କିନ୍ତୁ ହାତୀ ଗୋଡ଼ାଇବା ସମୟରେ ଫରେଷ୍ଟ ଗାର୍ଡ ପ୍ରଶାନ୍ତି ସାହୁ ଓ ନୀଳମଣି ଦଳେଇଙ୍କୁ ହାତୀ ଚକଟି ଦେବାରୁ ଗୁରୁତର ଅବସ୍ଥାରେ ସେମାନଙ୍କୁ ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲୋକଙ୍କୁ ସୁରକ୍ଷାଦେବା ବନ କର୍ମଚାରୀଙ୍କ କାମ ହୋଇଥିବାରୁ ଆଜି ଫରେଷ୍ଟ ଗାର୍ଡ ଓ ପ୍ରୋଟେକ୍ସନ ସ୍କ୍ୱାର୍ଡ ମିଶି ଗୋଛା ଜଙ୍ଗଲକୁ ଯାଇଥିଲେ। ସେଠାରେ ହାତୀ ସହ ମୁହାଁମୁହିଁ ହେବାରୁ ଦୁଇଜଣ ଗାର୍ଡ଼ ଗୁରୁତର ଓ ୫ଜଣ ପ୍ରୋଟେକ୍ସନ ସ୍କ୍ୱାର୍ଡ ସାମାନ୍ୟ ଆହତ ଥିବା ପଞ୍ଚିରିଡ଼ା ବନାଞ୍ଚଳ ଅଧିକାରୀ ଚୂଡ଼ାମଣୀ ମୁର୍ମୁ ସୂଚନା ଦେଇଛନ୍ତି। ତେବେ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାବେଳେ ଫରେଷ୍ଟର ଲୋକମାନ ଅଲ୍ଲୀ ତାଙ୍କ ସହ ଯାଇନଥିଲେ।

## ପ୍ରଥମ ପୃଷ୍ଠାରୁ

### ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ...

୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩ ନାମକ ନୂତନ ଦଣ୍ଡ ସମ୍ବନ୍ଧୀୟ ଆଇନଗୁଡ଼ିକର ଘୋଷଣା ପରେ, ଓଡ଼ିଶା ଜିଲ୍ଲା ଏବଂ ସିଭିଲ୍ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ର ସଂଶୋଧନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ସଂଶୋଧନର ଉଦ୍ଦେଶ୍ୟ ହେଉଛି ଅଧୀନସ୍ଥ ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ାଇବା। ଏହି ପଦକ୍ଷେପ ଦ୍ୱାରା ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନ ଭାବରେ ଚାଲିପାରିବ ଏବଂ ଲୋକମାନେ ତ୍ୱରିତ ଭାବରେ ନ୍ୟାୟ ପାଇପାରିବେ।

ମୁଖ୍ୟଶାସନ ସଚିବ କହିଛନ୍ତି, ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ, ୧୯୭୧ର ସଂଶୋଧନ ହେବ। ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ମୁଖ୍ୟାଳୟ ଅଧୀନସ୍ଥ ଆଦାଲତଗୁଡ଼ିକର ମାମଲାଗୁଡ଼ିକରେ ପ୍ରତିନିଧିତ୍ୱ କରୁଥିବା ସରକାରୀ ଅଧିବକ୍ତାଙ୍କର ନିଯୁକ୍ତି, କାର୍ଯ୍ୟାବଳୀ ଓ ନିୟନ୍ତ୍ରଣ ସହିତ ସମ୍ପୃକ୍ତ। ଉକ୍ତ ନିୟମାବଳୀକୁ ସମୟୋପଯୋଗୀ ଭାବରେ ଆପେକ୍ଷିକ ଭାବେ ସଂଶୋଧନ କରାଯାଇଛି। ଶେଷ ସଂଶୋଧନ ସୂଚନା ସଂଖ୍ୟା ୩୬୩୧/ଏଲ ତାରିଖ ୧୩.୦୩.୨୦୨୪ ଅନୁଯାୟୀ ହୋଇଛି। ଓଡ଼ିଶା ରାଜ୍ୟ ପ୍ରୋସେକ୍ୟୁସନ୍ ସେବା (ଓଏସ୍‌ପିଏସ୍) କ୍ୟାଡର୍‌ରେ ସରକାରୀ ଅଧିବକ୍ତାମାନଙ୍କ ସଂଖ୍ୟା ଅପର୍ଯ୍ୟାପ୍ତ ଥିବା ପରିପ୍ରେକ୍ଷୀରେ, ମାମଲାଗୁଡ଼ିକର ଜଟିଳତା କମାଇ ଦ୍ରୁତ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ 'ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ-୧୯୭୧'ର ସଂଶୋଧନ ପ୍ରସ୍ତାବ ଉପରେ ଅନୁମୋଦନ ଲୋଡାଯାଇଛି। ଏହି ସଂଶୋଧନ ଆସିଲେ, ରାଜ୍ୟରେ ଜମା ଥିବା ମାମଲାଗୁଡିକର ଭାର କମିବା ସହ ଦ୍ରୁତ ଓ ନିରନ୍ତର ନ୍ୟାୟ ପ୍ରଦାନ ସୁନିଶ୍ଚିତ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି।

### ସଂଶୋଧିତ ହେବ ଓଡ଼ିଶା ...

ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଧ୍ୟକ୍ଷତାରେ ଡିଏଲ୍‌ସି (୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ), ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଏସ୍‌ଡିଏଲ୍‌ସି (୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ସି (୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଓ ଯନ୍ତ୍ରପାତିରେ ନିବେଶ)। ଏହା ଶିଳ୍ପ ପ୍ରୋତ୍ସାହନ ନୀତି ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପ୍ରଦାନ କରିବା ପାଇଁ ଥିବା ପ୍ରକ୍ରିୟାକୁ ସରଳ କରିବ। ଫଳରେ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ଆହୁଜା ପ୍ରକାଶ କରିଛନ୍ତି।

### ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ...

ରିଟର୍ଣ୍ଣିଂ ଅଧିକାରୀ ଅଛନ୍ତି। ଜୁଲାଇ ୨୫ ତାରିଖରେ ନିର୍ବାଚନ କମିଶନ୍ ପକ୍ଷରୁ ସେମାନଙ୍କୁ ନିଯୁକ୍ତ କରାଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ୨୧ ତାରିଖ ରାତିରେ ଜଗଦୀପ ଧନଖଡ଼ ଅଚାନକ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁଲାଇ ୨୨ ତାରିଖରେ ଏହାକୁ ମଞ୍ଜୁର କରିଥିଲେ। ଧନଖଡ଼ଙ୍କ କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ ତାରିଖରେ ଶେଷ ହେବାର ଥିଲା। ରିପୋର୍ଟ ଅନୁସାରେ କର୍ଣ୍ଣାଟକ ରାଜ୍ୟପାଳ ଥାବରଚନ୍ଦ ଗେହଲଟ୍ କିମ୍ବା ସିକ୍କିମ୍ ରାଜ୍ୟପାଳ ଓମ୍ ମାଥୁର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ପକ୍ଷରୁ ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇପାରନ୍ତି। ସେହିପରି ରାଜ୍ୟସଭାର ବର୍ତ୍ତମାନ ଉପସଭାପତି ହରିବଂଶ ନାରାୟଣ ସିଂହଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଅନ୍ୟପକ୍ଷରେ ଇଣ୍ଡିଆ ମେଣ୍ଟର ସମସ୍ତ ପାର୍ଟି ଜଣେ ମିଳିତ ପ୍ରାର୍ଥୀଙ୍କୁ ଛିଡ଼ା କରିବାର ସମ୍ଭାବନା ରହିଛି।

### 'ପୁଷ୍କରା'କୁ ଜାତୀୟ ଚଳଚ୍ଚିତ୍ର ...

ଖଣ୍ଡି ଦିନେ ପୁରୁଣା ହେବ' ରହିଥିଲା। ପୁରାତନ ଏ ଗୀତକୁ ଆଧୁନିକ ଓ ଯୁବ ଦର୍ଶକମାନେ ମଧ୍ୟ ବେଶ୍ ପସନ୍ଦ କରିଥିଲେ। ଅନ୍ୟପକ୍ଷରେ ବଲିଉଡ୍ କିଙ୍ଗ ଶାହରୁଖ ଖାନ୍ ଓ ବିକ୍ରାନ୍ତ ମାସେ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। 'ଯବାନ' ପାଇଁ ଶାହରୁଖ ଓ '12th ଫେଲ୍' ପାଇଁ ବିକ୍ରାନ୍ତଙ୍କୁ ଏହି ସଫଳତା ମିଳିଛି। ଉଭୟ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ବିଧୁ ବିନୋଦ ଚୋପ୍ରା ପ୍ରଯୋଜିତ '12th ଫେଲ୍' ଶ୍ରେଷ୍ଠ ଫିଚର୍ ଫିଲ୍ମର ମାନ୍ୟତା ପାଇଛି। ଆଇପିଏସ୍ ମନୋଜ ଶର୍ମାଙ୍କ ସଂଘର୍ଷମୟ ଯାତ୍ରାକୁ ନେଇ '12th ଫେଲ୍' ଫିଲ୍ମ ତିଆରି ହୋଇଥିଲା। ସେହିପରି 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଛି। 'ମିସେସ୍ ଚାଟାର୍ଜୀ VS ନରୱେ' ଫିଲ୍ମ ପାଇଁ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଁ ଚୟନ କରାଯାଇଛି।

## ଜଳିଗଲା ୧୦ ବଖରା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ସାକ୍ଷୀଗୋପାଳ,୧।୮/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ଘାଶିଭବାନିପୁର ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ୧୦ ପରିବାରର ୧୦ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ସତ୍ୟବାଦୀ ଅଗ୍ନିଶମ କେନ୍ଦ୍ରର ୨ଟି ଗାଡ଼ି ସହ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ୧୦ ପରିବାରର କୃଷ୍ଣଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ବିଶ୍ୱନାଥ ଜେନା, କୁମାରୀ ଜେନା, ଓକିଲ ଜେନା, ଜମ୍ବେଶ୍ୱର ଜେନା, ସହଦେବ ପ୍ରଧାନ, ବିଶ୍ୱନାଥ ଜେନା, ରବୀନ୍ଦ୍ର ଜେନାଙ୍କ ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଟଙ୍କା ଆଦି ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସରପଞ୍ଚ ଗୌରାଙ୍ଗ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସୁରେନ୍ଦ୍ର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ କୁମାର ମହାପାତ୍ର ଅନ୍ୟ ଅଧିକାରୀମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତି ଆକଳନ କରିଥିଲେ। ପ୍ରସାଶନ ପକ୍ଷରୁ କ୍ଷୟକ୍ଷତି ପରିବାରକୁ ପଲିଥିନ୍ ପ୍ରଦାନ କରାଯାଇଥିଲା। ଏଥିରେ ଆନୁମାନିକ ୩ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଆକାଂକ୍ଷା ହାଟ ଉଦ୍‌ଘାଟିତ

**ନୟାଗଡ଼,୧।୮/ଏନ୍ଏନ୍ଏସ୍:** ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଜିଲ୍ଲାସ୍ତରୀୟ ଆକାଂକ୍ଷା ହାଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଦଶପଲ୍ଲା ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ ଦାସ, ମଣ୍ଡଳ ଉନ୍ନୟନ ଅଧିକାରୀ ଦଶପଲ୍ଲା ଓ ଖଣ୍ଡପଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପରେ ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ ରଖିଥିଲେ ।୨୦୨୩ ମସିହାରୁ ଦେଶରେ ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ ଆକାଂକ୍ଷା ବ୍ଲକ ଭାବେ ବଛାଯାଇଛି। ଦଶପଲ୍ଲା ବ୍ଲକରେ ବହୁତ କିଛି ଉନ୍ନତିକର କାର୍ଯ୍ୟକ୍ରମ ବାକି ରହିଛି। ଏବେ ମୁଖ୍ୟମନ୍ତ୍ରୀ ଦଶପଲ୍ଲା ବ୍ଲକକୁ ସମ୍ମାନିତ କରିବାକୁ ଯାଇ ଆମର ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ସେଥିପାଇଁ ପୁରସ୍କୃତ କରାଯାଇଥିଲା। ସେହି କ୍ଷେତ୍ରରେ ମହିଳାମାନଙ୍କ ଶ୍ରେୟ ଓ ମାଆମାନଙ୍କ ଅବଦାନ ରହିଛି। ସେଥିପାଇଁ ବିଧାୟକ ଆମ ଜିଲ୍ଲାର ଯେ କୌଣସି ଉତ୍ପାଦକୁ ବ୍ରାଣ୍ଡେଡ୍ କରିବାକୁ ଅନୁରୋଧ କରିଥିଲେ। ଯାହାକି ଦଶପଲ୍ଲାର ଜୋତା, ମହୁ ଏବଂ ନୟାଗଡ଼ର ଛେନାପୋଡ଼ ଇତ୍ୟାଦିରେ ବ୍ରାଣ୍ଡ୍ ବା ଟ୍ୟାଗ୍ ଲଗାଯାଇପାରିଲେ ଏହି ବାର୍ତ୍ତା ଦିଲ୍ଲୀରେ ପହଞ୍ଚିପାରିବ। କୃଷି / ଅଙ୍ଗନବାଡ଼ି / ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ବହୁତ ଉନ୍ନତି ହୋଇପାରିଛି। ଏସ.ଏସ.ଜି.ମାନଙ୍କ ରିଭଲଭିଂ ଫଣ୍ଡ୍ ୧୫ହଜାରରୁ ୩୦ ହଜାରକୁ ବୃଦ୍ଧି ପାଇଛି। ମାଆମାନଙ୍କ ପାଇଁ ସାରା ଦେଶରେ ସୁଭଦ୍ରା ଯୋଜନାରେ ନୟାଗଡ଼ ଜିଲ୍ଲା ଏକ ନମ୍ବର ରହି ପୁରସ୍କୃତ ଲାଭ କରିଛି। ମାଆମାନେ ସାମାଜିକ ବିପ୍ଳବରେ ଆଗକୁ ବାହାରି କାର୍ଯ୍ୟକ୍ରମକୁ ଆଗକୁ ନେଉଛନ୍ତି। ବାଚସ୍ପତି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଭୋକାଲ ଫଳ ଲୋକାଲ ବାଖ୍ୟା କରିବାକୁ ଯାଇ କହିଲେ ଯେ, ନିଜ ଅଞ୍ଚଳର ଉତ୍ପାଦନ ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରିତ କରିବାର ଅଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷିକ୍ଷେତ୍ରରେ ଉନ୍ନତି କରିବା ସେଥିପାଇଁ ବହୁ ଭାଗୀ ସହଯୋଗିତା, ପ୍ରତିଯୋଗିତା ମୂଳକ ବାତାବରଣ ସୃଷ୍ଟି ହେବା ଦରକାର। ବିଧାୟକ ଆମ ଜିଲ୍ଲା ଜିନିଷକୁ ଟ୍ୟାଗ୍ ବ୍ରାଣ୍ଡେଡ୍ କରି ପାରିଲେ ବାହାରେ ଅର୍ଥାତ୍ ଦିଲ୍ଲୀରେ ପରିଚିତ ହୋଇପାରନ୍ତା ବୋଲି କହିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ବିଭାଗ, ବ୍ଲକସ୍ତରୀୟ କର୍ମଚାରୀ, ଜିଲ୍ଲାସ୍ତରୀୟ କର୍ମଚାରୀ କୃଷି, ଖାଦ୍ୟ, ସାମାଜିକ ଉନ୍ନତି କ୍ଷେତ୍ରରେ ମୋଟ ୪୫୦ଜଣଙ୍କୁ ସାର୍ଟିଫିକେଟ୍ ଓ ମେଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ ଯୋଜନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ, ବ୍ଲକ କର୍ମଚାରୀମାନେ ଯୋଗଦାନ କରିଥିଲେ।

## ଗୋସେବାରେ ସମର୍ପିତ 'ଶ୍ରୀସୀତାରାମ ଗୋଶାଳା'

# ଦୁର୍ଘଟଣାଗ୍ରସ୍ତ ଗାଈଗୋରୁଙ୍କୁ ଦେଉଛି ନୂଆ ଜୀବନ

**ବାଣପୁର,୧।୮/ଏନ୍ଏନ୍ଏସ୍:** ବାଲୁଗାଁ ଗାନ୍ଧୀଛକଠାରୁ ବାଣପୁର ନରେନ୍ଦ୍ରପୁର ଓ ଆଙ୍କୁଲାପଦର ଦେଇ ଯାଇଥିବା ରାସ୍ତାରେ ପ୍ରତିଦିନ ଗାଈଗୋରୁମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। କେତେବେଳେ ମଣିଷ ଆହତ ହେଉଛି ତ ପୁଣି କେତେବେଳେ ଗାଈ, ବାଛୁରୀ, ବଳଦ ଓ ଷଣ୍ଢ। ମଣିଷ ଆହତ ହେଲେ ସ୍ଥାନୀୟ ଲୋକଙ୍କ ସହାୟତାରେ ଡାକ୍ତରଖାନାରେ ପହଞ୍ଚିପାରୁଛି। ହେଲେ ନିରୀହ ଗାଈଗୋରୁ ଦୁର୍ଘଟଣାର ଶିକାର ହେଲେ ସେମାନଙ୍କ ଚିକିତ୍ସା କରିବାକୁ କେହି ଦୃଷ୍ଟି ଦିଅନ୍ତି ନାହିଁ। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ଲାଗି ଅଣ୍ଟା ଭିଡ଼ିଛି ସାନହନ୍ତୁଆଡ଼ ସ୍ଥିତ 'ଶ୍ରୀସୀତାରାମ ଗୋଶାଳା'। ନିଜସ୍ୱ ପ୍ରଚେଷ୍ଟାରେ ଦୀର୍ଘ ୮ ବର୍ଷ ହେଲା ଏହି ଅନୁଷ୍ଠାନ ଆହତ ଓ ଅସହାୟ ଗାଈଗୋରୁଙ୍କୁ ସହାୟତା ଯୋଗାଇଆସୁଛି।

ପ୍ରକାଶ ଯେ ବାଲୁଗାଁ ଏବଂ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଏହାର ଆଖପାଖରେ ଅବସ୍ଥିତ ପଞ୍ଚାୟତଗୁଡ଼ିକ ଦେଇ ଯାଇଥିବା ବିଭିନ୍ନ ରାସ୍ତା ଉପରେ ସବୁଦିନ ଗାଈ, ବାଛୁରୀ, ବଳଦ ଓ ଷଣ୍ଢ ଚରାବୁଲା କରନ୍ତି। ଏଥିଯୋଗୁଁ ପ୍ରାୟ ଅଧିକାଂଶ ଦିନ ବିଭିନ୍ନ ଯାନବାହନରେ ଚଳାଚଳ କରୁଥିବା ଲୋକମାନେ ଦୁର୍ଘଟଣାର ଶିକାର ହୋଇଥାଆନ୍ତି। ଗତ ବୁଧବାର ସାନହନ୍ତୁଆଡ଼






ୟୁପି ସ୍କୁଲଠାରେ ଏକ ବାଇକ୍ ଧକ୍କାରେ ଏକ ବଳଦର ଖୁରା ବାହାରିପଡ଼ିଥିବାବେଳେ ଗତ ମଙ୍ଗଳବାର ବରଡ଼ି ଛକଠାରେ ଏକ ବାଛୁରୀ ଟ୍ରକ ସାମ୍ନାକୁ ଚାଲିଆସିବାରୁ ଆହତ ହୋଇଥିଲା। ଏହି ଗୋରୁ ଦୁଇଟିକୁ ଶ୍ରୀସୀତାରାମ ଗୋଶାଳା ପକ୍ଷରୁ ଉଦ୍ଧାର କରାଯାଇ ଚିକିତ୍ସା ଜାରି ରହିଛି। ବିଭିନ୍ନ ସମୟରେ ଏହି ଗୋଶାଳା ପକ୍ଷରୁ ଆହତ ଗୋରୁଙ୍କୁ ଉଦ୍ଧାର କରାଯାଇ ଯତ୍ନ ନିଆଯାଉଛି।

ଭାରତୀୟ ସଂସ୍କୃତିରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଏ। ଗୋମାତାଙ୍କ ଶରୀରରେ ୩୩ କୋଟି ଦେବାଦେବୀ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ମାତ୍ର ସ୍ଥାନୀୟ ଅଞ୍ଚଳରେ ଗୋ-ସମ୍ପଦ ପ୍ରତି ସଚେତନତା ସୃଷ୍ଟି କରାଯାଉନଥିବାରୁ ଲୋକମାନେ ନିଜ ଘରେ ଗାଈଗୋରୁ ପାଳିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେଉଁମାନେ ଗାଈଗୋରୁ ରଖିଛନ୍ତି ସେମାନେ ଗାଈଠାରୁ ଖିର ପାଇବା ପରେ ବାହାରେ ଛାଡ଼ିଦେଉଛନ୍ତି। ଆଉ କେତେକ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ଛାଡ଼ିଦେଉଛନ୍ତି। ଫଳରେ ଅସହାୟ ଗୋରୁପଲ ହିଂସ୍ରଜନ୍ତୁଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏହାର ସୁଯୋଗ ନେଇ ଗୋ-ଚାଲାଣକାରୀମାନେ ଗୋରୁଗୁଡ଼ିକୁ ବିଭିନ୍ନ ସ୍ଥାନରୁ ସଂଗ୍ରହ କରି ବାହାରକୁ ଚାଲାଣ କରୁଛନ୍ତି। ଅପର ପକ୍ଷରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବୁଲା ଗାଈଗୋରୁଙ୍କ ଲାଗି ଚାରଣଭୂମି ତଥା ଅନ୍ୟ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ସେମାନେ ରାସ୍ତାରେ ବୁଲୁଛନ୍ତି। ଏଭଳି ପରିସ୍ଥିତିରେ ଅସହାୟ ଗାଈଗୋରୁଙ୍କୁ ସୁରକ୍ଷା ଓ ଆଶ୍ରୟ ଦେବା ଲାଗି ଆଗେଇ ଆସିଛି 'ଶ୍ରୀସୀତାରାମ ଗୋଶାଳା'।

ସୂଚନା ଥାଉ କି ୨୦୦୭ ମସିହାରେ ସାନହନ୍ତୁଆଡ଼ ଗ୍ରାମରେ ଗଢ଼ିଉଠିଥିଲା 'ଶ୍ରୀରାମଚରିତ ମାନସ ସଂକୀର୍ତ୍ତନମଣ୍ଡଳ'। ଏହି ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ ଗ୍ରାମରେ ଆଧାତ୍ମିକ କାର୍ଯ୍ୟକ୍ରମ କରିଆସୁଛି। ଅରୂପ କୁମାର ରାଉଳ, ଶଙ୍କର ବରାଳ, ଦୀପକ ସାମନ୍ତରାୟ, ଯଶୋବନ୍ତ ସୁନ୍ଦରାୟ, ଶଙ୍କର ସାମନ୍ତରାୟ, ଅର୍ଜୁନ ରଣସିଂହ, ଗୌରାଙ୍ଗ ବରାଳ ଓ ଆଶିଷ ପତିଙ୍କ ସମେତ ଅନ୍ୟମାନେ ଅଞ୍ଚଳରେ ଭଗବାନ ଶ୍ରୀରାମଙ୍କ କଥା ପ୍ରଚାର ପ୍ରସାର କରିଆସୁଛନ୍ତି। ଦୀର୍ଘ ୮ ବର୍ଷ ତଳେ ଏହି ଅନୁଷ୍ଠାନ ଅଧିନରେ ଗଢ଼ିଉଠିଛି 'ଶ୍ରୀସୀତାରାମ ଗୋଶାଳା'। ଏ ସମ୍ପର୍କରେ ଏହାର ସଭାପତି ପବିତ୍ର କୁମାର ସ୍ୱାଇଁ କହିଛନ୍ତି ଯେ ଅସହାୟ ଓ ଦୁର୍ଘଟଣାଗ୍ରସ୍ତ ଗାଈଗୋରୁଙ୍କୁ ସୁରକ୍ଷା ଓ ଆଶ୍ରୟ ଦେବା ଲାଗି ଭଜନ ଏବଂ ସଂକୀର୍ତ୍ତନରୁ ମିଳିଥିବା ଅର୍ଥରେ ୬୧୨ ଡେସିମିଲ ପରିମିତ ଜମି କିଣାଯାଇଛି। ସେଠାରେ ୧୦୦ଗାଈଗୋରୁଙ୍କୁ ଆଶ୍ରୟ ଦେବା ପାଇଁ ବ୍ୟବସ୍ଥା ହୋଇଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ଗାଈଗୋରୁଙ୍କ ଯତ୍ନ, ଦୈନନ୍ଦିନ ଖାଦ୍ୟ, ଚିକିତ୍ସା ଲାଗି ଅର୍ଥର ଆବଶ୍ୟକତା ରହିଛି। ଏଥିପାଇଁ ଗୋଶାଳା ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯିବା ଲାଗି ସ୍ଥାନୀୟ ବାଣପୁର ତହସିଲଦାରଙ୍କୁ ଅନୁରୋଧ କରାଯାଇଛି। ତହସିଲଦାର ଏଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗୋଶାଳାର ସଭାପତି ପବିତ୍ର କୁମାର ସ୍ୱାଇଁ, ଉପସଭାପତି ମହେନ୍ଦ୍ର ପତି, ସମ୍ପାଦକ ଯୋଗେନ୍ଦ୍ରନାଥ ଜେନା, ସହ-ସମ୍ପାଦକ ରିଙ୍କୁ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଧାକର ସାହୁ, ସହ-କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ବାରିକି ଓ ଅନ୍ୟମାନେ ବହୁ କଷ୍ଟରେ ଅସହାୟ ଗାଈଗୋରୁଙ୍କୁ ସହାୟତା ଯୋଗାଇ ଆସୁଥିବାବେଳେ ବିଭିନ୍ନ ସମୟରେ ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏହା ସତ୍ତ୍ୱେ ସେମାନେ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି। ଶ୍ରୀସୀତାରାମ ଗୋଶାଳାର ଉନ୍ନତି ଲାଗି ସରକାରୀ ସହାୟତା ଯୋଗାଇଦେବାକୁ ଏହାର କର୍ମକର୍ତ୍ତା ଓ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।





ଆପଣ ମୋତେ ଜଞ୍ଜିରରେ ବାନ୍ଧି ପାରନ୍ତି, ଯାତନା ଦେଇ ପାରନ୍ତି, ଏପରିକି ଆପଣ ମୋର ଶରୀରକୁ ନଷ୍ଟ କରି ପାରନ୍ତି, କିନ୍ତୁ ଆପଣ କେବେ ମଧ୍ୟ ମୋର ବିଚାରଗୁଡ଼ିକୁ ବନ୍ଦୀ କରିପାରିବେ ନାହିଁ। - ଗାନ୍ଧୀ ବାଣୀ



## ଆମ ଗର୍ବ, ଆମ ଗୌରବ



### ଶ୍ରୀମତୀ ମନୋରମା ମିଶ୍ର

**ଜନ୍ମ ତାରିଖ:** ୧୩ ମାର୍ଚ୍ଚ ୧୯୫୬
**ଜନ୍ମସ୍ଥାନ:** ରାୟଚକ୍ରଧରପୁର, ସାକ୍ଷୀଗୋପାଳ, ଜି: ପୁରୀ
**ବର୍ତ୍ତମାନ ଠିକଣା:** ଏସ୍-୩, ୨୬୬/୨୬୭, ନୀଳାଦ୍ରିବିହାର, ଭୁବନେଶ୍ୱର-୨୧
**ମୋ:** ୮୬୩୭୨୧୩୦୨୦

**ରାଜ୍ୟର ଜଣେ ପ୍ରତିଷ୍ଠିତ ଶିଶୁସାହିତ୍ୟିକ। ଗୀତି କବିତା ଓ ବ୍ୟଙ୍ଗ କବିତା ରଚନା କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଅର୍ଜନ କରିଛନ୍ତି। ସୁମନ ଅମନ ଖେଳୁଛନ୍ତି, ଗୀତ ଗାଇଜରେ ସୁମନ ଅମନ, କାକର ଟୋପା ଆଦି ୯ଟି ପୁସ୍ତକ ପ୍ରକାଶିତ। ଏକାମ୍ର ଶିଶୁ ସାହିତ୍ୟ ସଂସଦ ସମ୍ମାନ, ଝୁମୁକା ସାରସ୍ୱତ ସମ୍ମାନ, ସପ୍ତକ ସାହିତ୍ୟ ସମ୍ମାନ, ସରଗଶଶୀ ଶିଶୁ ସାହିତ୍ୟ ସମ୍ମାନ ଆଦି ପୁରସ୍କାରରେ ସମ୍ମାନିତ।**

**ଆମ ପ୍ରଶ୍ନ:** ଓଡ଼ିଆ ଶିଶୁସାହିତ୍ୟରେ କିଛି ଅଭାବ ଅନୁଭବ କରୁଛନ୍ତି କି ?

**ଆପଣଙ୍କ ଉତ୍ତର:** ସାହିତ୍ୟ ସର୍ଜନା ଏକ ସାଧନା। ବିଶେଷକରି ଶିଶୁସାହିତ୍ୟ ରଚନା। ଆଜିକାଲି ଅନେକ ଶିଶୁସାହିତ୍ୟିକ ବାହାରିଲେଣି। ଅନେକ ଶିଶୁ ଲେଖା ପ୍ରକାଶିତ ହେଉଛି। କିନ୍ତୁ ଯୁଗଉପଯୋଗୀ ଲେଖାର ସଂଖ୍ୟା ସ୍ୱଳ୍ପ, ଆଜିକାଲିର ପିଲାମାନଙ୍କର ସର୍ବଦା କମ୍ପ୍ୟୁଟର ଓ ମୋବାଇଲ ଫୋନ୍‌ରେ କାରବାର। ଆମର ଅନେକ ପ୍ରଥା, ପରମ୍ପରା ଏମିତିକି କିଛି ବି ତାଙ୍କ ପାଇଁ ପୁରୁଣା ହୋଇଗଲାଣି। ବିଜ୍ଞାନକୁ ସେମାନେ ଆପଣେଇ ବେଶ୍ କାମରେ ଲଗାଇଲେଣି। ତେଣୁ ତାଙ୍କ ପାଇଁ ଗଳ୍ପ କବିତା ସବୁ ନୂତନ ଚିନ୍ତାଧାରା ଓ ନୂତନ ନାମକରଣ ନେଇ ସୃଷ୍ଟି ହେଲେ ସେମାନେ ହୁଏତ ଆକୃଷ୍ଟ ହୁଅନ୍ତେ। ଆହୁରି ମଧ୍ୟ ପ୍ରାୟ କବିତାରେ ପଦଗୁଡ଼ିକରେ ଅକ୍ଷର ସଜ୍ଜା ଠିକ୍ ରହୁନି। ତେଣୁ ସେଗୁଡ଼ିକ ସୁଖପାଠ୍ୟ ହୋଇପାରୁନି। ଗଳ୍ପମାନଙ୍କରେ ପ୍ରାୟ ଯୁକ୍ତିଯୁକ୍ତତା ରହୁନି। ଶିକ୍ଷଣୀୟ ବାର୍ତ୍ତାର ଅଭାବ ବି ରହୁଛି। କିଛି କ୍ଲିଷ୍ଟ ଶବ୍ଦ ରହିଯାଉଛି। ତେଣୁ ସରଳ, ସାବଲୀଳ ହେଉନି। ସେଇ ଚିରାଚରିତ ବିଷୟକୁ ନେଇ ଲେଖାମାନ ଆସୁଛି। ବିଜ୍ଞାନଭିତ୍ତିକ ଲେଖା ମଧ୍ୟ କମ୍ ଲେଖାଯାଉଛି। ବର୍ତ୍ତମାନର ଲେଖାରେ କାହିଁ ମନୋରଞ୍ଜନର ଭାଷା ପ୍ରାୟ କମି ଯାଉଛି ଏବଂ କମିଯାଉଛି ଶିକ୍ଷଣୀୟ ଓ ସକାରାତ୍ମକ ଆଭିମୁଖ୍ୟ। ଶେଷରେ ଏତିକି, ଆମ ଭୁଲ୍‌କୁ ଆମେ ସୁଧାରିବା। ଅନ୍ୟ କେହି ଆମ ଅଭାବକୁ, ଆମ ଲେଖାର ଭୁଲକୁ ଦର୍ଶେଇଦେଲେ ତାହା ସାଦରେ ଗ୍ରହଣ କରିବା।

## ଥାଆନ୍ତା ଯଦି

ଘର ପରିକା ଡବାଟେ ଥିଲେ
ସବୁ ସେଥିରେ ରଖନ୍ତି,
ଆକାଶ ପରି ଆଖି ମୋ ଥିଲେ
ସାରା ଦୁନିଆଁ ଦେଖନ୍ତି।
ଅଗଣା ପରି ଖଟଟେ ଥିଲେ
ଗଡ଼ି ଗଡ଼ି ମୁଁ ଶୁଅନ୍ତି,
ପୋଖରୀ ପରି କୁଣ୍ଡଟେ ଥିଲେ
ଯାହା ପାରନ୍ତି ଧୁଅନ୍ତି।
ଘର ଆଗରେ ବାରଣ୍ଡା ଆମ
ଦାଣ୍ଡ ପରିକା ହୁଅନ୍ତା,
ଖରା ବରଷା ପଡୁ ଥାଆନ୍ତା
ଜହ୍ନ ଆଲୁଅ ଛୁଅଁନ୍ତା।
ଘରେ ନରହି ବୁଲୁ ଥାଆନ୍ତି
ସାଙ୍ଗସାଥୀଙ୍କ ମେଳରେ,
ମନ ମଉଜେ ସମୟ ଖାଲି
କାଟୁଥାଆନ୍ତି ଖେଳରେ।
ଟି' ବରଷ ପରୀକ୍ଷା ଦେଇ
କ୍ଲାସ୍ ଉଠିଯାଆନ୍ତି,
ଗାଳି ନଖାଇ ସଭିଙ୍କଠାରୁ
ଆଦର ଖାଲି ପାଆନ୍ତି।
ବାପା ଆମର ହୋଇଯାଆନ୍ତେ
ଜଗତନାଥ ଯେପରି,
ଦେଖନ୍ତେ ସବୁ ନକହି କିଛି
ବଡ଼ପଣରେ ସେପରି।
ଦେବୀଙ୍କ ପରି ମାଆ ଆମର
ଥାଆନ୍ତେ ସଦା ଆଗରେ,
ଯେଉଁଠି ଯାହା କରିଲେ ଦୋଷ
ସାହା ହୁଅନ୍ତେ ବାଗରେ।




## ଛେଳି ଛୁଆର ଜିଦ୍ ରହିଲା



ଦୁର୍ଗାବତୀ ପ୍ରଧାନ

ଛେଳି ଛୁଆଟିଏ ବିକଳ ହୋଇ ମାଆ ମୁହଁକୁ ଅନାଇ ରହିଛି। ମାଆ ତାର କାନ୍ଦୁଛି। ସେ କିଛି ଜାଣିପାରୁ ନାହିଁ ଯେ ମାଆ କାହିଁକି କାନ୍ଦୁଛି। ମାଆକୁ ପଚାରିଲା- ମାଆ, ତୁ କାହିଁକି କାନ୍ଦୁଛୁ ? ମାଆଟି କିଛି ନ କହି ଛେଳିଛୁଆଟିକୁ ଚୁମା ପରେ ଚୁମା ଦେଇ କେତେ ଗେଲ କଲା। ଛେଳିଛୁଆଟି କହିଲା- କିଛି ଖାଉନୁ, କିଛି ପିଉନୁ। ମୋର ଆଉ କିଏ ଅଛି ମାଆ! ଏହା କହି ମାଆର ଲୁହ ପୋଛିଦେଲା। ମାଆ ଛେଳି ତାକୁ ନେଇ କୋଳରେ ବସାଇଲା ଓ କହିଲା- କିଛି ନାଇଁ ଲୋ ମା', ଏମିତି କାନ୍ଦି ଦେଉଥିଲି। ଛେଳିଛୁଆ କହିଲା- ନା, ମା' ତୁ ମୋତେ କିଛି ଲୁଚାଉଛୁ। କହ ମା' ମୋତେ ସତ କହ। ଆଖିରୁ ଲୁହପୋଛି ମାଆ କହିଲା- ଧନ ମୋର, ତୋରି କଥା ଭାବି ଭାବି ମୋତେ କାନ୍ଦ ଲାଗୁଛି। ତୁ ମୋର ଏକୋଇର ବଳା ବିଶିକେସନ। ମୁଁ ମରିଗଲେ ତୁ କ'ଣ କରିବୁ ? କେମିତି ରହିବୁ ? ସେଇ କଥା ଭାବୁଛି।



ଛେଳିଛୁଆ କହିଲା- ତୁ ଏମିତି କାହିଁକି ଭାବୁଛୁ ? ଆମେ ଏକାଠି ରହିବା, ଏକାଠି ଖାଇବା। ତୁ ମୋତେ କୋଳରେ ବସାଇ ଖୁଆଇ ଦେବୁ। ମାଆ ଛେଳି କହିଲା- କାଲି କଂସେଇ ଆସିଥିଲା। ଆମ ମାଲିକ ମୋତେ ବିକିଦେବ ବୋଲି କହିଛି। ଖାଲି ମୋତେ ନୁହେଁ, ଆଉ କେତେଜଣଙ୍କୁ ମଧ୍ୟ ବିକିଦେବ। କଂସେଇ ଆମକୁ ମାରି ଆମ ମାଂସ ବିକିଦେବ। ଛେଳିଛୁଆ କହିଲା- ମାଆ, ତୁମେ ବ୍ୟସ୍ତ ହୁଅନ୍ତି। ଏହା କହି ସେ ମାଲିକ ପାଖକୁ ଗଲା। ମାଲିକ ଛେଳିଛୁଆକୁ ଦେଖିକରି କହିଲା- କିରେ, ମୋ ପାଖକୁ କାହିଁକି ଆସିଛୁ ? ଛେଳିଛୁଆ କହିଲା- ତମେ ମୋ ମାଆକୁ କାହିଁକି କଂସେଇକୁ ବିକିଦେବ ? ମୁଁ ଏହା ଜମା ହେବାକୁ ଦେବିନାହିଁ। ଛୁଆଟି ପ୍ରତିବାଦ କରିବା ଦେଖି ମାଲିକ ତାକୁ ଛାଟରେ ପିଟିଲା। ତା ପିଠିରେ ନୋଳା ପଡ଼ିଯାଇଥାଏ। ରକ୍ତ ବହୁଥାଏ।

ସେ ଦୌଡ଼ି ଦୌଡ଼ି ଯାଇ ରାଜାଙ୍କ ପାଖରେ ପହଞ୍ଚିଲା। ଛେଳିଛୁଆର ଏ ଅବସ୍ଥା ଦେଖି ରାଜା ରକ୍ତ ପୋଛିଦେଇ ଔଷଧ ଲଗାଇଦେଲେ। ପଚାରିଲେ- କ'ଣ ହେଲା କିରେ ? ଛେଳିଛୁଆଟି କହିଲା- ହେ ରାଜା, ଆପଣତ ଦୟାବାନ ଓ ନ୍ୟାୟବନ୍ତ। କାଲି ସକାଳୁ ଆମ ମାଲିକ ମୋ ମାଆକୁ କଂସେଇକୁ ବିକିଦେବ। ମାଆ ବିନା ମୁଁ କେମିତି ରହିବି ? ଆପଣ ବିଚାର କରନ୍ତୁ। ଶିବି ରାଜା ପାରାଟିକୁ ରକ୍ଷା କରିବା ପାଇଁ ନିଜ ଦେହରୁ ମାଂସ କାଟି ଦେଇଥିଲେ। ମୋ ମାଆକୁ ରକ୍ଷା କରନ୍ତୁ। ଛେଳିଛୁଆଟିର କଥାରେ ରାଜାଙ୍କ ହୃଦୟ ତରଳିଗଲା। ସେ ତୁରନ୍ତ ମାଲିକକୁ ଡକାଇ ତା'ର ମାଆକୁ କଂସେଇକୁ ନ ଦେବା ପାଇଁ ଆଦେଶ ଦେଲେ। ଛେଳିଛୁଆ ଓ ମାଆ ଖୁସିରେ ରହିଲେ।

**ସର୍ବୋଦୟନଗର, ପୁରୀ-୨, ମୋ: ୯୮୬୧୨୫୩୦୬୯**

## ଟଙ୍କା



ଅମ୍ବିକା ବିଶ୍ୱାଳ



ଯାଉଥିଲି ଦିନେ ବାଟରେ
ଭେଟିଲି ଟଙ୍କାକୁ ହାଟରେ।
ପଚାରି ଦେଲି ମୁଁ ତାହାରେ
ଦେହକୁ ଥରେ ତୋ ଚାହାଁରେ।
କାଗଜ ଖଣ୍ଡିଏ ମାତର
ଦେଖାଉଛୁ ଏଡ଼େ ଚାତର !
ଟଙ୍କାଟି ମୁରୁକି ହସିଲା
କଥାଟି ତା' କହି ବସିଲା।
ସତ ତୁମେ ଯାହା କହିଲ
ପରାଣଟା ମୋର ଦହିଲ।
କାହା ହାତ କେବେ ଛାଡ଼ିନି
ଅଳିଆ ଝୁଡ଼ିରେ ପଡ଼ିନି।
ଚାବିକାଠି ମୁଇଁ ଅସଲ
ସବୁରି ଲୋକର ଫସଲ।
ଏଇ ବିଚାର ମୋ ମନରେ
ଲୋଡୁଥାଏ ସଦା ଜନରେ।
**୮୧, ଗରବାଟିଆ ହାଉସିଂବୋର୍ଡ଼, କଟକ**
**ମୋ: ୭୦୦୮୭୦୮୩୪୨**

## ଚେର ପୋଲ



ପ୍ରାୟ ପ୍ରତି ଗଛର ଚେରଥାଏ। କିନ୍ତୁ ବରଗଛ ବା ଲୁଣା ଜଙ୍ଗଲରେ ଦେଖାଯାଉଥିବା କେତେକ ନିର୍ଦ୍ଦିଷ୍ଟ ଜାତିର ଗଛର ଚେର ମୋଟା। ଏହି ଶ୍ରେଣୀର ଅନ୍ୟ କେତେକ ଗଛ ମଧ୍ୟ ବିଭିନ୍ନ ଜଙ୍ଗଲରେ ଦେଖାଯାଏ। କିନ୍ତୁ ମେଘାଳୟର କେତେକ ପାହାଡ଼ିଆ ଅଞ୍ଚଳ ବା ଜଙ୍ଗଲରେ ଏପ୍ରକାର ଗଛର ଚେରକୁ ବଢ଼ାଇ ଲୋକମାନେ ଛୋଟ ନଈ, ନାଳ, ଝରଣା ଉପରେ ପୋଲ ତିଆରି କରନ୍ତି। କୂଳ ପାଖରେ ବରଗଛ ଜାତୀୟ କେତେକ ଗଛର ଓହଳ ବା ମୂଳରେ ମାଟି ଉପରେ ବଢୁଥିବା ଚେରକୁ ସେମାନେ ନଦୀ, ନାଳ ବା ଝରଣା ଉପରକୁ ମଡ଼ାଇ ଏଭଳି ପୋଲର ମୂଳଦୁଆ ପକାନ୍ତି। ସେମାନେ ପ୍ରଥମେ ନଦୀ, ନାଳର ଗୋଟିଏ ମୁଣ୍ଡରୁ ଆର ମୁଣ୍ଡ ପର୍ଯ୍ୟନ୍ତ ଲମ୍ବା ବାଉଁଶ ବା ସରୁ କାଠ ପକାଇ ତା ଉପରେ ସେହି ଚେର ମଡ଼ାଇ ଦିଅନ୍ତି। ଫଳରେ ସେଗୁଡ଼ିକ ବର୍ଷେ ଦୁଇ ବର୍ଷ ମଧ୍ୟରେ ମୋଟା ହେବା ସହ ଶକ୍ତ ହୋଇଯାଏ। ସେତେବେଳକୁ ତା' ତଳେ ଦିଆଯାଇଥିବା କାଠ ବା ବାଉଁଶ ପୋପରା ହୋଇ ଖସି ପଡ଼ିଥାଏ। ଫଳରେ ଲୋକମାନେ ସେହି ମୋଟା ଚେର ଉପର ଦେଇ ନଦୀ ନାଳର ଗୋଟିଏ ପଟରୁ ଆର ପଟକୁ ଯାଆନ୍ତି। ତାହା ଦୀର୍ଘ ଦିନ ପର୍ଯ୍ୟନ୍ତ ଠିକ୍ ପୋଲ ଭଳି କାର୍ଯ୍ୟ କରିଥାଏ।

## ବିଚିତ୍ର ମାଛ

ଇଂରାଜୀରେ ଏହି ମାଛର ନାମ ଅଷ୍ଟ୍ରେଲୀୟ ପ୍ରୋଫିସ୍ (Australian prowfish)। ଚେହେରା ସାଧାରଣ ମାଛଙ୍କଠାରୁ ଅଲଗା। ଏହାର ମୁଣ୍ଡଠାରୁ ଲାଞ୍ଜ ପର୍ଯ୍ୟନ୍ତ ଛିଡ଼ା ହେବା ଭଳି ଅବସ୍ଥାରେ ଲମ୍ବା ଡେଣା ରହିଥାଏ। ଦେହଟି ତାହାର ତ୍ରିଭୁଜ ଆକାରର। ଅନ୍ୟ ମାଛଙ୍କ ଭଳି ଅଷ୍ଟ୍ରେଲୀୟ ପ୍ରୋଫିସ୍‌ର କାତି ନଥାଏ। ଦେହର ରଙ୍ଗ କମଳା।



କେତେକ ସ୍ଥଳେ ଲାଞ୍ଜଠାରୁ ମୁଣ୍ଡ ଉପର ପର୍ଯ୍ୟନ୍ତ ଠିଆ ହୋଇ ରହିଥିବା ଡେଣାର ରଙ୍ଗ ଲାଲ ରଙ୍ଗର ମଧ୍ୟ ହୋଇଥାଏ। ମାଛଟିର ଲମ୍ବ ୭ରୁ ସାଢ଼େ ୮ ଇଞ୍ଚ। ଓଜନ ୫୦୦ ଗ୍ରାମ ପାଖାପାଖି। ମାଛଟି ଆକାର ଅଦ୍ଭୁତ ଲାଗୁଥିଲେ ବି ଦେଖିବାକୁ ସୁନ୍ଦର। ଦକ୍ଷିଣ ଅଷ୍ଟ୍ରେଲିଆ ଉପକୂଳବର୍ତ୍ତୀ ସମୁଦ୍ରରେ ସେମାନଙ୍କୁ ଦେଖିବାକୁ ମିଳେ।

## କିଏ ହେବ ତାଙ୍କସରି



ଦେବାଶିଷ ଚକ୍ରବର୍ତ୍ତୀ

ମହାପ୍ରଭୁ ଶ୍ରୀଜଗନ୍ନାଥ ସିନା
ସାରା ଜଗତର ବଡ଼ଠାକୁର
ସବୁଠାରୁ ବଡ଼ ଠାକୁର ଅଟନ୍ତି
ମୋ ପାଇଁ କିନ୍ତୁ ବାପା ମୋହର।
ଉପରକୁ ଟାଣ ହେଲେ ବି ନଡ଼ିଆ
ମିଠା ରସ ଥାଏ ଭିତରେ ପୂରି
ବାହାରକୁ ସିଏ କଠିନ ହେଲେ ବି
ସ୍ନେହ ଭରିଥାଏ ହୃଦେ ତାଙ୍କରି।
ଅଝଟ ହେଲେ ମୁଁ କାନ୍ଧରେ ବସେଇ
ଜହ୍ନ ତାରା ସିଏ ଦିଅନ୍ତି ତୋଳି
ଧରଣୀ ଉପରେ ପାଦ ମୁଁ ଥାପିଛି
ପହିଲେ ତାଙ୍କର ଆଙ୍ଗୁଳି ଧରି।
ପୁରୁଣା ଦଦରା ପିନ୍ଧନ୍ତୁ ପଛକେ
ନୂଆ ଲୁଗା ଜାମା ଦିଅନ୍ତି ମୋତେ
ମୋ ପାଇଁ ସତରେ ତାଙ୍କର ଆଖିରେ
ରହିଥିଲା ଭରି ସପନ କେତେ।
ବାପାଙ୍କ ଅଭୟ ଆଶିଷ ମୋ ପାଇଁ
ଅଟେ ସତେ ବରଗଛର ଛାଇ
ତିନି ଭୁବନରେ କୁହନି ସତରେ
ତାଙ୍କର ତ୍ୟାଗର ତୁଳନା କାହିଁ ?
ସଭିଏଁ କୁହନ୍ତି ବାପଥିଲା ପୁଅ
ସଭାରେ କେବେବି ଯାଏନି ହାରି
ସତରେ ଏକଥା ଅଟଇ ନିରୁତା
ହୋଇକେ ପରିବ ତାଙ୍କର ସରି।
**ମଣ୍ଡୁଆ, କେନ୍ଦୁଝର ଗଡ**
**ମୋ: ୯୪୩୭୭୫୨୩୯୫**

## ମୋବାଇଲ୍ ଯଦି ଘରେ



ଶିଶିର କୁମାର ପଣ୍ଡା

ନାତିଆ ବସୁନି ଜେଜିମା କୋଳରେ
ସଞ୍ଜରେ ବିଛେଇ ସପ
ନାହିଁ ସେ ସମୟ ଶୁଣିବେ ବସିକି
ବୁଢ଼ୀ ଅସୁରୁଣୀ ଗପ।
ମୋବାଇଲ୍ ଯଦି ଘରେ,
ତାକୁ ଧରିଦେଲେ ବେଳ ଅଣ୍ଟେନାହିଁ
ଆଉ ସବୁକାମ ପରେ।
ରଜରେ ଦିଶୁନି ତାଆସ କ୍ୟାରାମ
ହେଉନି ବାଗୁଡ଼ି ଖେଳ
ପଡ଼ିଆରେ ନାହିଁ ଗହଳି କେଉଁଠି
ନାଗରା ବାଜିବା ବେଳ।
ମୋବାଇଲ୍ ଯଦି ଘରେ,
ଲୋଡ଼ାନାହିଁ ଆଉ ଖେଳ କସରତ
ଏଇଥିରେ ଦିନ ସରେ।
ଚିଠି ଲେଖୁନାହିଁ ଆଉ ଏବେ କେହି
ମେସେଜ ଦିଅଇ ଲେଖି
ନ' ଦଶ ଦିନର ନାହିଁ ସେ ଅପେକ୍ଷା
ନିମିଷେ ପାରଇ ଦେଖି।
ମୋବାଇଲ୍ ଯଦି ଘରେ,
ସୁଖରେ କୁଆଡ଼େ ରହୁଛି ମଣିଷ
ସେଇ ସବୁ ଦୁଃଖ ହରେ !
**କୁଆଁସ, ମେରଦା କାଟିଆ, ଯାଜପୁର**
**ମୋ: ୮୯୮୧୭୩୭୨୨୮**

## ମଉସୁମୀର ଖେଳ



ସୁଧାକର ରାଉତ

ସାରୁଗଛ ମୂଳେ ବେଙ୍ଗ ରାଜା ବସି
କହେ ଆଲୋ ବେଙ୍ଗ ରାଣୀ
ଚିନ୍ତା କରି କହ ମଉସୁମୀ ଆସି
ବରଷିଲା କେତେ ପାଣି।
କହିଲା ବେଙ୍ଗୁଲି ଏସନ ମୌସୁମୀ
ନ ବସିଣ ହୋଇ ତୁନି
ଚାରିଆଡ଼େ ସିଏ ହଲାଇ ଦେଇଛି
ତାହାର ମେଘୁଆ କାନି।
ତା ଉତ୍ପାତ ଯୋଗୁ ପ୍ରବଳ ବରଷା
ସଙ୍ଗତରେ ବଢ଼ି ଆସି
ଲୋକଙ୍କ ଆଖିରୁ ହଜାଇଛି ନିଦ
ହଜାଇଛି ବି ସେ ଖୁସି।
କାହିଁ ଭୂସ୍ଖଳନ, କାହିଁ ବନ୍ୟା ଆସି
କରେ ଯେ ବହୁତ କ୍ଷତି
ଭାବିଲେ ସେ କଥା ଅଜଣା ଭୟରେ
କମ୍ପଇ ସବୁରି ଛାତି।
ପଶୁପକ୍ଷୀ କୂଳ ହୋଇ ବାସହରା
ଜନବସତିରେ ପଶି
ଖୋଜନ୍ତି ନିଜର ଠିକଣା ସେଠାରେ
ପ୍ରକୃତି ଦେଖୁଛି ହସି।
ଏ କଥା ଶୁଣିଣ କହେ ବେଙ୍ଗ ରଜା
ପାଣି ଥିଲେ ଆମ ଖେଳ
ମାତ୍ର ଅତିବେଶୀ ବରଷା ହୋଇଲେ
ସମସ୍ତଙ୍କର ତ କାଳ।
ମଉସୁମୀ ଦୋଷ କାହିଁ ତୁ ଦେଉଛୁ
ମଣିଷ ସବୁରି ମୂଳ
ଯେଉଁ ଡାଳ ପରେ ବସିଅଛି ସିଏ
କାଟୁଅଛି ସେହି ଡାଳ।
ପରିସ୍ଥିତି ଅତି ବିଷମ ହୋଇବ
ସତର୍କ ନହେଲେ ସିଏ
ବିଶ୍ୱତାପନଟା ଡାକେ ହାତ ଠାରି
ସେଥୁ ବଞ୍ଚାଇବ କିଏ !
**ପ୍ରତାପ ନଗରୀ, କଟକ**
**ମୋ: ୮୨୪୯୯୩୨୭୯୨**

## ଲାଲ ଟୁକୁଟୁକୁ ସାଧବବୋହୂ



ମୋହନ କୁମାର ସ୍ୱାଇଁ

ସାଧବବୋହୂ ଲୋ ସାଧବବୋହୂ
ବରଷ ସାରା ତୁ କୋଉଠି ରହୁ
ଖୋଜିଲେ ନ ମିଳେ ଦେଖା,
ସୁନ୍ଦରୀ ବୋଲିକି ଘର କଣେ ବସି
ଲୁଚି ରହୁ ଏକା ଏକା।


ଶ୍ରାବଣ ଆସିଲା ବରଷା ନେଇ
ପତ୍ର ଗଜୁରିଲା କ୍ଷେତ ସଜେଇ
ଘାସ ଫୁଲ ହେଉହେଉ,
ରଙ୍ଗ ଶାଢ଼ୀ ପିନ୍ଧି ବାହାରି ପଡ଼ିଲୁ
ରୂପ ଦିଶେ ଦାଉ ଦାଉ।

ପିଲାଏ ସଭିଏଁ ଗଲେଣି ଜୁଟି
ଦେଖିବେ ତୋହର ଥିରି ଚାଲିଟି
ସାଥିଙ୍କୁ କହିବେ ଯାଇ,
ସାଧବ ବୋହୂକୁ ଦେଖି ଆସିଲି ମୁଁ
ମଥାରେ ଓଢ଼ଣା ନାହିଁ।

ସଭିଏଁ ହାତରେ ଧରିବେ ତୋତେ
ଆଉଁସି ଆଦର କରିବେ କେତେ
ଛାଡ଼ି ଦେବେ ପୁଣି ଘରେ,
ଯିଏ ସେ ଚାହୁଁଛି ଯାଆ ତା ସାଥିରେ
ଡାକୁଛି ଯେ ଶରଧାରେ।
**ବେଣାପୁର, କଣ୍ଟିଗଡିଆ, ଯାଜପୁର**
**ମୋ: ୮୧୧୮୦୯୯୦୩୮**



## ତୁମ ପାଇଁ ବହି




### ମୋ ଆଶା

**ସଂପାଦକ:** ସୁମନ୍ତ ମହାରଣା
**ଠିକଣା:** ପାଟପୁର, ନିମାପଡ଼ା, ଜି: ପୁରୀ
**ମୂଲ୍ୟ:** ୨୦ ଟଙ୍କା

ତ୍ରୈମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା'ର ବର୍ଷା ସଂଖ୍ୟା ପ୍ରକାଶ ପାଇଛି। ରଥ ଓ ବଡ଼ ଠାକୁରଙ୍କ ସମେତ ୩ ଠାକୁରଙ୍କ ରଙ୍ଗିନ୍ ଫଟୋ ରହିଥିବା ମଲାଟ ବେଶ୍ ଆକର୍ଷଣୀୟ। ସଂପାଦକ ନିଜ ସଂପାଦକୀୟରେ ସୃଜନଶୀଳତାର ପୂର୍ଣ୍ଣ ପରିପ୍ରକାଶ ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପତ୍ରିକାଟିରେ ଥିବା ଗପ, କବିତା, ଅନୁବାଦ କାହାଣୀ, ଜ୍ଞାନ ବିଜ୍ଞାନ, ଶିଶୁ ପ୍ରତିଭା, ବଡ଼ଲୋକଙ୍କ ପିଲା ଦିନ, ପୌରାଣିକ କାହାଣୀ ପିଲାମାନଙ୍କ ମନୋରଞ୍ଜନ ସହ ବାହାର ଦୁନିଆ ସଂପର୍କରେ ଅଧିକ ଜାଣିବା ପାଇଁ ନିଶ୍ଚିତ ଭାବେ ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ।

## କୁନାକୁନିଙ୍କ ଚିତ୍ର





ମୁସ୍କାନ ପ୍ରଧାନ
କ୍ଲାସ-୭,
ସେଣ୍ଟ ଜାଭିୟର ହାଇସ୍କୁଲ,
ଭୁବନେଶ୍ୱର



ଦେବହୂତି ବରଦାଲକ୍ଷ୍ମୀ ରାଉତ
କ୍ଲାସ-୨,
ଦୀପ୍ତି କନଭେଣ୍ଟ ସ୍କୁଲ,
ରାୟଗଡ଼ା



**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ‘ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କୁ ଗୈରୀକରଣରୁ ସରକାର କ୍ଷାନ୍ତ ରୁହନ୍ତୁ’

**ବାଲେଶ୍ୱର,୧୮/ଏନ୍ଏନ୍ଏସ୍:** ରାଜ୍ୟ ସରକାର ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କୁ ଗୈରୀକରଣ ଉଦ୍ୟମରୁ ଓଡ଼ିଶା ସରକାର କ୍ଷାନ୍ତ ରହିବାକୁ ଭାରତର ଛାତ୍ର ଫେଡେରେସନ୍ (ଏସ୍ଏଫ୍ଆଇ) ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଦାବି କରାଯାଇଛି। ସୂଚନାନୁସାରେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ଗେରୁଆ ରଙ୍ଗର ପରିଚୟ ପତ୍ର ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକର ମଲାଟକୁ ଗେରୁଆ ରଙ୍ଗ କରାଯାଇଛି। ବିଦ୍ୟାଳୟ ଗୁଡ଼ିକର କୋଠାବାଡ଼ି ରଙ୍ଗ ଗେରୁଆ ହେଉଛି। ଇତିମଧ୍ୟରେ ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ଗେରୁଆ ରଙ୍ଗର ପୋଷାକ ବଣ୍ଟାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଏହାର ସମସ୍ତ ଛାମୁଆ ସଂଗଠନର ପତାକା ହେଉଛି ଗେରୁଆ। ରାଜ୍ୟ ସରକାର ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କୁ ଗେରୁଆ ରଙ୍ଗରେ ରଙ୍ଗାୟିତ କରି ଧାର୍ମିକ ଉଦ୍‌ବେଳନ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଆଦୌ ଭୂମିକା ନଥିଲା । ସ୍ୱାଧୀନତା ଆନ୍ଦୋଳନ କାଳରେ ଚୂଡ଼ାନ୍ତ ଜାତୀୟ ପତାକାର ରଙ୍ଗକୁ ସେମାନେ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ ତଥା ଜାତୀୟ ପତାକାର ରଙ୍ଗ ଗେରୁଆ କରିବା ପାଇଁ ଦାବି କରିଥିଲେ। ଯାହା ସେମାନଙ୍କ ଅସଲ ଦେଶପ୍ରେମର ନମୁନା ଓ ଗୁପ୍ତ ରାଜନୈତିକ କର୍ମସୂଚୀର ନଗ୍ନ ପ୍ରତିଫଳନ। ଶାସନ କ୍ଷମତା ଦଖଲ ପରେ ଏହି କର୍ମସୂଚୀକୁ କାର୍ଯ୍ୟକାରୀ କରିବାକୁ ଯୋଜନାବଦ୍ଧ ଭାବେ ଉଦ୍ୟମ କରୁଛନ୍ତି। ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦୂରେଇ ରୁଢ଼ିବାଦ ଭିତରେ ବୁଡେଇ ରଖିବାର ପ୍ରୟାସର ଏହା ହେଉଛି ଅନ୍ୟତମ ଅଂଶବିଶେଷ । ରାଜ୍ୟ ସରକାର ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ଭାରତର ଛାତ୍ର ଫେଡେରେସନ୍ (ଏସ୍ଏଫ୍ଆଇ) ଓଡ଼ିଶା ରାଜ୍ୟ କମିଟିର ସଭାପତି ଚନ୍ଦନ କାମିଲା, ବାଲେଶ୍ୱର ଜିଲ୍ଲା ସାଂଗଠନିକ କମିଟି ପକ୍ଷରୁ ଅଭିଲାଷ ମଲ୍ଲିକ, ଅଚ୍ୟୁତାନନ୍ଦ ଜେନା, ସୌରଭ ସାହୁ ଓ ଇତିଶ୍ରୀ ସୁର ଏକ ମିଳିତ ପ୍ରେସ୍ ବିବୃତିରେ କହିଛନ୍ତି।

# ଡିଇଓ ଅଫିସ୍ ଘେରିଲା ଭଞ୍ଜସେନା

### ଦୁର୍ନୀତିଗ୍ରସ୍ତ ଡିଇଓଙ୍କ ବହିଷ୍କାର, ଉଚ୍ଚସ୍ତରୀୟ ତଦନ୍ତ ଦାବି



**ବାରିପଦା,୧୮/ଏନ୍ଏନ୍ଏସ୍:** ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ମୟୂରଭଞ୍ଜର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ ତୁରନ୍ତ ବହିଷ୍କାର, ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ନୂତନ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ପାଇଁ ମଧ ଦାବି ହୋଇଛି।

ସମ୍ପୃକ୍ତ ଜିଲ୍ଲା ଶିକ୍ଷାଧିକାରୀ ନିଜ ପଦର ଦୁରୁପଯୋଗ କରି ପାଖାପାଖି ୧୪୦ ଜଣ ଶିକ୍ଷକଙ୍କୁ ବେଆଇନ ଭାବେ ବାରିପଦା ସହର ପାଖାପାଖି ଥିବା ସ୍କୁଲ୍ ଗୁଡ଼ିକୁ ଡେପୁଟେସନ୍ ସହ ଜିଲ୍ଲା ମଧ୍ୟାହ୍ନଭୋଜନର ନୋଡାଲ୍ ଅଫିସର୍ ଦାୟିତ୍ୱରେ ରହି ମଧ୍ୟାହ୍ନଭୋଜନ ହରିଲୁଟ୍‌ରେ ଯୋଗାଣକାରୀଙ୍କ ସହ ସାମିଲ, ପେନସନ୍ ପାଇବାର ହକଦାର୍ ଥିବା ପୂର୍ବତନ ଶିକ୍ଷକଙ୍କୁ ବିଭିନ୍ନ ଉପାୟରେ ହଇରାଣ କରିବା ଓ ବିଭିନ୍ନ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ଶୁଳିଆପଦା ବିଇଓଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷା ଦେବା ଭଳି ବହୁ ଅନୈତିକ କାର୍ଯ୍ୟ ଦ୍ୱାରା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ତେଣୁ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ବାରିପଦାସ୍ଥିତ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି ବିକ୍ଷୋଭରେ ଜିଲ୍ଲା ଅଧ୍ୟକ୍ଷ ସଞ୍ଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରବିନ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସ୍ କେ ରାଜା ଖାନ୍, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, କ୍ରୀଡ଼ା ସଂଯୋଜିକା ସୁଭଦ୍ରା ହେମ୍ବ୍ରମ୍, ସହର ସଭାପତି ସଞ୍ଜୟ ମହାର୍ଣ୍ଣ, ସଞ୍ଜୟ ମହାନ୍ତ, ଗୌରାଙ୍ଗ ଚକ୍ରବର୍ତ୍ତୀ, ସୁନୀଲ ମହାପାତ୍ର, ପ୍ରଦୀପ ପଣ୍ଡା, ଦୀପକ କୁମାର ବେହେରା, ଗୌରାଙ୍ଗ ଘଡ଼େଇ, ରୁଦ୍ର ପଟ୍ଟନାୟକ, ସମ୍ପଦ ପୃଷ୍ଟି, ମୁକ୍ତିଦତ୍ତ ପରିଡ଼ା, ମୋନରଞ୍ଜନ ସାହୁ, ଦେବାଶିଷ ନାୟକ, ପଙ୍କଜ ପରିଡ଼ା, ଶିବୁ ସିଂ, ଅନନ୍ତ ଘଡ଼େଇ, ବାପୁନ ସିଂ, ଅର୍ଜୁନ ପରିଚ୍ଛା, ଅଜୟ ଦାସ, ଅର୍ଣ୍ଣବ ଦତ୍ତ, ଦେବଦତ୍ତ ଜେନା ଓ ଦେବାଶିଷ ସାହୁ ପ୍ରମୁଖଙ୍କ ସହିତ ୫୦୦ ଶହରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ସଂଗଠକମାନେ ସାମିଲ ଥିଲେ।

## ଗୀତାବାଣୀ ପ୍ରଚାର ସଂଘ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ



**ବାରିପଦା,୧୮/ଏନ୍ଏନ୍ଏସ୍:** ସ୍ଥାନୀୟ ଶିରୀଶବଣୀସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମରେ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ଶ୍ରୀରାମଚରିତ ମାନସର ରଚୟିତା ସନ୍ଥ ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାଶ୍ରମର ଅଧ୍ୟକ୍ଷା ବୀଣାପାଣି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୀତାବାଣୀ ପ୍ରଚାର ସଂଘର ସଭାପତି ଡ଼. ପାର୍ଥସାରଥୀ ଜେନା, ମୁଖ୍ୟବକ୍ତା ଭାବେ ‘ପ୍ରତିଶ୍ରୁତି’ ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ଓ ସମ୍ମାନିତ ବକ୍ତାଭାବେ ଶିକ୍ଷାଶ୍ରମର ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଯୋଗଦେଇ ଆଜିର ସମାଜରେ ଶୃଙ୍ଖଳିତ ଜୀବନ ନିର୍ବାହ ପାଇଁ ଗୀତାର ଉପଯୋଗିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଅଳକେଶ ବେହେରା, ବିଶ୍ୱରଞ୍ଜନ ନାୟକ, ଅଧ୍ୟାପିକା ସୋମା ମେଟା ଓ ଉପାଧ୍ୟକ୍ଷ ସନ୍ଦୀପ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ଏସୀୟ ଜୁନିୟର୍ ଉସୁ ଚାମ୍ପିଅନଶିପ୍

## ଜିନ୍ଦଲ୍ ସ୍ପୋର୍ଟସ୍ ହଷ୍ଟେଲ୍‌ର ଶ୍ୱେତାଙ୍କୁ ବ୍ରୋଞ୍ଜ୍





**ଯୋଡ଼ା,୧୮/ଏନ୍ଏନ୍ଏସ୍:** ଚୀନ୍‌ରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର୍ ଉସୁ ଚାମ୍ପିଅନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ୪୮ କେଜି ବର୍ଗରେ ଜିନ୍ଦଲ୍ ସ୍ପୋର୍ଟସ୍ ହଷ୍ଟେଲ୍‌ର ଶ୍ୱେତାରାଣୀ ମହାନ୍ତ ବ୍ରୋଞ୍ଜ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ପଦକ ଜିତିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ, କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ୍ ଓ ଉସୁ ଆସୋସିଏସନ ଅଫ୍ ଓଡ଼ିଶା ଶ୍ୱେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ୍ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶାଲୁ ଜିନ୍ଦଲ୍‌ଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଫାଉଣ୍ଡେସନ୍ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନ୍‌ର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ୍ ପ୍ରତିଷ୍ଠିତ ହୋଇଛି। ଏହି ହଷ୍ଟେଲ୍‌ରେ ଶ୍ୱେତାରାଣୀଙ୍କ ସମେତ ପ୍ରେମ୍, ରାଜକୁମାର, ବବଲୁ ଓ ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ୍, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଉଣ୍ଡେସନ୍ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ୍, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟ୍‌ରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

## ସୋର-ଗୋପୀନାଥପୁର ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ



**ସୋର,୧୮/ଏନ୍ଏନ୍ଏସ୍:** ସୋର-ଗୋପୀନାଥପୁର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଦୀର୍ଘଦିନ ଧରି ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ଦାବି ହେଉଥିଲା। ବିଭିନ୍ନ ସମୟରେ ରାସ୍ତା ଅବରୋଧ କରାଯିବା ସହିତ ଆନ୍ଦୋଳନ ମଧ୍ୟ କରାଯାଇଥିଲା। ତେବେ ଗତ ୨୧ ତାରିଖରେ ସୋର ବ୍ଲକ୍‌ରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ସ୍ଥାନୀୟ ଲୋକେ ଏ ବାବଦରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଘଟଣାସ୍ଥଳରେ ପହଞ୍ଚି ୩ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୂଳେ କାମ ଆରମ୍ଭ କରାଯାଇଥିବା ବେଳେ ଭାରି ଗାଡ଼ି ଚଳାଚଳ କାରଣରୁ ରାସ୍ତାକାମରେ ଅସୁବିଧା ଉପୁଜିଥିଲା। ଫଳରେ ଶୁକ୍ରବାରଠାରୁ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ବରଫକଳ ଛକ ଓ ବାଗୁଡ଼ି ବଜାରରେ ଏହି ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ରାସ୍ତାକୁ ବନ୍ଦ କରାଯାଇଛି। ତେବେ ଭାରୀଯାନ ବ୍ୟତୀତ ଅନ୍ୟ ସମସ୍ତ ଛୋଟ ଗାଡ଼ି ଚଳାଚଳ କରିପାରିବ ବୋଲି ସୂଚନା ମିଳିଛି। ଏହି ସମୟରେ ସୋର ତହସିଲଦାର୍ ଦୈତାରି ମଲ୍ଲିକଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଉଭୟ ପଟେ ରାସ୍ତାରେ ମାଟି ପକାଇ ବନ୍ଧ କରିଥିଲେ।

## ରାଜ୍ୟ ହକି ଚାମ୍ପିଅନଶିପ୍ ପାଇଁ ଚୟନ ପ୍ରକ୍ରିୟା



**ବାଲେଶ୍ୱର,୧୮/ଏନ୍ଏନ୍ଏସ୍:** ରାଜ୍ୟ ହକି ଚାମ୍ପିଅନଶିପ୍ -୨୦୨୫ ପାଇଁ ବାଲେଶ୍ୱର ଜିଲ୍ଲାରୁ ଖେଳାଳି ଚୟନ ସକାଶେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଜିଲ୍ଲା ହକି ଆସୋସିଏସନ୍‌ର ଏକ୍ସ-ଅଫିସିଓ ସମ୍ପାଦକ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲାର ହକି ଆସୋସିଏସନ୍‌ର ସମସ୍ତ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାରୁ ବିଭିନ୍ନ ବର୍ଗରୁ ବାଳକ ବାଳିକା ଚୟନ ପ୍ରକ୍ରିୟା ପାଇଁ ଆଲୋଚନା ହୋଇଥିଲା। ଏହି ରାଜ୍ୟସ୍ତରୀୟ ଚାମ୍ପିଅନଶିପ୍ ଆସନ୍ତା ଅଗଷ୍ଟ ୪ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଇଣ୍ଟରନ୍ୟାସ୍‌ନାଲ୍ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ୩ଟି ବର୍ଗ ସିନିୟର୍, ଜୁନିଅର୍ ଓ ସବ୍‌ଜୁନିଅର ବାଳକ ବାଳିକା ଚୟନ ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ଆସନ୍ତା ଅଗଷ୍ଟ ୨ ତାରିଖରୁ ଇଚ୍ଛୁକ ବାଳକ ବାଳିକା ସକାଳ ୮ଟାରୁ ବୟସ ପ୍ରମାଣପତ୍ର ସହ ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ନାୟକ ଅବଗତ କରିଛନ୍ତି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ



**କେନ୍ଦୁଝର,୧୮/ଏନ୍ଏନ୍ଏସ୍:** କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସ୍ତନ୍ୟପାନର ଉପକାରିତା ଓ ସଠିକ୍ ସ୍ତନ୍ୟପାନ କରାଇବା ଉପରେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ ସ୍ତନ୍ୟପାନ ସପ୍ତାହ ପାଳନ କରିବାର ତାତ୍ପର୍ଯ୍ୟ ଓ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପି କେ ମହାକୁଡ଼ ଯୋଗଦେଇ ସ୍ତନ୍ୟପାନର କେତୋଟି ଦିଗ ଉପରେ ବିଶଦ ଭାବେ ବର୍ଣ୍ଣନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତ୍ତା ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ‘ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ ନିରନ୍ତର ସହାୟତା ପ୍ରଦାନର ବ୍ୟବସ୍ଥା କରନ୍ତୁ’ ଉପରେ ଆଲୋକପାତ କରିଥିଲେ।

## ଦୁର୍ଘଟଣାରେ ଗୁରୁତର ଶିକ୍ଷା କର୍ମଚାରୀଙ୍କ ମୃତ୍ୟୁ

**ସୋର,୧୮/ଏନ୍ଏନ୍ଏସ୍:** ସୋର ବ୍ଲକ୍ ଅନନ୍ତପୁର ଉପେନ୍ଦ୍ରନାଥ ହାଇସ୍କୁଲ୍‌ର ଶିକ୍ଷା କର୍ମଚାରୀ ଶରତ ଚନ୍ଦ୍ର ଜେନା ଗତ ୨୯ ତାରିଖ ସକାଳେ ବାଇକ୍ ଯୋଗେ ଘରୁ ସୋରକୁ ଯାଉଥିବା ସମୟରେ ଅନନ୍ତପୁର ବଜାରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ପ୍ରଥମେ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।



ସେଠାରେ ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ କଟକ ଶ୍ରୀରାମ ଭଞ୍ଜ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ମାତ୍ର ଶୁକ୍ରବାର ଭୋର୍ ୪ଟା ୩୦ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଅପରାହ୍ଣରେ ତାଙ୍କ ମରଶରୀର ଅନନ୍ତପୁରରେ ପହଞ୍ଚିବା ପରେ ଅନନ୍ତପୁର ଉପେନ୍ଦ୍ରନାଥ ହାଇସ୍କୁଲ୍‌ରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଅନ୍ତିମ ଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ସାହୁ, ଦେବେନ୍ଦ୍ର କୁମାର ପାତ୍ର, ପୁରାତନ ଛାତ୍ର ସଂସଦର ସମ୍ପାଦକ ନିତ୍ୟାନନ୍ଦ କରଙ୍କ ସମେତ ବହୁ ସ୍ଥାନୀୟ ଜନସାଧାରଣ ପୁଷ୍ପଗୁଚ୍ଛ ଦେଇ ଅନ୍ତିମ ଦର୍ଶନ କରିଥିଲେ। ପରେ ମରଶରୀରକୁ ତାଙ୍କ ଗ୍ରାମ ଚିଡ୍ଡୋଳକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା।

## ଅଜଣା ଗାଡ଼ି ଧକ୍କାରେ ୨ ଗୁରୁତର

**ସୋର,୧୮/ଏନ୍ଏନ୍ଏସ୍:** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ସୋର ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଭଦ୍ରକ ଜିଲ୍ଲା ବିଦେଇପୁର ଅଞ୍ଚଳର ଗୁରୁପଦ ସେନାପତି ଏବଂ ଶିବପଦ ମାଇତି ବାଇକ୍ ଯୋଗେ ରାକ୍ଷୀ କିଣିବାକୁ ବାଲେଶ୍ୱର ଯାଇଥିଲେ। ଅପରାହ୍ନରେ ବାଲେଶ୍ୱରରୁ ରାକ୍ଷୀ କିଣି ଫେରୁଥିବା ବେଳେ ଛପୋଲିଆ ନିକଟରେ ଏକ ଅଜଣା ବାଇକ୍ ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେବା ଫଳରେ ବାଇକ୍ ସହ ଉଭୟ ଭାରସାମ୍ୟ ହରାଇ ଡିଭାଇଡର୍‌କୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ପ୍ରାର୍ଥନା ବେଳେ ୯ ଛାତ୍ରୀ ଅସୁସ୍ଥ



**ଖଇରା,୧୮/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍‌ର ସ୍ୱନାମଧନ୍ୟ କୁପାରୀ ସରକାରୀ ହାଇସ୍କୁଲ୍‌ରେ ବାରମ୍ବାର ଛାତ୍ରୀ ଅସୁସ୍ଥ ହେବା ଏବଂ ଭିନ୍ନ ପ୍ରକାର ଆଚରଣ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। କିଛି ଏହାକୁ ଭୌତିକ କାଣ୍ଡ ବୋଲି ଦାବି କରୁଥିବା ବେଳେ ଆଉ କିଛି ଏହାକୁ ଦୁର୍ବଳ ମାନସିକତା ବୋଲି କହିଛନ୍ତି। ପୂର୍ବରୁ ୨ଥର ଏଭଳି ଘଟିବା ପରେ ପୁନଶ୍ଚ ଶୁକ୍ରବାର ପ୍ରାର୍ଥନା ଚାଲିଥିବା ସମୟରେ ୯ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିବା ସହ ତଳେ ଗଡ଼ି ଚିତ୍କାର କରିଥିଲେ। ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପ୍ରଚେଷ୍ଟାରେ ଆମ୍ବୁଲାନ୍ସ ଡକାଯାଇ ସେମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ପୂର୍ବରୁ ଏକାଧିକ ବାର ଏଭଳି ଘଟଣା ଘଟି ସାରିଥିବା ବେଳେ ଏହି ଘଟଣା ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଏ ସମ୍ପର୍କରେ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ବାରମ୍ବାର ଏଭଳି ଘଟଣା ଘଟିବା ନେଇ ଜିଲ୍ଲା ଶିକ୍ଷାଧିକାରିଣୀ, ଜିଲ୍ଲାପାଳ ଓ ଖଇରା ବିଡିଓଙ୍କୁ ଜଣାଇ ସାରିଛନ୍ତି। ସେମାନେ ଯାହା ନିଷ୍ପତ୍ତି ନେବେ ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ନିର୍ଦ୍ଦିଷ୍ଟ ଭାବେ କୁମ୍ଭକା ଗ୍ରାମର କିଛି ପିଲା ଏଥିରେ ଶିକାର ହେଉଥିବା ବେଳେ କ୍ରମାଗତ ଘଟଣାକୁ ନେଇ କିଛି ରୋମାଞ୍ଚକର ତଥ୍ୟ ପଦାକୁ ଆସିଛି। କୁମ୍ଭକାରେ ତନ୍ତ୍ର ସାଧନା କରୁଥିବା ଜଣେ ବ୍ୟକ୍ତିଙ୍କ ପ୍ରଭାବରୁ ଏମିତି ଘଟଣା ଘଟୁଥାଇପାରେ ବୋଲି କୁମ୍ଭକା ଗ୍ରାମର କିଛି ଗ୍ରାମବାସୀ କହିଛନ୍ତି। କିଛି କାଳୀଶୀ ଲାଗିବା ଭଳି କାନ୍ଦି କାନ୍ଦି ଏଣୁତେଣୁ କହୁଥିବାରୁ ଏହା ଭୌତିକ କାଣ୍ଡ ହୋଇପାରେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ସନ୍ଦେହ କରୁଛନ୍ତି।

## ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଗଣଧାରଣା



**କେନ୍ଦୁଝର,୧୮/ଏନ୍ଏନ୍ଏସ୍:** ଆନନ୍ଦପୁର ଉପଖଣ୍ଡର ମା’ ଧନେଇ ସେବା ସଂଘର କର୍ମକର୍ତ୍ତା ତଥା ଉପଖଣ୍ଡର ସାଧାରଣ ଜନତାଙ୍କ ପକ୍ଷରୁ ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ କେନ୍ଦୁଝର ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଜିଲ୍ଲାର ପ୍ରମୁଖ ଉପଖଣ୍ଡ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ଦିନ ଧରି ଗଣତନ୍ତ୍ରକୁ ସମ୍ମାନ ଜଣାଇ ଦାବି, ଧାରଣା, ଅନଶନ, ଶୋଭାଯାତ୍ରା, ଧର୍ମଘଟ, ପଦଯାତ୍ରା, ଦଣ୍ଡବତ ଯାତ୍ରା ଓ ମାନବ ଶୃଙ୍ଖଳ ଆଦି ବାରମ୍ବାର କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରେଳ ବିଭାଗକୁ ନିର୍ଦ୍ଦେଶ ହୋଇଛି। ମାତ୍ର ଆନନ୍ଦପୁରକୁ ରେଳପଥ ସଂଯୋଗ ନିମନ୍ତେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ ହୋଇଥିଲା। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ, ଆନନ୍ଦପୁର, ଥାନା ଭାରପ୍ରାପ୍ତ ଅଧିକାରୀ, ଟାଉନ ଥାନା ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ବିଷ୍ଣୁପ୍ରିୟା ବାରିକ୍, ସମ୍ପାଦକ ବିଧୁ ଭୂଷଣ ବାରିକ୍, ତରୁଣ କୁମାର ସାହୁ, ବିକୁନ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ପତି, ଶୁଭାଂଶୁ ସାହୁ, ମହେଶ୍ୱର ସାହୁ, ଅବିନାଷ ପ୍ରଧାନ, ସୌମ୍ୟରଞ୍ଜନ ବେହେରା ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ତେଲକୋଇ,୧୮/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଖୁଣ୍ଟାପଡ଼ା ପଞ୍ଚାୟତରେ ଥିବା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମହାସରସ୍ୱତୀ ମିଶ୍ର ତାଙ୍କ କର୍ମମୟ ଜୀବନରୁ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ବସୁଦେବ ମହାନ୍ତ ଓ ସଭାପତି କୃଷ୍ଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ସାହୁ ଯୋଗ ଦେଇଥିଲ। ସମ୍ମାନିତ ଅତିଥିଭାବେ କବି ପିନାକୀ ମିଶ୍ର, ଖୁଣ୍ଟାପଡ଼ା ସିଆର୍‌ସିସି ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ଜ୍ୟୋସ୍ନାରାଣୀ ମିଶ୍ର, ଜିତେନ୍ଦ୍ର ମୁଣ୍ଡା, ବ୍ଲକ୍ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଆଲିସା ମାଝୀ ଓ ଅବସରପ୍ରାପ୍ତ ସିଆର୍‌ସିସି କୈଳାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ଜଣେ କର୍ମଠ, ଉତ୍ସର୍ଗୀକୃତ ଓ କର୍ତ୍ତବ୍ୟପରାୟଣ ମହିଳା ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆତ୍ମବିଭୋର ହୋଇ ପଡ଼ିଥିଲେ। ଶେଷରେ ଅବସର ଗ୍ରହଣ କରିଥିବା ଶ୍ରୀମତୀ ମିଶ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉପଢ଼ୌକନ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶ୍ୟାମଘନ ଡାଙ୍ଗୁଆ, ପପୁନ ମହାନ୍ତ ଓ ବିଜୟ କୁମାର ସେଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# ପଞ୍ଚମ ଟେଷ୍ଟରୁ ବୁମ୍ରା ରିଲିଜ୍

- ଇଂଲଣ୍ଡ ଗସ୍ତରେ ତିନି ଟେଷ୍ଟ ଖେଳିଛନ୍ତି
- ଏବେ ପୂରା ସିରିଜ୍ ପାଇଁ ଫିଟ୍ ଖେଳାଳି ହିଁ ଚୟନ ହେବେ: ବିସିସିଆଇ



**ଲଣ୍ଡନ,୧।୮/ଏଜେନ୍ସି:** ଭାରତୀୟ ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍ରାଙ୍କୁ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଅନ୍ତିମ ଟେଷ୍ଟରୁ ରିଲିଜ୍ କରାଯାଇଛି। ସିରିଜ୍‌ରେ ସେ ୩ଟି ଟେଷ୍ଟ ଖେଳିଥିବା ବେଳେ ୧୧୯.୪ ଓଭର୍ ବୋଲିଂ କରି ୧୪ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି। ହେଡିଂଗ୍ଲେ (ପ୍ରଥମ ଟେଷ୍ଟ ଏବଂ ଲର୍ଡ୍ସ (ତୃତୀୟ ଟେଷ୍ଟ)ରେ ବୁମ୍ରା ୫-୫ ଓ୍ୱିକେଟ୍ ନେଇଥିଲେ। ତେବେ ମାଞ୍ଚେଷ୍ଟର୍ ଟେଷ୍ଟରେ ସେ ପ୍ରଥମ ଥର ପାଇଁ କୌଣସି ଏକ ଇନିଂସ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ରନ୍ ଦେଇଥିଲେ। ଏଜ୍‌ବାଷ୍ଟନ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ସେ ବେଞ୍ଚରେ ବସିଥିଲେ। ଏବେ ଟେଷ୍ଟ କ୍ରିକେଟ୍‌ରେ ତାଙ୍କ ନାମରେ ୨୧୯ ଓ୍ୱିକେଟ୍ ହୋଇଛି।

ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ ବିସିସିଆଇ ଏବେ ଏକ ନୂଆ ପଲିସି ଉପରେ ବିଚାର କରୁଛି। ଏଥିରେ ବୁମ୍ରାଙ୍କ ପରି ଖେଳାଳିଙ୍କୁ ଚୟନ କରାଯିବ, ଯେତେବେଳେ ସେମାନେ ପୂରା ସିରିଜ୍ ପାଇଁ ଫିଟ୍ ଏବଂ ଉପଲବ୍ଧ ରହିବେ। ରିପୋର୍ଟ ଅନୁସାରେ ବୁମ୍ରା ପୂରା ସିରିଜ୍ ଖେଳିବାକୁ ଉପଲବ୍ଧ ହେଲେ ହିଁ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଚୟନ କରିବା ଉଚିତ ହେବ। ଚୟନ ପୂର୍ବରୁ ମେଡିକାଲ୍ ଟିମ୍‌ଠାରୁ ତାଙ୍କ ଫିଟ୍‌ନେସ୍ ରିପୋର୍ଟ ମଗାଯିବ। ବ୍ୟାଟିଂ କୋଚ୍ ସିତାଂଶୁ କୋଟକ୍ କହିଛନ୍ତି, ବୋଲର୍‌ଙ୍କ ଓ୍ୱାର୍କଲୋଡ୍ ଓଭର୍ ହିସାବରେ ମପାଯାଇଥାଏ। ଯଦି କେହି ଅଚାନକ ଅଧିକ ଓଭର୍ ପକାନ୍ତି, ତେବେ ତାହାକୁ ଲୋଡ୍ ସ୍ପାଇକ୍ କୁହାଯାଇଥାଏ। ମେଲ୍‌ବର୍ଣ୍ଣରେ ୫୨ ଓଭର୍ ବୋଲିଂ କରିଥିବା ବେଳେ ଏହା ହିଁ ଅଷ୍ଟ୍ରେଲିଆ ଗସ୍ତରେ ବୁମ୍ରାଙ୍କ ସହ ହୋଇଥିଲା।

ଇଂଲଣ୍ଡ ବିପକ୍ଷ ଓଭାଲ୍ ଟେଷ୍ଟ ପୂର୍ବରୁ ସହାୟକ କୋଚ୍ ର୍ୟାନ୍ ଟେନ୍ ଡୋଶେଟ୍ କହିଥିଲେ, ସିରିଜ୍‌ରେ ତିନିଟି ମ୍ୟାଚ୍ ଖେଳିବେ ବୋଲି ବୁମ୍ରା ନିଜେ ଜଣାଇଥିଲେ। ତାଙ୍କ ଶରୀରର ସ୍ଥିତିକୁ ଦେଖି ଆମେ ତାଙ୍କ ନିଷ୍ପତ୍ତିକୁ ସମ୍ମାନର ସହ ମାନି ନେଇଥିଲୁ।

## ଓଭାଲ୍ ଟେଷ୍ଟ: ସିରାଜ୍ ଓ ପ୍ରସିଦ୍ଧଙ୍କୁ ୪-୪ ଓ୍ୱିକେଟ୍

# ଇଂଲଣ୍ଡ ୨୪୭ ରନ୍‌ରେ ଅଲ୍‌ଆଉଟ୍



**ଲଣ୍ଡନ,୧।୮/ଏଜେନ୍ସି:** ଲଣ୍ଡନର ଦ ଓଭାଲ୍‌ରେ ଖେଳାଯାଉଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଭାରତୀୟ ଫାଷ୍ଟ ବୋଲର୍ ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଫଳରେ ଘରୋଇ ଇଂଲଣ୍ଡ ଟିମ୍‌ର ପ୍ରଥମ ଇନିଂସ୍ ୨୪୭ ରନ୍‌ରେ ସମାପ୍ତ ହୋଇଛି। ପ୍ରଥମ ଇନିଂସ୍‌ରେ ୨୩ ରନ୍ ପଛରେ ଥିବା ଭାରତ ଦ୍ୱିତୀୟ ଇନିଂସ୍ ଆରମ୍ଭ କରି ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଦୁଇ ଓ୍ୱିକେଟ୍ ହରାଇ ୭୫ ରନ୍ କରି ୫୨ ରନ୍‌ର ଆଗୁଆ ରହିଛି। କେଏଲ୍ ରାହୁଲ (୭ ରନ୍) ଓ ସାଇ ସୁଦର୍ଶନ (୧୧ ରନ୍) ଆଉଟ୍ ହୋଇଥିବା ବେଳେ ଷମ୍ପ ବେଳକୁ ଯଶସ୍ୱୀ ଜୟସ୍ୱାଲ୍ ୫୧ ଏବଂ ଆକାଶ ଦୀପ ୪ ରନ୍‌ରେ ବ୍ୟାଟିଂ କରୁଥିଲେ।

ଦ୍ୱିତୀୟ ଦିନ ଭାରତ ଅସମାପ୍ତ ପ୍ରଥମ ଇନିଂସ୍ ୨୦୪/୬ ସ୍କୋର୍‌ରେ ଆଉ ମାତ୍ର ୨୦ ରନ୍ ଯୋଗ କରିବା ପରେ ଅଲ୍‌ଆଉଟ୍ ହୋଇଥିଲା। କରୁଣ ନାୟର୍ ବ୍ୟକ୍ତିଗତ ସ୍କୋର୍‌ରେ ୫ ରନ୍ ଏବଂ ଓ୍ୱାଶିଂଟନ୍ ସୁନ୍ଦର ୭ ରନ୍ ଯୋଗ କରିବା ପରେ ଆଉଟ୍ ହୋଇଥିଲେ। ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣା ଖାତା ମଧ୍ୟ ଖୋଲିପାରି ନଥିଲେ। ଇଂଲଣ୍ଡ ପକ୍ଷରୁ ଗସ୍ ଆଟ୍‌କିନ୍‌ସନ୍ ସର୍ବାଧିକ ୫, ଜୋଶ୍ ଟଙ୍ଗ୍ ୩ ଏବଂ କ୍ରିସ୍ ଓ୍ୱକ୍ସ ଗୋଟିଏ ଓ୍ୱିକେଟ୍ ନେଇଥିଲେ।

ଜବାବରେ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଇଂଲଣ୍ଡ ପକ୍ଷରୁ ବେନ୍ ଡକେଟ୍ ଓ ଜ୍ୟାକ୍ କ୍ରଲି ଭାରତୀୟ ବୋଲର୍‌ଙ୍କ ଲେନ୍‌ଥ୍ ବିଗାଡ଼ି ଦେଇଥିଲେ। ଦୁହେଁ ଦିନିକିଆ ଷ୍ଟାଇଲ୍‌ରେ ବ୍ୟାଟିଂ କରି ୧୨.୫ ଓଭର୍‌ରେ ୯୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ଡକେଟ୍‌ଙ୍କୁ ଆଉଟ୍ କରି ଆକାଶ ଦୀପ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଡକେଟ୍ ୪୩ ରନ୍ କରିଥିଲେ। ଏହାର କିଛି ସମୟ ପରେ କ୍ରଲି ୪୨ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଲଞ୍ଚ ପରେ ଭାରତୀୟ ବୋଲର୍ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡକୁ ୬ ଝଟ୍‌କା ଦେଇଥିଲେ। ସର୍ବପ୍ରଥମେ ଜ୍ୟାକ୍ କ୍ରଲିଙ୍କୁ ପ୍ରସିଦ୍ଧ କ୍ରିଷ୍ଣା ପ୍ୟାଭିଲିୟନ୍ ଫେରାଇଥିଲେ। କ୍ରଲି ୫୭ ବଲ୍‌ରେ ୧୪ ଚୌକା ସହାୟତାରେ ୬୪ ରନ୍ କରିଥିଲେ। ଏହାପରେ ସିରାଜ୍ କ୍ୟାପ୍‌ଟେନ୍ ଓଲି ପୋପ୍ (୧୪), ଜୋ ରୁଟ୍ (୨୯) ଏବଂ ଜ୍ୟାକବ୍ ବେଥେଲ୍ (୬)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ବେଥେଲ୍‌ଙ୍କ ଆଉଟ୍ ବେଳକୁ ଇଂଲଣ୍ଡ ସ୍କୋର୍ ୫ ଓ୍ୱିକେଟ୍‌ରେ ୧୯୫ ରନ୍ ଥିଲା। ଏହାପରେ କ୍ରିଷ୍ଣା ଗୋଟିଏ ଓଭର୍‌ରେ ଜେମି ସ୍ମିଥ୍ (୮) ଓ ଜେମି ଓଭର୍‌ଟନ୍ (୦)ଙ୍କୁ ବିଦା କରିଥିଲେ। ଦିନର ଶେଷ ସେସନ୍‌ରେ ଭାରତୀୟ ବୋଲର୍ ବାକି ଦୁଇଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣା ପ୍ରଥମେ ଗସ୍ ଆଟ୍‌କିନ୍‌ସନ୍ (୧୧) ଏବଂ ପରେ ହ୍ୟାରୀ ବ୍ରୁକ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସ୍‌ର ସିରାଜ୍ ଅନ୍ତ ଘଟାଇଥିଲେ। ବ୍ରୁକ୍ ୬୪ ବଲ୍‌ରେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୫୩ ରନ୍ କରିଥିଲେ। ମ୍ୟାଚ୍‌ରୁ ବାଦ୍ ପଡ଼ିଥିବା ଆହତ କ୍ରିସ୍ ଓ୍ୱକ୍ସ ବ୍ୟାଟିଂ କରିବାକୁ ଆସିନଥିଲେ। ଫଳରେ ଇଂଲଣ୍ଡ ସ୍କୋର୍ ୨୪୭/୯ରେ ଶେଷ ହୋଇଥିଲା।

### ବାକି ମ୍ୟାଚ୍‌ରୁ ଓ୍ୱକ୍ସ ବାଦ୍

ଲଣ୍ଡନର ଦ ଓଭାଲ୍ ଷ୍ଟାଡିୟମ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଇଂଲିଶ୍ ଟିମ୍‌କୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ପ୍ରମୁଖ ପେସର୍ କ୍ରିସ୍ ଓ୍ୱକ୍ସ



ଆହତ ହୋଇଛନ୍ତି ଏବଂ କାନ୍ଧରେ ଆଘାତ ଲାଗିଥିବା କାରଣରୁ ସେ ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଶୁକ୍ରବାର ଏହି ସୂଚନା ଦେଇଛି। ପ୍ରଥମ ଦିନ ଭାରତର ପ୍ରଥମ ଇନିଂସ୍‌ର ୫୭ତମ ମିନିଟ୍‌ରେ ଓ୍ୱକ୍ସଙ୍କୁ ଏହି ଆଘାତ ଲାଗିଥିଲା। ମିଡ୍-ଅଫ୍‌ରେ ଫିଲ୍ଡିଂ କରୁଥିବା ବେଳେ ସେ ବାଉଣ୍ଡାରୀରେ ଡାଇଭ୍ ମାରି ଏକ ଚୌକା ରୋକିଥିଲେ। ତେବେ ଏହି ଅବସରରେ ସେ ଏପରି ପଡ଼ିଥିଲେ ଯେ ତାଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିଥିଲା। ପରେ ଫିଜିଓଙ୍କ ସହିତ ସେ ପଡ଼ିଆରୁ ବାହାରକୁ ଯାଇଥିଲେ। ଏହାପରେ ଓ୍ୱକ୍ସଙ୍କୁ ସ୍କାନ୍ ପାଇଁ ନିଆଯାଇଥିଲା।

### ସାହାଣୀ କପ୍ ପ୍ରଥମ ଫାଇନାଲ୍


# ସମ୍ବଲପୁରକୁ ହରାଇ କଟକ ବିଜେତା

**କଟକ.୧।୮/ଏନ୍‌ଏନ୍‌ଏସ୍:** ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ରାଜ୍ୟ କ୍ରୀଡ଼ା ବିଭାଗ ସହାୟତାରେ ଆୟୋଜିତ ୬୪ତମ ସିନିୟର୍ ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍ ସାହାଣୀ କପ୍‌ର ପ୍ରଥମ ଫାଇନାଲ୍ ମ୍ୟାଚ୍ ଶୁକ୍ରବାର ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୧-୦ ଗୋଲ୍‌ରେ ସମ୍ବଲପୁରକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲ୍‌ଟି ମ୍ୟାଚ୍‌ର ୨୦ଶ ମିନିଟ୍‌ରେ ପାରାଉ ଟୁଡୁ ସ୍କୋର୍ କରିଥିଲେ। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଫାଇନାଲ୍ ମ୍ୟାଚ୍ ଅଗଷ୍ଟ ୩ ତାରିଖରେ କେନ୍ଦୁଝର ଜିଲ୍ଲା ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଆଜିର ପ୍ରଥମ ଫାଇନାଲ୍ ମ୍ୟାଚ୍ ପରିଚାଳନାରେ ବୌଦ୍ଧ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସହାୟତା କରିଥିଲା।



ଆଜିର ଫାଇନାଲ୍ ମ୍ୟାଚ୍ ଅବସରରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାନସଭାରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଅନଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବୌଦ୍ଧ ଜିଲ୍ଲାପାଳ ବିଭୁତ ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋଏଲ୍, ଫାଓ କୋଷାଧ୍ୟକ୍ଷ ଭକ୍ତ ଭଲ୍ଲବ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ୍ ପାଲ୍, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ସଦସ୍ୟ ଧୀରେନ୍ ପଲେଇ, ସୁନୀଲ୍ ସାହୁ, ଶିବ ପ୍ରସାଦ ତ୍ରିପାଠୀ, ତାପସ କମାର ରାୟ ଚୌଧୁରୀ, ଦୁଲାଲ ଚନ୍ଦ୍ର ପ୍ରଧାନ, ବୌଦ୍ଧ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସମ୍ପାଦକ ଯୁଗଳ କିଶୋର ସାମଲ, ଉପସଭାପତି ଲମ୍ବୋଦର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ଡିସେମ୍ବରରେ ଭାରତ ଆସିବେ ମେସି



**ମୁମ୍ବାଇ,୧।୮/ଏଜେନ୍ସି:** ଆର୍ଜେଣ୍ଟିନାର ଷ୍ଟାର୍ ଫୁଟ୍‌ବଲର୍ ଲିଓନେଲ୍ ମେସି ଡିସେମ୍ବର ମାସରେ ଭାରତ ଗସ୍ତରେ ଆସିବେ। ମେସି ୧୪ ବର୍ଷର ଲମ୍ବା ଅବଧି ପରେ ଭାରତ ଆସୁଛନ୍ତି। ସେ ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ। ଏହି ଅବସରରେ ସେ ତିନିଟି ସହର କୋଲ୍‌କାତା, ଦିଲ୍ଲୀ ଓ ମୁମ୍ବାଇ ଗସ୍ତ କରିବେ। ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଡିସେମ୍ବର ୧୪ରେ ଆୟୋଜିତ ଏକ ଇଭେଣ୍ଟ୍‌ରେ ସାମିଲ ହେବେ। ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ)ର ସୂତ୍ର ଅନୁସାରେ କେତେକ କ୍ରିକେଟର୍ ମଧ୍ୟ ଏହି ଇଭେଣ୍ଟ୍‌ରେ ଯୋଗଦେବେ। ଏହା ବ୍ୟତୀତ ମେସି କୋଲ୍‌କାତା ମଧ୍ୟ ଯିବେ ଏବଂ ଇଡେନ୍ ଗାର୍ଡେନ୍ସରେ ତାଙ୍କୁ ସମ୍ମାନିତ କରାଯିବ। ଏହି ଇଭେଣ୍ଟ୍‌ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। କୋଲ୍‌କାତାରେ ସେ ପିଲାଙ୍କ ପାଇଁ ଏକ ଫୁଟ୍‌ବଲ୍ ଓ୍ୱାର୍କଶପ୍‌ର ମଧ୍ୟ ଆୟୋଜନ କରିବେ ଏବଂ ଏହା ସହିତ ସେ ଫୁଟ୍‌ବଲ୍ କ୍ଲିନିକ୍ ମଧ୍ୟ ଲଞ୍ଚ୍ କରିବେ।

# ଇଷ୍ଟ୍ ଜୋନ୍ ଟିମ୍‌ରେ ୩ ଓଡ଼ିଶା ଖେଳାଳି

### ଦଲିପ୍ ଟ୍ରଫି



ସନ୍ଦୀପ

ଆଶୀର୍ବାଦ

ସ୍ୱସ୍ତିକ୍

**କଟକ,୧।୮/ଏଜେନ୍ସି:** ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଦଲିପ୍ ଟ୍ରଫି ଟୁର୍ଣ୍ଣାମେଣ୍ଟ ପାଇଁ ଇଷ୍ଟ ଜୋନ୍ ଟିମ୍ ଘୋଷିତ ହୋଇଛି। ଟିମ୍‌ରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ତିନିଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି। ଛଅଜଣ ଅନ୍ତର୍ଜାତୀୟ ଖେଳାଳି ସାମିଲ ଥିବା ୧୫ ଜଣିଆ ମୁଖ୍ୟ ଟିମ୍‌ରେ ବ୍ୟାଟ୍ସମ୍ୟାନ୍ ସନ୍ଦୀପ ପଟ୍ଟନାୟକଙ୍କୁ ସାମିଲ କରାଯାଇଛି। ସେହିପରି ଓ୍ୱିକେଟ୍‌କିପର୍ ବ୍ୟାଟ୍ସମ୍ୟାନ୍ ଆଶୀର୍ବାଦ ସ୍ୱାଇଁ ଓ ବ୍ୟାଟ୍ସମ୍ୟାନ୍ ସ୍ୱସ୍ତିକ୍ ସାମଲ ଷ୍ଟାଣ୍ଡବାଇ ଖେଳାଳି ଭାବେ ଟିମ୍‌ରେ ସ୍ଥାନ ପାଇଛନ୍ତି। ଝାଡ଼ଖଣ୍ଡର ଓ୍ୱିକେଟ୍‌କିପର୍ ବ୍ୟାଟ୍ସମ୍ୟାନ୍ ଇଶାନ୍ କିଶନ୍‌ଙ୍କୁ ଟିମ୍‌ର କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଥିବା ବେଳେ ବେଙ୍ଗଲ୍ ବ୍ୟାଟ୍ସମ୍ୟାନ୍ ଭାଇସ୍ କ୍ୟାପ୍‌ଟେନ୍ ଅଛନ୍ତି। ମୁଖ୍ୟ ଟିମ୍‌ରେ ଝାଡ଼ଖଣ୍ଡର ୬ଜଣ, ବେଙ୍ଗଲ୍‌ର ୫ଜଣ, ଆସାମର ଦୁଇଜଣ ଏବଂ ତ୍ରିପୁରା ଓ ଓଡ଼ିଶାର ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ତେବେ ବିହାରର ୧୪ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଟିମ୍‌ରେ ସ୍ଥାନ ମିଳିଛି। ଇଷ୍ଟ ଜୋନ୍ ଟିମ୍ ଅଗଷ୍ଟ ୨୮ରେ ନର୍ଥ ଜୋନ୍ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ। ସେପ୍ଟେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ ପଡ଼ିଆରେ ଖେଳାଯିବ।

ଇଷ୍ଟ ଜୋନ୍ ଟିମ୍‌ରେ ସ୍ଥାନ ପାଇଥିବା ଏହି ତିନି ଖେଳାଳିଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଥିବା ବେଳେ ଟୁର୍ଣ୍ଣାମେଣ୍ଟ୍‌ରେ ସେମାନଙ୍କ ଉନ୍ନତ ପ୍ରଦର୍ଶନ କାମନା କରିଛନ୍ତି।

**ଇଷ୍ଟ ଜୋନ୍ ଟିମ୍:** ଇଶାନ୍ କିଶନ୍ (କ୍ୟାପ୍‌ଟେନ୍), ଅଭିମନ୍ୟୁ ଈଶ୍ୱରନ୍ (ଭାଇସ୍ କ୍ୟାପ୍‌ଟେନ୍), ସନ୍ଦୀପ ପଟ୍ଟନାୟକ, ବିରାଟ ସିଂହ, ଦିନେଶ ଦାସ, ଶ୍ରୀଦମ୍ ପଲ୍, ଶରନ୍‌ଦୀପ୍ ସିଂହ, କୁମାର କୁଶାଗ୍ର, ରିୟାନ୍ ପରାଗ, ଉତ୍କର୍ଷ ସିଂହ, ମନୀଷୀ, ସୁରଜ ସିନ୍ଧୁ ଜୟସ୍ୱାଲ୍, ମୁକେଶ କୁମାର, ଆକାଶ ଦୀପ୍, ମହମ୍ମଦ ଶମୀ।

**ଷ୍ଟାଣ୍ଡବାଇ ଖେଳାଳି:** ମୁକ୍ତାର ହସେନ୍, ଆଶୀର୍ବାଦ ସ୍ୱାଇଁ, ବୈଭବ ସୂର୍ଯ୍ୟବଂଶୀ, ସ୍ୱସ୍ତିକ ସାମଲ, ସୁଦୀପ କୁମାର ଘରାମି, ରାହୁଲ ସିଂହ।

### ଦକ୍ଷିଣ-ପୂର୍ବ ରେଳପଥରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ

# ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥପାଠ କରାଇଲେ ଅତିରିକ୍ତ ମହାପ୍ରବନ୍ଧକ



**କୋଲକାତା,୧/୮,ଏଜେନ୍ସି:** ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଦିଣ-ପୂର୍ବ ରେଳପଥ ପକ୍ଷରୁ ଅଗଷ୍ଟ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ମୁଖ୍ୟାଳୟ ଏବଂ ବିଭିନ୍ନ ଡିଭିଜନ୍‌ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ଅବସରରେ ଶୁକ୍ରବାର ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟାଳୟ ଗାର୍ଡେନରିଚ୍‌ରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଛନ୍ତି। ଏହି ଅବସରରେ ଅଧିକାରୀମାନେ ସ୍ୱଚ୍ଛତା ବଜାୟ ରଖିବା ଏବଂ ଭାରତକୁ ଏକ ସ୍ୱଚ୍ଛ ଏବଂ ସୁନ୍ଦର ଦେଶ ରଖିବା ପାଇଁ ଶପଥ ନେଇଥିଲେ। ଏହା ସହିତ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧ ରହିବା ଏବଂ ଏଥିପାଇଁ ସମୟ ଉତ୍ସର୍ଗ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ।

ଶପଥଗ୍ରହଣ ଉତ୍ସବରେ ମୁଖ୍ୟାଳୟର ବିଭିନ୍ନ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗକୁ ଦକ୍ଷିଣ-ପୂର୍ବ ରେଳବାଇର ମୁଖ୍ୟାଳୟ ଏବଂ ଚାରୋଟି ଡିଭିଜନ୍‌ରେ ଆହୁରି ସ୍ୱଚ୍ଛତା କାର୍ଯ୍ୟକଳାପ ଆୟୋଜନ କରାଯିବ ଏବଂ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିବେ।

# ପେଟ୍ ସଫା ଓ ସନ୍ ଅଫ୍ ସରଦାର ୨ ସ୍ୱାସ୍ଥ୍ୟ ଓ ମନୋରଞ୍ଜନର ଯୋଡ଼ି

### ଯେତେବେଳେ ତୁମର ପେଟ ସଫା ଥାଏ, ଜୀବନ ଚିନ୍ତାମୁକ୍ତ ଅନୁଭବ ହୁଏ: ଅଜୟ ଦେବଗନ୍





**ଚଣ୍ଡିଗଡ଼,୧।୮/ଏଜେନ୍ସି:** ବିଜୟ କୁମାର ଆରୋରାଙ୍କ ନିର୍ଦ୍ଦେଶିତ 'ସନ୍ ଅଫ୍ ସରଦାର-୨' ଏକ ଆକ୍ସନ୍-କମେଡି ହିନ୍ଦୀ ଚଳଚ୍ଚିତ୍ର, ଯେଉଁଥିରେ ଅଜୟ ଦେବଗନ୍, ସଞ୍ଜୟ ଦତ୍ତ, ମୃଣାଲ୍ ଠାକୁର, ମୁକୁଲ ଦେବ ଏବଂ ରବି କିଶନଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମର କାହାଣୀ ଜଣେ ଏପରି ବ୍ୟକ୍ତିଙ୍କ ଚାରିପାଖେ ଘୁରିବୁଲୁଛି, ଯିଏ ଜଣେ ଜାଲ୍ ଯୁଦ୍ଧ ନାୟକ ଭାବେ ଏକ ପ୍ରେମୀ ଯୁଗଳଙ୍କୁ ବିବାହ ପାଇଁ ସେମାନଙ୍କ ପରିବାରର ଅନୁମୋଦ ଲାଭରେ ସହାୟତା କରୁଛି। ଏହି ଚଳଚ୍ଚିତ୍ରଟି ହାସ୍ୟରସ, ଭାବନା ଏବଂ ପାରିବାରିକ ଗତିଶୀଳତାକୁ ଏକ ଆକର୍ଷଣୀୟ ଉପାୟରେ ମିଶ୍ରଣ କରିଥାଏ।

ଉଦ୍ୟୋଗୀ ଏବଂ ନିବେଶକ ଡକ୍ଟର ସଞ୍ଜୀବ ଜୁନେଜା ଚଳଚ୍ଚିତ୍ରର ସଫଳତା ପାଇଁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ସୁଟିଂ ସମୟରେ ଅଜୟ ଦେବଗନ୍ ମନ୍ତବ୍ୟ ଦେଇଥିଲେ 'ଉତ୍ସବଗୁଡ଼ିକ ସର୍ବଦା ମହାନ୍ ହେବା ଉଚିତ, କାରଣ ଯେତେବେଳେ ତୁମର ପେଟ ହାଲୁକା ଥାଏ, ଜୀବନ ଚିନ୍ତାମୁକ୍ତ ଅନୁଭବ ହୁଏ। ସେଥିପାଇଁ ମୁଁ 'ପେଟ୍ ସଫା'ର ସୁପାରିସ କରେ। ଏହା କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡିଟି ଦୂର କରିବାରେ ସାହାଯ୍ୟ କରେ।'

ଡିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ପ୍ରତିନିଧି କହିଛନ୍ତି ଯେ ଫିଲ୍ମର ଶକ୍ତି ଏବଂ ବ୍ୟାପକ ଦର୍ଶକଙ୍କ ସହ ଯୋଡ଼ି ହେବାର କ୍ଷମତାକୁ ବିଚାରକୁ ନେଇ ସେମାନେ ସେମାନଙ୍କର ପ୍ରମୁଖ ଉତ୍ପାଦ 'ପେଟ ସଫା ଆୟୁର୍ବେଦିକ ଲାକ୍ସିଭ୍ ଗ୍ରୀନ୍ ଟି' ପାଇଁ 'ସନ୍ ଅଫ୍ ସରଦାର-୨'କୁ ପ୍ରମୋସନାଲ୍ ପାର୍ଟନର ଭାବରେ ବାଛିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, 'ଯଦି ସକାଳେ ଆପଣଙ୍କ ପେଟ ସମ୍ପୂର୍ଣ୍ଣ ସଫା ହେଉ ନଥାଏ, ତେବେ ରାତିରେ ଶୋଇବା ସମୟରେ କେବଳ ଗୋଟିଏ କପ୍ ପେଟ ସାଫା ଗ୍ରୀନ୍ ଟି ପିଅନ୍ତୁ। ସକାଳେ ଆପଣ ଗୋଟିଏ ଝଟ୍‌କାରେ ସମ୍ପୂର୍ଣ୍ଣ ସତେଜ ଏବଂ ହାଲୁକା ଅନୁଭବ କରିବେ।'


# କେ. ଜେ. ପଟେଲ୍ ଇଫ୍‌କୋର ନୂଆ ପରିଚାଳନା ନିର୍ଦ୍ଦେଶକ

**ଭୁବନେଶ୍ୱର,୧।୮/ଏନ୍‌ଏନ୍‌ଏସ୍:** ବିଶ୍ୱର ଅନ୍ୟତମ ସର୍ବବୃହତ୍ ସମବାୟ ସାର ଉତ୍ପାଦକ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ (ଇଫ୍‌କୋ) ୟୁଏସ୍ ଅବସ୍ଥୀଙ୍କ ଅବସରରେ ପରେ କେ.ଜେ ପଟେଲ୍‌ଙ୍କୁ ନୂଆ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ କରିଛି। ସମବାୟ କ୍ଷେତ୍ରରେ ତୃଣମୂଳ ସ୍ତରରେ ଗଭୀର ଜ୍ଞାନ ରଖିଥିବା ଶ୍ରୀ ପଟେଲ୍ ୧୯୮୫ରେ ଇଫ୍‌କୋରେ ଜଣେ ସ୍ନାତକ ଇଞ୍ଜିନିୟର୍ ଶିକ୍ଷାନବୀଶ (ଜିଇଏ) ଭାବେ ଯୋଗ ଦେଇ ଦୀର୍ଘ ୪୦ ବର୍ଷ ଧରି ସଂଗଠନର ବିଭିନ୍ନ ୟୁନିଟ୍‌ରେ କାର୍ଯ୍ୟ କରିଆସିଛନ୍ତି। ଓଡ଼ିଶା ଲୋକଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖୁଥିବା ଶ୍ରୀ ପଟେଲ୍ ଇଫ୍‌କୋର ପ୍ରମୁଖ ସାର କାରଖାନା ମଧ୍ୟରୁ ଅନ୍ୟତମ ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ଉତ୍କୃଷ୍ଟ ସେବା ପ୍ରଦାନ କରିଛନ୍ତି। ୟୁନିଟ୍‌ର ମୁଖ୍ୟ ଭାବେ ତାଙ୍କ ସେବା କାଳ ମଧ୍ୟରେ କାର୍ଯ୍ୟ ଦକ୍ଷତା ବୃଦ୍ଧି, ଶକ୍ତି ପରିଚାଳନା ଅଭ୍ୟାସକୁ ସୁଦୃଢ଼ କରିବା ଏବଂ ପ୍ଲାଣ୍ଟ ପରିଚାଳନାର ଆଧୁନିକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ପାରାଦୀପ ୟୁନିଟ୍ ସ୍ଥାନୀୟତ୍ୱ, ପରିବେଶ ଏବଂ ଶକ୍ତି ସଂରକ୍ଷଣ ଏବଂ ଉତ୍ପାଦକତା ବୃଦ୍ଧି କ୍ଷେତ୍ରରେ ବହୁଳ ପ୍ରଶଂସିତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହିତ



ଘନିଷ୍ଠ ସମ୍ପର୍କ ଏବଂ ଅନ୍ତର୍ଭୁକ୍ତି ଅଭିବୃଦ୍ଧି ତାଙ୍କୁ କର୍ମଚାରୀ ଅଂଶୀଦାରଙ୍କ ମଧ୍ୟରେ ପ୍ରଶଂସାଭାଜନ କରିଥିଲା।

ଏମ୍ଡି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ପଟେଲ ଇଫ୍‌କୋ ବୋର୍ଡ ଏବଂ ସଦସ୍ୟ ସମବାୟ ସଂସ୍ଥାଗୁଡ଼ିକର ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଇଫ୍‌କୋ ସମବାୟ ଏବଂ ସାର କ୍ଷେତ୍ରରେ ଏକ ବିଶ୍ୱ ମଡେଲ୍ ଭାବେ ସ୍ଥାନିତ କରିଥିବା ଡକ୍ଟର ୟୁଏସ୍ ଅବସ୍ଥୀଙ୍କ ପଥପ୍ରଦର୍ଶକ ନେତୃତ୍ୱ ପାଇଁ ସେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।





Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra